cmyk cmyk cmyk

76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୧୫ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୮୮ ● କଟକ ● ସୋମବାର ● ୫ ଜୁନ-୨୦୨୩ ● ବୃଷ ୨୦ ● ସାଲ୍ ୧୪୩୦

CUTTACK ● MONDAY ● 5 JUNE-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

## ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ସ୍ନାନଯାତ୍ରା ସଂପନ୍ନ

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ପୁରୀ, (ପିପିଏସ) : ସ୍ନାନ ପୂର୍ଣ୍ଣମୀରେ ଆଜି ସ୍ନାନମଣ୍ଡପରେ ଭକ୍ତଙ୍କୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଶ୍ରୀଜୀଉଙ୍କ ହାତୀ ବେଶ ପାଇଁ ନିର୍ଦ୍ଧାରିତ ସମୟ ଅପରାହ୍ନ ୨ଟା ୪୦ ରହିଥିଲା । ସ୍ନାନ ମଣ୍ଡପରେ ରକ୍ତଛିଟା ପଡିବାକୁ ନେଇ ପ୍ରାୟ ୩ ଘଂଟା ବିଳମ୍ବରେ ଶ୍ରୀଜୀଉଙ୍କ ହାତୀ ବେଶ ଅନୁଷ୍ଠିତ ହୋଇଛି । ରଥଯାତ୍ରାର ପ୍ରାରମ୍ଭିକ ପର୍ବ ସ୍ନାନପୂର୍ଣ୍ଣମୀରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦିରୁ ପହଣ୍ଡି ହୋଇ ସ୍ନାନବେଦିରେ ବିରାଜମାନ କରିଛନ୍ତି । ସ୍ନାନବେଦିରେ ୧୦୮ ଗଡୁ ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିଛନ୍ତି । ଶ୍ରୀ ଜଗନ୍ନାଥଙ୍କୁ ୩୫ ଗଡୁ ଜଳ, ବଳଭଦ୍ରଙ୍କୁ ୩୩ ଗଡୁ, ସୁଭଦ୍ରାଙ୍କୁ ୨୨ ଗଡୁ ଓ ସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ସ୍ନାନ କରାଯାଇଛି । ଦଇତାପତି ଓ ଗରାବଡୁ ସେବାୟତ ମାନେ ବିଧି ମୁତାବକ ଏହି ଜଳ ଲାଗି କାର୍ଯ୍ୟ ସମାପନ କରିଥିଲେ । ରାଘବ ଦାଶ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଭଦ୍ରାଙ୍କ ପାଇଁ ଫୁଲଚୁଳ, ଚନ୍ଦ୍ରିକା ଓ ଛତ୍ରୀ ଯୋଗାଇ ଦିଆଯାଇଥିଲା । ସେହିପରି ଗୋପାଳ ତୀର୍ଥ ମଠ ପକ୍ଷରୁ ବଳଭଦ୍ରଙ୍କ ପାଇଁ ଗଜାନନ ବେଶ ଯୋଗାଇ ଦିଆଯାଇଥିଲା ।

ଆଜିର ସ୍ୱତନ୍ତ୍ର ନୀତିକାନ୍ତି ଅନୁଯାୟୀ, ଭୋର୍ ୪ଟା ୪୫ରେ ମଙ୍ଗଳାର୍ପଣ, ୪ଟା ୫୦ରେ ଡୋରଲାଗି, ପୁଷ୍ପାଞ୍ଜଳି ଓ ପହଣ୍ଡି ଆରମ୍ଭ ହୋଇଥିଲା । ସକାଳ ୬ଟା ୩୦ ରେ ପହଣ୍ଡି ଶେଷ ହୋଇଥିଲା । ୭ଟା ୧୫ ରେ ରୁନ୍ଧା ଶେଷ, ୭ଟା ୨୦ ରେ ମଦନମୋହନ ବିଜେ, ୮ଟା ୫ରେ ମଙ୍ଗଳଆରତୀ , ୮ଟା ୧୦ ରେ ମଇଲମ, ୮ଟା ୨୦ ରେ ତଡ଼ପ ଲାଗି ଏବଂ ୯ଟା ୨୫ ରେ ଅଧର ପୋଛା ନୀତି ସମ୍ପନ୍ନ ହୋଇଥିଲା । ୯ଟା ୪୫ ରେ ଅବକାଶ ଶେଷ, ୯ଟା ୫୦ ରେ ମଇଲମ ଓ ରୋଷହୋମ, ୧୦ଟା ୩୦ ରେ ବେଶ ଶେଷ ହୋଇଥିଲା । ପୂର୍ବାହ୍ନ ୧୦ଟା ୪୫ରେ ସୂର୍ଯ୍ୟପୂଜା, ୧୧ଟା ୧୫ରେ ଦ୍ୱାରପାଳ ପୂଜା, ୧୧ଟା ୪୦ରେ ଜଳବିଜେ, ୧୨ଟା ୨୦ରେ ଜଳଲାଗି ପୂଜା, ଅପରାହ୍ନ ୧ଟା ୨୫ରେ ଜଳଲାଗି ଶେଷ, ୧ଟା ୩୦ରେ ମଇଲମ, ପରେ ରକ୍ତଛିଟା ଯୋଗୁଁ ବଡ ମହାସ୍ନାନ ହୋଇଥିଲା । ସେଥିପାଇଁ ହାତୀ ବେଶରେ ବିଳମ୍ବ ହୋଇଥିଲା ।

ଭିଡ଼ ନିୟନ୍ତ୍ରଣ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକରୁ ୩ ଥାକିଆ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି । ମନ୍ଦିର ଭିତରେ ଓ ବାହାରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସିସିଟିଭି ୨୪ ଘଂଟିଆ ନଜର ରଖିଛି ଭକ୍ତଙ୍କ ଉପରେ । କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂହଙ୍କ ନେତୃତ୍ୱରେ ୭୪ ପ୍ଲାଟୁନ ପୋଲିସ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହୋଇଛନ୍ତି । ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ମେଡ଼ିକାଲ ଛକରୁ ମରଚିକୋଟ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରୁ ଉଠାଦୋକାନି ମାନଙ୍କୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ।

କଥିତ ଅଛି, ମହାରାଷ୍ଟ୍ରର ଜଣେ ଭକ୍ତ ମହାପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କରିବା ପାଇଁ ଚାହିଁଥିଲେ । ଶ୍ରୀଜୀଉଙ୍କୁ ହାତୀ ବେଶରେ ନଦେଖି ଭକ୍ତ ମନ ଦୁଃଖରେ ଫେରି ଯାଉଥିଲେ । ଏହି ସମୟରେ ଶୂନ୍ୟ ବାଣୀ ହେଲା ସ୍ନାନବେଦି ଉପରେ ଗଜାନନ ବେଶରେ ମୋତେ ଦର୍ଶନ କର । ସେହିଦିନ ଠାରୁ ସ୍ନାନ ବେଦି ଉପରେ ଶ୍ରୀଜୀଉଙ୍କୁ ହାତୀ ବେଶ କରାଯାଉଛି । ମହାପ୍ରଭୁଙ୍କୁ ସ୍ନାନ ବେଦିରେ ଦର୍ଶନ କଲେ ମହାପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ବାହାନଗା ରେଳ ଦୁର୍ଘଟଣା

# ସିବିଆଇ ତଦନ୍ତ ପାଇଁ ସୁପାରିଶ

ଭୁବନେଶ୍ୱର, (ପିପିଏସ) : ବାଲେଶ୍ୱର ବାହାନାଗା ଟ୍ରେନ ଦୁର୍ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଛି ରେଳବାଇ ବୋର୍ଡ । ଗଣମାଧ୍ୟମକୁ ଆଜି ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଦୁର୍ଘଟଣା ଘଟିଥିବା ରେଳଟ୍ରାକର ମରାମତି ନେଇ ସେ ସୂଚନା ଦେଇଛନ୍ତି ।ନଷ୍ଟ ହୋଇ ଯାଇଥିବା ରେଳଲାଇନ ପୁଣି ଟ୍ରେନ ଚଳାଚଳ ପାଇଁ ପ୍ରସ୍ତୁତ ହୋଇସାରିଲାଣି ବୋଲି ସେ କହିଛନ୍ତି । ଭୁବନେଶ୍ୱର ଏମ୍ସ, ସୋର, କଟକ ବଡ ମେଡିକାଲ, ଭଦ୍ରକ ଡାକ୍ତରଖାନାରେ ସମସ୍ତ ଆହତଙ୍କ ଚିକିତ୍ସା ଚାଲିଛି । ଆହତ ଓ ମୃତକଙ୍କ ପରିବାରକୁ ସୂଚନା ଦିଆଯାଉଛି । ଶୁକ୍ରବାର ଘଟିଥିବା ଏହି ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୨୭୫ ଜଣ ପ୍ରାଣ ହରାଇଛନ୍ତି । ଏବେ ବି ଏହି ରୁଟରେ ଚଳାଚଳ ସ୍ୱାଭାବିକ ହୋଇପାରିନାହିଁ। ଶୁକ୍ରବାର ସଂଧ୍ୟାରେ ବାଲେଶ୍ୱର ବାହାନଗାରେ ଘଟିଥିବା ଛାତିଥରା ଦୁର୍ଘଟଣାର ସତ ଧୀରେ ଧୀରେ ସାମ୍ନାକୁ ଆସୁଛି । ଦୁଇଟି ଏକ୍ସପ୍ରେସ ଓ ମାଲଗାଡି ଟ୍ରେନ ମଝିରେ କେମିତି ହୋଲ ଦୁର୍ଘଟଣା ଏହାକୁ ନେଇ ଦ୍ୱନ୍ଦ୍ୱ ରହିଛି । ତେବେ ପ୍ରାଥମିକ ତଦନ୍ତ ପରେ ରେଲୱେ ବୋର୍ଡ ସଦସ୍ୟ ସ୍ପଷ୍ଟୀକରଣ ରଖି କରମଣ୍ଡଳ କେମିତି ଦୁର୍ଘଟଣାର ଶିକାର ହେଲା କହିଛନ୍ତି । ଦୁର୍ଘଟଣା ସ୍ଥଳରେ ସମାନ୍ତରାଳ



ଭାବେ ଚାରୋଟି ରେଳ ଧାରଣା ରହିଛି । ମଝି ଦୁଇଟି ମୁଖ୍ୟ ଲାଇନ୍ ଓ ଅନ୍ୟ ଦୁଇଟି ରେଳ ଧାରଣାକୁ ଲୁପ୍ ଲାଇନ୍ କୁହାଯାଇଥାଏ । ଦୁର୍ଘଟଣା ସମୟରେ ଦୁଇ ଲୁପ ଲାଇନରେ ଦୁଇଟି ମାଲଗାଡି ଛିଡା ହୋଇଥିଲା । କଲିକତା ପଟୁ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ ମୁଖ୍ୟ ଲାଇନ୍ ଦେଇ ଭୁବନେଶ୍ୱର ଦିଗରେ ୧୨୮ କିଲୋମିଟର ବେଗରେ ଆସୁଥିଲା । ବାହାନଗା ଷ୍ଟେସନ ଅତିକ୍ରମ କରିବା ବେଳେ ଟ୍ରେନକୁ ସବୁଜ ସଙ୍କେତ ମଧ୍ୟ ମିଳିଥିଲା । କିନ୍ତୁ କୌଣସି କାରଣ ବଶତଃ କରମଣ୍ଡଳ ଟ୍ରେନଟି ମୁଖ୍ୟ ଲାଇନରେ ନଯାଇ ଲୁପ ଲାଇନକୁ ପଳାଇ ଆସିଥିଲା ଓ ଲୁହା ପଥର ବୋଝେଇ ମାଲଗାଡିକୁ ଧକ୍କା ଦେଇଥିଲା । ଫଳରେ ଟ୍ରେନର ଇଞ୍ଜିନ ମାଲଗାଡି ଉପରେ ଚଢି ଯାଇଥିବା ବେଳେ ଅନ୍ୟ ବଗି ଗୁଡିକ ଧାରଣାରୁ ବାହାରି ଯାଇଥିଲା । ସେଥିରୁ କିଛି ବଗି ଅନ୍ୟ ମେନ ଲାଇନରେ ପଡିଥିବା ବେଳେ ସମାନ ସମୟରେ ଭୁବନେଶ୍ୱର ଆଡୁ ହାଓ୍ୱଡା ଅଭିମୁଖେ ୧୨୬ କିଲୋମିଟର ବେଗରେ ଯାଉଥିବା ଅନ୍ୟ ଏକ୍ସପ୍ରେସ ପଛ ଦୁଇ ବଗିରେ ମାଡ ହୋଇଥିଲା ।ରେଲୱେ ବୋର୍ଡ ସଦସ୍ୟଙ୍କ ସୂଚନା ଅନୁସାରେ କରମଣ୍ଡଳର ବଗି ଗୁଡିକ ଏକ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଥାଏ । ଯାହା ଛୋଟମୋଟ ଦୁର୍ଘଟଣାରେ ଧନଜୀବନ କ୍ଷୟକ୍ଷତିକୁ କମାଇଥାଏ । କିନ୍ତୁ ଏହି ଘଟଣାରେ ଏହା ଯେଉଁ ମାଲଗାଡି ସହ ଧକ୍କା ହୋଇଥିଲା ତାହା ଏତେ ଓଜନଦାର ଥିଲା ଯେ ଲାଇନ ଚ୍ୟୁତ ମଧ୍ୟ ହୋଇନଥିଲା । ଏବଂ ଧକ୍କା ହେବାର ସମସ୍ତ ପ୍ରଭାବ କରମଣ୍ଡଳର ବଗି ଗୁଡିକ ଉପରେ ହିଁ ପଡିଥିଲା । ଫଳରେ ଅଧିକ କ୍ଷୟକ୍ଷତି ହୋଇଥିବା କହିଛନ୍ତି ରେଲୱେ ବୋର୍ଡ ସଦସ୍ୟ । ଏହାସହ ହାଓ୍ୱଡା ଅଭିମୁଖେ ଯାଉଥିବା ଟ୍ରେନରେ ପଛ ଦୁଇ ବଗିରେ ମଧ୍ୟ ଧନଜୀବନ କ୍ଷୟକ୍ଷତି ହୋଇଛି ।ଯଦିଓ ଦୁର୍ଘଟଣାର କାରଣ ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି । କିନ୍ତୁ କରମଣ୍ଡଳ କେଉଁ ପରିସ୍ଥିତିରେ ନିର୍ଦ୍ଧାରିତ ଧାରଣା ଛାଡି ମାଲବାହି ଟ୍ରେନ ଥିବା ଧାରଣାକୁ ପ୍ରବେଶ କଲା ତାହା ଏବେ ବି ଅସ୍ପଷ୍ଟ । ଟ୍ରେନ କେଉଁଧାରଣାରେ ଯିବ ତାହା ନିର୍ଦ୍ଧାରଣ କରୁଥିବା ଇଣ୍ଟର ଲକଂ ସିଷ୍ଟମରେ ପରିବର୍ତ୍ତନ ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତ ପରେ ରେଳମନ୍ତ୍ରୀ କହିଛନ୍ତି । ତେବେ ତଦନ୍ତ କରୁଥିବା ରେଲୱେ ସେଫଟି କମିଶନରଙ୍କ ରିପୋର୍ଟ ସର୍ବସାଧାରଣ ହେବା ପରେ ଦୁର୍ଘଟଣା ପାଇଁ କିଏ ଦାୟୀ ତାହା ଜଣାପଡିବ ।

## ଦୁଇ ଲୋକୋ ପାଇଲଟ୍ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି

ଖୋର୍ଦ୍ଧା, (ପିପିଏସ) : ଗତ ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବାହାନଗା ଅଂଚଳରେ ଛାତିଥରା ରେଳ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ୨୭୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳୁଛି । ତେବେ ଏହି ଦୁର୍ଘଟଣାରେ କରମଣ୍ଡଳ ଏକ୍ସପ୍ରେସର ଦୁଇ ଲୋକୋ ପାଇଲଟ ଏବେ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ଏକ୍ସପ୍ରେସର ଲୋକୋ ପାଇଲଟ୍ ଗୁଣନିଧି ମହାନ୍ତି ଓ ଆସିଷ୍ଟାଂଟ ଲୋକୋ ପାଇଲଟ୍ ହଜାରୀ ବେହେରା ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଉଭୟଙ୍କ ମୁଣ୍ଡ, ବେକ ଓ ଛାତିରେ ଗଭୀର ଆଘାତ ଲାଗିବା ସହ ସେମାନେ ସଜ୍ଞାହୀନ ଅବସ୍ଥାରେ ଅଛନ୍ତି । ଗୁଣନିଧି ଭୁବନେଶ୍ୱରରେ ରହୁଥିବା ବେଳେ ହଜାରୀ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସୋରଣ ଗ୍ରାମର ବାସିନ୍ଦା । ହଜାରୀ ବେହେରା ଓ ତାଙ୍କର ଧର୍ମପତ୍ନୀ ଉଭୟ ଲୋକୋ ପାଇଲଟ୍ ବୋଲି ଜଣାପଡିଛି । ହଜାରୀ କରମଣ୍ଡଳ ଟ୍ରେନ୍ରେ ଲୋକୋ ପାଇଲଟ୍ ଭାବେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ତାଙ୍କ ଧର୍ମପତ୍ନୀ ଅନ୍ୟ ଏକ ଟ୍ରେନ୍ରେ ଲୋକୋ ପାଇଲଟ୍ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ଏହି କଥାବାର୍ତ୍ତା ବେଳେ ସେ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଯାତ୍ରୀମାନଙ୍କର ଜୀବନ ରକ୍ଷା କରିବା ଲାଗି ଯଥାସମ୍ଭବ ଉଦ୍ୟମ ଚାଲିଥିବା କଥା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫୋନ୍ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କହିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି କଥାବାର୍ତ୍ତାରେ ପ୍ରଧାନମନ୍ତ୍ରୀଙ୍କୁ ଦୁର୍ଘଟଣା ସଂକ୍ରାନ୍ତ ସଦ୍ୟତମ ସୂଚନା ପ୍ରଦାନ କରିବା ବେଳେ ଆହତ ରେଳଯାତ୍ରୀଙ୍କ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆହତମାନଙ୍କ ଜୀବନ ରକ୍ଷା କରିବା ଲାଗି ଡାକ୍ତର ଓ ଡାକ୍ତରୀଛାତ୍ରଛାତ୍ରୀମାନେ ପାରୁପର୍ଯ୍ୟନ୍ତ ଚେଷ୍ଟା ଚଳାଇଛନ୍ତି । ଆହତମାନଙ୍କୁ ରକ୍ତ ଦେବା ଲାଗି ଡାକ୍ତର, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଆଗେଇ ଆସୁଛନ୍ତି । ସେ କହିଛନ୍ତି ଯେ 'ପ୍ରତ୍ୟେକ ଜୀବନ ଅମୂଲ୍ୟ' ନୀତିକୁ ଅନୁସରଣ କରି ଉଦ୍ଧାର ଅଭିଯାନ ପ୍ରାରମ୍ଭରୁ ଆହତ ଯାତ୍ରୀମାନଙ୍କୁ ଡାକ୍ତରଖାନାକୁ ନେବା, ଚିକିତ୍ସା ବନ୍ଦୋବସ୍ତ କରି ଜୀବନ ରକ୍ଷା କରିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ପ୍ରାୟ ୧୧୭୫ଜଣ ଆହତ ଯାତ୍ରୀଙ୍କ ମଧ୍ୟରୁ ୭୩୯ଜଣଙ୍କୁ ଡାକ୍ତରଖାନାରୁ 'ଡିସ୍‌ଚାର୍ଜ' କରାଯାଇଛି । ଅଧିକାଂଶ ଆହତଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । ସମ୍ପ୍ରତି ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ୩୮୨ଜଣ ଯାତ୍ରୀ ଚିକିତ୍ସାଧୀନ ଅଛନ୍ତି ।

# ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କଲେ ମାଣ୍ଡଭିୟ

ଭୁବନେଶ୍ୱର, (ପିପିଏସ) : କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଭୁବନେଶ୍ୱରରେ ପହଂଚିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏମ୍ସ ଅଭିମୁଖେ ଯାଇଥିଲେ । ସେଠାରେ ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାହାନଗାରେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଆହତଙ୍କ ଚିକିତ୍ସାକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ସହ ଫୋନରେ କଥା ହୋଇଥିଲେ । ଅନ୍ୟପକ୍ଷରେ ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତଙ୍କ ଜୀବନ ବଞ୍ଚାଇବାକୁ ଚାଲିଛି ସମସ୍ତ ପ୍ରକାର ଚେଷ୍ଟା ଚାଲିଥିବା ବେଳେ ଆଜି ଦିଲ୍ଲୀ ଏମ୍ସ ସମେତ ବିଭିନ୍ନ ପ୍ରତିଷ୍ଠାନରୁ ବିଶେଷଜ୍ଞ ଡାକ୍ତରୀ ଟିମ ଆସି ଭୁବନେଶ୍ୱରରେ ପହଂଚିଥିବା ଜଣା ପଡିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବୀୟ । ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି , 'ଦିଲ୍ଲୀ ଏମ୍ସ, ଲେଡି ହାର୍ଡିଂସ ତଥା ଅନ୍ୟାନ୍ୟ ପ୍ରତିଷ୍ଠାନର ବିଶେଷଜ୍ଞମାନେ ଅତ୍ୟାଧୁନିକ ଯନ୍ତ୍ରପାତି ସହ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି । ବିଶେଷଜ୍ଞ ଟିମ ସହ ସବିଶେଷ ଆଲୋଚନା ହୋଇଛି । କେଉଁ ସ୍ଥାନରେ କେଉଁ ବିଶେଷଜ୍ଞ ଡାକ୍ତର ନିୟୋଜିତ ହେବେ ତାହାର ନିର୍ଦ୍ଧାରଣ କରାଯାଇଛି । ଏଥିଲାଗି ୱାର୍କିଂ ପ୍ଲାନ ମଧ୍ୟ କରାଯାଇଛି ।' ଆଗକୁ ସେ କହିଛନ୍ତି, '୧୦୦ରୁ ଅଧିକ ଆହତଙ୍କ ଲାଗି କ୍ରିଟିକାଲ କେୟାର ବ୍ୟବସ୍ଥା ଜରୁରୀ ହୋଇଛି । ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା ଲାଗି ଶତଚେଷ୍ଟା କରାଯାଉଛି ।'

## ଆହତମାନଙ୍କୁ ଏସସିବିରେ ଭେଟିଲେ ତିନି କେନ୍ଦ୍ରମନ୍ତ୍ରୀ

କଟକ, (ପିପିଏସ) : ବାଲେଶ୍ୱର ଜିଲ୍ଲାର ବାହାନାଗା ରେଳ ଷ୍ଟେସନ ନିକଟରେ ହୋଇଥିବା ଭୀଷଣ ରେଳ ଦୁର୍ଘଟଣାରେ ଆହତ ହୋଇ କଟକ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆହତ ମାନଙ୍କୁ ତିନି କେନ୍ଦ୍ରମନ୍ତ୍ରୀ ଭେଟିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏସସିବି ମେଡ଼ିକାଲ ପହଞ୍ଚି ଆହତମାନଙ୍କୁ ଭେଟିଛନ୍ତି । ପ୍ରଥମେ ଏସସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ବାଲେଶ୍ୱର ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଯାତ୍ରୀଙ୍କୁ ଭେଟିଥିଲେ ।

# ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ) : ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣାରେ ମୃତକ ଓ ଆହତଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ସମ୍ପର୍କରେ ଘୋଷଣା କରିଛନ୍ତି । ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ବାହାନଗା ଟ୍ରେନ୍ ଦୁର୍ଘଟଣାର ଶିକାର ହୋଇପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଦିଆଯିବ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମଧ୍ୟ ତାଙ୍କର ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଚୂଡ଼ାନ୍ତ ମୃତ୍ୟୁସଂଖ୍ୟା ୨୭୫ : ମୁଖ୍ୟ ସଚିବ

ଭୁବନେଶ୍ୱର, (ପିପିଏସ) : ବାଲେଶ୍ୱର ଜିଲ୍ଲାର ବାହାନାଗା ରେଳ ଷ୍ଟେସନ ନିକଟରେ ହୋଇଥିବା ଭୀଷଣ ରେଳ ଦୁର୍ଘଟଣା ଗତକାଲି ସୁଦ୍ଧା ମୃତକଙ୍କ ସଂଖ୍ୟା ସରକାରୀ ଭାବେ ୨୮୮ ଥିବା ବେଳେ ଆଜି ମୃତ୍ୟୁ ସଂଖ୍ୟା ୨୭୫ ବୋଲି ସୂଚନା ଦିଆଯାଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଦୁର୍ଘଟଣା ପରେ ଗଣନା ବେଳେ କିଛି ତୃଟି ହୋଇଯାଇଥିଲେ । ହେଲେ ବର୍ତ୍ତମାନ ସବୁକୁ ତନଖି କରି ବାଲେଶ୍ୱର ଜିଲ୍ଲାପାଳ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି । ତାଙ୍କ ଲିଖିତ ତଥ୍ୟ ଅନୁଯାୟୀ, ବାହାନଗା ଟ୍ରେନ ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଛି । ସେ ମଧ୍ୟରୁ ୭୮ ମୃତଦେହକୁ ଚିହ୍ନଟ କରାଯାଇ ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି । ଆଉ ୧୦ ମୃତଦେହ ଚିହ୍ନଟ କରାଯାଇଛି ଓ ଖୁବଶୀଘ୍ର ହସ୍ତାନ୍ତର ହେବ ବୋଲି ସେ କହିଛନ୍ତି । । ବାକି ୧୮୭ଟି ମୃତଦେହକୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ମୃତଦେହ ଚିହ୍ନଟ ଓ ଗ୍ରହଣ ଲାଗି ଟ୍ରୋଲ ଫ୍ରି ନମ୍ବର ୧୮୦୦୩୪୫୦୦୬୧ ଜାରି କରାଯାଇଛି । ଯେଉଁମାନେ ମୃତଦେହ ଚିହ୍ନଟ ପାଇଁ ଆସୁଛନ୍ତି ସେମାନେ ଏହି ନମ୍ବରରେ କଲ କରି ପାରିବେ । ଆମର ଅଫିସରମାନେ ସେମାନଙ୍କୁ ସାହାଯ୍ୟ କରିବେ । ସେମାନଙ୍କର କୌଣସି ଅସୁବିଧା ହେବ ନାହିଁ । ରାଜ୍ୟର ଖର୍ଚ୍ଚରେ ମୃତଦେହକୁ ଗନ୍ତବ୍ୟ ସ୍ଥଳକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଛି ବୋଲି ଶ୍ରୀ ଜେନା କହିଛନ୍ତି ।

## ସଂପାଦକୀୟ

### ଧୈର୍ଯ୍ୟର ବନ୍ଧ

## ବାଟେଘାଟେ



କର ମଣ୍ଡଳ ରେଳ କାଳ ହେଲା
ଘଟି ଗଲା ଦୁର୍ଘଟଣା
ସୁନାର ସଂସାର ଚୁନା ହୋଇଗଲା
ବୁଦ୍ଧି ବାଟ ହେଲା ବଣ ।
ଯମ ପୁର ହେଲେ ଟଣା
ବାପ ଆଗେ ପୁଅ ସ୍ତ୍ରୀ ଆଗେ ସ୍ୱାମୀ
ଶବ ସବୁ ହୁଏ ଗଣା
ମରଣ ଦେଲା ଗଂଜଣ ।
ଘରେ ଘରେ ଶୁଭେ ରଡି ବୋବାଳି
ହୃଦୟ ଫଟା କାନ୍ଦଣା

-ରାହୀ

# ମାଫିଆଙ୍କ ପାଇଁ ବୈତରଣୀ ଓ ବୁଢାନଦୀ ଜଳ ବିଷାକ୍ତ

ଯାଜପୁର, (ପିପିଏସ) : ଚିଙ୍ଗୁଡ଼ି ମାଫିଆଙ୍କ ବିଷ ପ୍ରୟୋଗ ରେ ମାଛ ଧରା ଯୋଗୁଁ ଯାଜପୁର ଜିଲ୍ଲାର ବିଭିନ୍ନ ନଦୀ ରୁ ମଧୁର ଜଳ ମାଛ ର ବଂଶ ନିପାତ ହେଉଥିବା ସହିତ ନଦୀ ଜଳ ବିଷାକ୍ତ ହେଉଛି । ବିଶେଷ କରି ବୈତରଣୀ ଓ ଏହାର ଶାଖା ବୁଢ଼ା ନଦୀରେ ଏହି ବିଷ ପ୍ରୟୋଗ ବିଶେଷ ଭାବେ କରାଯାଉଛି ।ନଦୀ ଚିଙ୍ଗୁଡ଼ି ଖୋଲା ବଜାରରେ କିଲୋ ପିଛା ୬୦୦ ଟଙ୍କା ରେ ବିକ୍ରି ହୋଇଥାଏ । ବେପାରୀ ଙ୍କୁ ଏହି ପରିବେଶ ଧ୍ୱଂସ କାରୀ ମାଫିଆ ମାନେ ୫୦୦ ଟଙ୍କା ମୂଲ୍ୟରେ କିଲୋ ପିଛା ଚିଙ୍ଗୁଡ଼ି ଯୋଗାଇଥାନ୍ତି । ବୈତରଣୀ ନଦୀର କେଉଁଝର ଜିଲ୍ଲା ଆନନ୍ଦପୁର ଠାରୁ ଭଦ୍ରକ ଓ ଯାଜପୁର ଜିଲ୍ଲାର ନଦୀ କୂଳବର୍ତ୍ତି ଗ୍ରାମ ର ବ୍ୟକ୍ତି ଏମିତି ବ୍ୟବସ୍ଥା ରେ ବାଇଗଣ ଚାଷରେ ପୋକ ନ ଲାଗିବା ପାଇଁ ପ୍ରୟୋଗ କରାଯାଉଥିବା ଉସ୍ତାଦ ନାମକ ରାସାୟନିକ ବିଷ କୁ ନଇ କୂଳେ କୂଳେ ସୁଅରେ ଛିଂଚି ଥାନ୍ତି ।ଆଉ ସେହି ବିଷ ପାଣିରେ ପଡିବା ମାତ୍ରକେ ତା'ର ଗନ୍ଧ କେବଳ ଚିଙ୍ଗୁଡ଼ି ଙ୍କୁ ଆକର୍ଷିତ କରିଥାଏ ଓ ବିଷ ର ସଂସ୍ପର୍ଶରେ ଚିଙ୍ଗୁଡ଼ି ମାଛ ଆସିବା ମାତ୍ରେ ନିଷ୍କ୍ରିୟ ହୋଇ ପଡିଥାଏ । ଚିଙ୍ଗୁଡ଼ି ନିଷ୍କ୍ରିୟ ହୋଇ ପଡିବା ପରେ ମାଛ ଧରାଳି ମାଫିଆ ଏହାକୁ ପାଣିରୁ

## ସ୍ରୋତରେ ବିଷ ଛାଡ଼ି ଚିଙ୍ଗୁଡ଼ି ସଂଗ୍ରହ

ଛାଣି ଆଣିଥାଏ । ଏହି ପ୍ରକ୍ରିୟା ଚିଙ୍ଗୁଡ଼ି ଶୀକାର ଅତି ପ୍ରତ୍ୟୁଷ ରେ ନଚେତ ସନ୍ଧ୍ୟା ସମୟରେ କରା ଯାଇଥାଏ ବୋଲି ଜଣା ପଡିଛି । କେବଳ ବୈତରଣୀ ଓ ଏହାର ଶାଖା ନଦୀ ନୁହେଁ ଯାଜପୁର ଜିଲ୍ଲା ସମେତ ପଡୋଶୀ ଭଦ୍ରକ, କେଉଁଝର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଜିଲ୍ଲାରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ, ଖରସ୍ରୋତା, ମହାନଦୀ, କାଠଯୋଡି, ବିରୂପା, ଗେଙ୍ଗୁଟି,ତନ୍ତିଘାଇ,ନୂଆ ନଈ,କାଣୀ, ଚିତ୍ରୋତ୍ପଳା,ଗୋବରୀ ଇତ୍ୟାଦି ଅନେକ ନଦୀ ନାଳରୁ ଅନୁରୂପ ଭାବେ ଉସ୍ତାଦ ବିଷ ପ୍ରୟୋଗ କରାଯାଇ ଚିଙ୍ଗୁଡ଼ି ମାଛ ବଂଶ ବିଲୋପ କରାଯାଉଛି । ବିହନ ଦେବା ସମୟରେ ମାଫିଆ ମାନେ ଅଧିକ ସକ୍ରିୟ ହୋଇ ଚିଙ୍ଗୁଡ଼ି ଶୀକାର କରୁଥିବା ରୁ ଧିରେ ଧିରେ ନଦୀ ମାନଙ୍କ ରୁ ମଧୁର ଜଳ ଚିଙ୍ଗୁଡ଼ି ଦୃତ ଭାବେ ହ୍ରାସ ପାଉଛି । ପଶ୍ଚିମବଙ୍ଗ ର କୋଲକାତାରେ ଓଡ଼ିଶା ର ବଡ଼ ସାଇଜ ନଦୀ ଚିଙ୍ଗୁଡ଼ି ର କିଲୋ ପିଛା ମୂଲ୍ୟ ୧ ହଜାର ରୁ ଅଧିକ ରେ ବିକ୍ରୀ ହେଉଥିବା ରୁ ବିଷ ଦେଇ ଚିଙ୍ଗୁଡ଼ି ଶୀକାର ଅଭିଯାନ ରେ ରାଜ୍ୟ ବାହାରର ମାଫିଆ ଙ୍କ ର ମଧ୍ୟ ହାତ ଥିବାର ଜଣାପଡ଼ିଛି । ଏଣେ ବର୍ଷ ବର୍ଷ ଧରି ଚାଲି ଆସିଥିବା ଉକ୍ତ କାରବାର ସମ୍ପର୍କରେ ବନବିଭାଗ, ପରିବେଶ ବିଭାଗ, ଫିସରୀ ବିଭାଗ ସମ୍ପୂର୍ଣ୍ଣ ଭାବେ ଅବଗତ ଥିଲେ ସୁଦ୍ଧା ଏହି ବିଭାଗର ଅସାଧୁ ଅଧିକାରୀ କର୍ମଚାରୀ ମାନଙ୍କ ଅର୍ଥ ଓ ମାଗଣାରେ ନଦୀ ଚିଙ୍ଗୁଡ଼ି ଖାଇବାର ଲାଳସା ଯୋଗୁଁ ଏପରି ବେଆଇନ କାର୍ଯ୍ୟ କୁ ବିଭାଗ ସାମାନ୍ୟ ପ୍ରତିବାଦ ମଧ୍ୟ କରୁନାହିଁ ।ଅନ୍ୟ ପକ୍ଷରେ ବିଷ ପ୍ରୟୋଗ ଦ୍ୱାରା କେବଳ ଚିଙ୍ଗୁଡ଼ି ନୁହେଁ,ଅନ୍ୟ ମାଛ ଓ ଜଳଚର ପ୍ରାଣୀମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । କହିବାକୁ ଗଲେ ନଦୀରେ ଆଉ ପୂର୍ବ ପରି ମଧୁର ଜଳ ମାଛ ସହିତ ଗେଣ୍ଡା,ସାମୁକା ଓ ପରିବେଶ ଉପଯୋଗୀ କୀଟ ଗୁଡ଼ିକ ମଧ୍ୟ ଦେଖିବାକୁ ମିଳୁନାହିଁ ।ଯାହାକି ପରିବେଶ କୁ ଅସନ୍ତୁଳିତ କରିଛି । ପୁନଃଶ୍ଚ ନଦୀ ପାଣି ରେ ସ୍ନାନ ଓ ଅନ୍ୟାନ୍ୟ ବ୍ୟବହାର ସହିତ ଯେଉଁ ନଦୀ କୂଳ ବାସିନ୍ଦା ନଦୀଜଳ କୁ ରୋଷେଇ ପାଇଁ ବ୍ୟବହାର କରନ୍ତି ଏବଂ ଗୋରୁଗାଈ ତଥା ଅନ୍ୟାନ୍ୟ ପଶୁ ପକ୍ଷୀ ନିର୍ଭର କରିଥାନ୍ତି, ସେମାନେ ମଧ୍ୟ ନାନା ରୋଗ ର ଶୀକାର ହେଉଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ଏପରି ଏକ ପ୍ରସଙ୍ଗ କୁ ଆଦୌ ହାଲକା ଭାବେ ନନେଇ ଗୁରୁତ୍ୱ ସହକାରେ ଏଥିପ୍ରତି ଧ୍ୟାନ ଦେବାକୁ ପରିବେଶବିତ୍ ମାନେ ଦାବି କରିଛନ୍ତି ।

# ମହାନଦୀ ଖୋଜୁଛି ପାଣି

ଖଣ୍ଡପଡ଼ା, (ପିପିଏସ) : ଜଳ ବହୁଳେ ସୃଷ୍ଟି ନାଶ ଜଳ ବହୁଳେ ସୃଷ୍ଟିନାଶ ଓଡ଼ିଶାର ବଡ଼ନଦୀ ମହାନଦୀକୁ ଦେଖିଲେ ଜଣାଯାଏ ମହାନଦୀ ଖୋଜୁଛି ପାଣି ନୟାଗଡ଼ ଜିଲ୍ଲାର ପ୍ରାୟ ୩ ଗୋଟି ବ୍ଲକ୍ ଗଣିଆ ବ୍ଲକ୍ ଖଣ୍ଡପଡ଼ା ବ୍ଲକ୍‌ର ୪ ଗୋଟି ଗ୍ରାମପଞ୍ଚାୟତ ଗଣିଆ ବ୍ଲକ୍‌ର ୫ ଗୋଟି ଗ୍ରାମପଞ୍ଚାୟତ ଓ ଭାପୁର ବ୍ଲକ୍‌ର ୫ ଗୋଟି ପଞ୍ଚାୟତର ପ୍ରାୟ ୪୫ କିଲୋମିଟର ମହାନଦୀର ଅବବାହିକା ପାଣି ଦେଖାନାହିଁ । ଯୁଆଡ଼େ ଚାହିଁବ ବାଲିମୟ ଯେଉଁ ମହାନଦୀରେ ବର୍ଷସାରା ପାଣି ଭରପୁର ହୋଇ ରହିଥାଏ ସେହି ମହାନଦୀ ଆଜି ଶୁଖିଲା ପଡ଼ିଛି । ମତ୍ସ୍ୟଜୀବିମାନେ ବର୍ଷସାରା ମାଛମାରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ପାଣି ନଥିବାରୁ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ପରିବାର ନିଜର ଜିବିକା ହରାଇ ବସିଛନ୍ତି । ସେମାନଙ୍କ ପରି ମହାନଦୀ ଅବବାହିକାର ପଠା ଗୁଡ଼ିକରେ ଖରାଦିନେ ଚାଷୀମାନେ ବାଇଗଣ, ଟମାଟ, କଖାରୁ, ଭେଣ୍ଡି



ଆଦି ପନିପରିବା କରି ଦୁଇ ପଇସା ରୋଜଗାର କରି ପରିବାର ପୋଷଣ କରି ପାରୁଥିଲେ । ପାଣି ନଥିବାରୁ ଗଛ ଗୁଡ଼ିକ ସୁଖି ନଷ୍ଟ ହୋଇଗଲାରି ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସୁଛି । ମହାନଦୀ ଅବବାହିକାରେ ସ୍ଥାପିତ ହୋଇଥିବା ପାନୀୟ ଜଳ ପ୍ରକଳ୍ପର ଇନ୍ ଟେକ୍ ୱେଲ ଗୁଡ଼ିକ ଶୁଖିଲା ପଡ଼ିଲାଣି ଫଳରେ ପାନୀୟଜଳର ଘୋର ଅଭାବ ଦେଖା ଦେଇଛି । ବଡ଼ବାଣପୁର ଗ୍ରାମଠାରେ ଥିବା ୭୦ ଲକ୍ଷ ଟଙ୍କା ବ୍ୟୟରେ ଜେଏଫ୍ ଡ଼ବ୍ଲ୍ୟୁ ମେଗା ଜଳସେଚନ ପ୍ରକଳ୍ପଟି ପୋତି ହୋଇଗଲାଣି । ମହାନଦୀରୁ ନୟାଗଡ଼ ସହରକୁ ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପରେ ବାଲି ଜମା ହୋଇଥିବାରୁ ପ୍ରଭାବିତ ହୋଇଛି । ଗତବର୍ଷ ତୁଳନାରେ ଏ ବର୍ଷ ମହାନଦୀର ଜଳସ୍ଥଳ ଆସ୍ତେ ଆସ୍ତେ ତାର ଦିଗ ବଦଳାଇଛି । ଯାହାକୁ ଦେଖି ସ୍ଥାନୀୟ ଜଳସାଧାରଣ ଘୋର ଚିନ୍ତାରେ ପଡ଼ିଯାଇଛନ୍ତି ।

ପ୍ରଜାତନ୍ତ୍ର




# ବିନା ଖାଦ୍ୟରେ ୭ବର୍ଷ ବଞ୍ଚେ ଝିଟିପିଟି



ବିଶ୍ୱରେ ଅନେକ ପ୍ରକାର ଜୀବ ରହିଛନ୍ତି । କିଛି ଜୀବ ବହିନା ପାଣିରେ ଦୀର୍ଘଦିନ ଧରି ବଞ୍ଚୁଥିବା ବେଳେ କିଛି ଜୀବ ବିବା ଖାଦ୍ୟରେ ବଞ୍ଚିପାରନ୍ତି । ଏପରି ଏକ ଜୀବ ହେଉଛି ଝିଟିପିଟି । ବିନା ଖାଦ୍ୟରେ ଏହା ଦିନେ କି ଦୁଇ ଦିନ ନୁହେଁ, ୭ବର୍ଷ ଧରି ବଞ୍ଚିପାରନ୍ତି । ଦକ୍ଷିଣ ପୂର୍ବ ୟୁରୋପ ଦେଶର ବୋସ୍‌ନିୟା ଏବଂ ହର୍ଜଗୋବିନାରେ ପାଣି ଭିତରେ ସୈଲାମଣ୍ଡର ଜାତୀୟ ଏକ ଝିଟିପିଟି ୭ବର୍ଷରୁ ଅଧିକ ସମୟ ଥିଲେ ମଧ୍ୟ ଟିକେ ବି ଘୁଞ୍ଚି ନଥିଲା । ବୈଜ୍ଞାନିକଙ୍କ ଅନୁସାରେ, ଏହି ଜୀବର ତ୍ୱଚା ଏବଂ ଅବିକଶିତ ଆଖିତ୍ ଏହାକୁ ଅନ୍ଧ କରିଦିଏ । ଏହି କାରଣରୁ ଏହି ଜୀବଟି ନିଜ ସ୍ଥାନରୁ ଘୁଞ୍ଚି ମନଥାଏ । କୌଣସି ଜୀବନ ନିଜ ସ୍ଥାନରୁ ନ ଘୁଞ୍ଚିବା ସାଧାରଣ କଥା ବି ନୁହେଁ । ଏହି ଜୀବ ପୂରା ଜୀବନ ପାଣି ଭିତରେ ବିତାଇଥାଏ । ସୈଲାମେଣ୍ଡର ନାମ ଝିଟିପିଟି ୧୨ବର୍ଷ ପରେ ନିଜ ସାଥୀ ଖୋଜିବାକୁ ସ୍ଥାନ ବଦଳାଇଥାଏ । ହଙ୍ଗେରିୟାନ୍ ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍‌ର ଜ୍ୟୁଡିଟି ବୋରସ୍‌ଙ୍କ ଅନୁସାରେ , ପୂର୍ବରୁ ଏମିତି ଜୀବର କଳ୍ପନା କରାଯାଇଥିଲା । ଏହା ଅତ୍ୟଧିକ ବର୍ଷା ଯୋଗୁ ବାହାରକୁ ଆସିବା ପରେ ଦେଖିବାକୁ ମିଳିଥରଲା । ଏଜା ଗୁମ୍ଫା ଭିତରେ ରହିଥାଏ ।

# ଏକମାସ ପର୍ଯ୍ୟନ୍ତ ଖାଆନ୍ତୁ ଡ଼ାଳିମ୍ବ

ଡ଼ାଳିମ୍ବ ଶରୀର ପାଇଁ ଅନେକ ଉପକାରୀ । ଯଦି ଡ଼ାଳିମ୍ବ ଖାଉନାହାଁନ୍ତି, ତାହେଲା ଆଜି ଜାଣନ୍ତୁ ଏହାର ଉପକାର, କାଲିଠାରୁ ଖାଇବା ଆରମ୍ଭ କରିଦିଅନ୍ତୁ । ଡ଼ାଳିମ୍ବରେ ଫାଇବର ସାଥିରେ ଭିଟାମିନ ପ୍ରଚୁର ଭରପୁର ଥାଏ । ଏହା ସହିତ ଅନେକ ଖଣିଜ ପୋଷକ ତତ୍ତ୍ୱ ମଧ୍ୟ ଭରିରହିଥାଏ । ଲୌହ, ମାଗ୍ନେସିୟମ, ଫସଫରସ, ମାଙ୍ଗାନିଜ, ଜିଙ୍କ, ଓମେଗା-୩ ଆଦି ପୋଷକତତ୍ତ୍ୱ ଏଥିରେ ଥାଏ । ଏହା ଖାଇବା ଦ୍ୱାରା ଶରୀରକୁ ମିଳିଥାଏ ଏହିସବୁ ସାତୋଟି ଫାଇଦା । ୧-ଡ଼ାଳିମ୍ବଭିତରେ ଆଣ୍ଟିପ୍ଲଗ ନାମକ ଏକ ପୋଷକ ଥାଏ ଯାହା ଶରୀରକୁ ସୁସ୍ଥ ରଖିବା ସହ ଯୁବସୁଲଭତା ଅନେକଦିନ ଯାଏ ଆଣିଥାଏ । ୨-ଏହା ଭିତରେ ଆଣ୍ଟଅକ୍ସିଡ଼ାଣ୍ଟ ଥିବାରୁ ମାରାତ୍ମକ ରୋଗରୁ ରକ୍ଷାକରିଥାଏ । ତା ସହିତ ମଧ୍ୟ ତ୍ୱଚାକୁ ମସୃଣ ରଖିଥାଏ । -ଏହା ଉଚ୍ଚ ରକ୍ତଚାପରୁ ରକ୍ଷା କରିଥାଏ । ଭିଟାମିନ ଓ ନାଇଟ୍ରିକ ଏସିଡ଼ ଭରପୁର ଥିବାରୁ ହାର୍ଟ ସମନ୍ଧୀୟ ରୋଗରୁ ରକ୍ଷା କରିଥାଏ । ୪-ଏନିମିଆ ଥିବା ରୋଗୀଙ୍କ ପାଇଁ ଏହା ମହୌଷଧି । ଏହା ରକ୍ତରେ ହିମୋଗ୍ଲୋବିନ ବଢ଼ାଇବା ସହ ଦେହରେ ରକ୍ତର ପରିମାଣ ବଢ଼ାଇଥାଏ । ୫-ଡ଼ାଳିମ୍ବ ରସ ଧମନୀରେ ରକ୍ତ ପ୍ରବାହିତ କରିବାରେ ସାହାର୍ଯ୍ୟ କରିଥାଏ । ଯାହାଦ୍ୱାରା ଶରୀର ସୁସ୍ଥ ରହିଥାଏ । ୬-ସ୍ମରଣ ଶକ୍ତି କମଥିବା ଲୋକ ଡ଼ାଳିମ୍ବ ରସ ସେବନ କଲେ ସ୍ମରଣଶକ୍ତି ବଢ଼ିଥାଏ । ୭-ଗଣ୍ଠିରୋଗ ପାଇଁ ଡ଼ାଳିମ୍ବ ବହୁତ ଉପକାରୀ ।

# ଚୀନ୍‌ରେ ପ୍ରସବ କରିବା ସବୁଠୁ ମହଙ୍ଗା

ଚୀନରେ ଦମ୍ପତ୍ତିଙ୍କୁ ୩ ସନ୍ତାନ ଜନ୍ମ ଦେଇଛନ୍ତି ସରକାର । ହେଲେ ଦେଶର ଅର୍ଥନୀତିକୁ ଦେଖି ଆଉ ପିଲା ପାଇଁ ରାଜି ହେଉନାହାଁନ୍ତି ଏଠାକାର ଲୋକେ । ଏଠାରେ ହୋଇଥିବା ତାଜା ଜନଗଣନାରେ, ଜନ୍ମ ହୋଇଥିବା ତଥା କାର୍ଯ୍ୟ କରୁଥିବା ନାଗରିକଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଚୀନ୍ ଏକ ନୂତନ ନୀତି ଜାରି କରିଛି । କିନ୍ତୁ ନାଗରିକଙ୍କ ଦ୍ୱାରା ଅଧିକ ସନ୍ତାନ ଉତ୍ପାଦନ ନକରିବାର ଅର୍ଥନୈତିକ କାରଣରେ ପରିବର୍ତ୍ତନ ହୋଇନି ଏହା ସମାନ ରହିଛି । ଭବିଷ୍ୟତରେ ମଧ୍ୟ ଏପରି ରହିବ । ଚାଇନାର ସରକାରୀ ଡାକ୍ତରଖାନା ପିଲା ଜନ୍ମ କରିବାର ସମସ୍ୟ ସେବା ଯୋଗାଇଥାଏ । କିନ୍ତୁ ପ୍ରକୃତ କଥା ହେଉଛି ଯେ ସେମାନଙ୍କ ସଂଖ୍ୟା କମ୍ ଥିବାରୁ ମହିଳାମାନେ ଘରୋଇ ଡାକ୍ତରଖାନା ଯିବାକୁ ବାଧ ହେଉଛନ୍ତି । ଏଠାରେ, ପ୍ରସବ ପୂର୍ବରୁ ଏବଂ ପ୍ରସବ ଯାଏଁ ଯାଞ୍ଚ ଠାରୁ ଆରମ୍ଭ କରି ସମ୍ୟ ପ୍ରକ୍ରିୟାରେ ଖର୍ଚ୍ଚ ହୋଇଥାଏ ୟୁଏନ୍ ଅର୍ଥାତ୍ ପ୍ରାୟ ୧୧.୫୦ ଲକ୍ଷ ଟଙ୍କା । ପ୍ରସବ ପରେ ବି ଘରୋଇ ସହାୟକ ମଧ ୧୫,୦୦୦ ୟଏନ ଖର୍ଚ୍ଚ କରନ୍ତି ଯାହାର ମୂଲ୍ୟ ହେବ ଦୁଇ ଲକ୍ଷ ଟଙ୍କା । ବେଜିଂର ହାଇଡିଆନ୍ କ୍ଷେତ୍ରରେ ଅଞ୍ଚଳରେ ହାରାହାରି ଆପାର୍ଟମେଣ୍ଟର ବର୍ଗ ମିଟର ପିଛା ୯୦,୦୦୦ ୟୁଆନ୍ ରହିଛି । ଅର୍ଥାତ୍ ବର୍ଗ ମିଟର ପିଛା ପ୍ରାୟ ୧୦ ଲକ୍ଷ ଟଙ୍କା । ହାଇଡିଆନ୍ ପରି ଅଞ୍ଚଳରେ ଉପଯୁକ୍ତ ବିଦ୍ୟାଳୟ ଅଛି, ତେଣୁ ଅଧିକାଂଶ ପିତାମାତା ଏଠାରେ ରହିବାକୁ ଚେଷ୍ଟା କରନ୍ତି । ୨୦୧୯ରେ, ସାଂଘାଇ ଏକାଡେମୀ ଅଫ୍ ସୋସିଆଲ୍ ସାଇନ୍ସ ରିପୋର୍ଟ କରିଛି ଯେ ସାଂଘାଇରେ ହାରାହାରି ପରିବାର ୧୫ ବର୍ଷ ବୟସ ପର୍ଯ୍ୟନ୍ତ ସେମାନଙ୍କ ପିଲାଙ୍କ ପାଇଁ ୮୪୦,୦୦୦ ୟୁଏନ୍ ବା ପ୍ରାୟ ୧୦ ମିଲିୟନ୍ ଟଙ୍କା ଖର୍ଚ୍ଚ କରିବାକୁ ପଡେ । ୧୫ ବର୍ଷ ବୟସ ପର୍ଯ୍ୟନ୍ତ ଏକାକୀ ପିଲାଙ୍କ ବିଦ୍ୟାଳୟରେ ହାରାହାରି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ସାଂଘାଇର ଜିଙ୍ଗାନ ଏବଂ ମୀନାଙ୍ଗ ଭଳି ଉପାନ୍ତ ଅଞ୍ଚଳରେ, ଯେଉଁଠାରେ ପରିବାରର ହାରାହାରି ଆୟ ୫.୫୦ ଲକ୍ଷରୁ କମ୍, ଆୟର ୭୦% ପିଲାଙ୍କ ପାଇଁ ଖର୍ଚ୍ଚ ହୋଇଥାଏ । ଏସବୁ ସ୍ଥିତିକୁ ଦେଖିବା ପରେ ଦମ୍ପତ୍ତି ଆଉ ପିଲା ଜନ୍ମ କରିବାକୁ ଇଚ୍ଛୁକ ନାହାଁନ୍ତି ।



# ଜୀବନ ନେଉଛି ନନ୍ ସୁଗାର ସିଟନର

ଜୀବନ ନେଉଛି ନନ୍ ସୁଗାର ସିଟନର । ଏନେଇ ସତର୍କ କରାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) । ଚିନି ପରିବର୍ତ୍ତେ ବ୍ୟବହୃତ ମିଠା ଉତ୍ପାଦ ବା ନନ୍ ସୁଗାର ସିଟନର (ଏନ୍‌ଏସ୍‌ଏସ୍ )କୁ ନେଇ ଜାରି କରିଛି ଗାଇଡଲାଇନ୍ । ଓଜନ ଏବଂ ନନ୍ କମ୍ୟୁନିକେବୁଲ ରୋଗକୁ ହ୍ରାସ କରିବା ଲାଗି ଏହା ସାଧାରଣତଃ ବ୍ୟବହାର ହେଉଛି । ତେବେ ଏହାକୁ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛି ଡବ୍ଲ୍ୟୁଏଚ୍ଓ । ଦୀର୍ଘମିଆଦୀ ଭିତ୍ତିରେ ପ୍ରାପ୍ତ ବୟସ୍କ ଏବଂ ଶିଶୁଙ୍କ ଓଜନ ହ୍ରାସ କ୍ଷେତ୍ରରେ ଏନ୍‌ଏସଏସ୍ ଏତେଟା ପ୍ରଭାବୀ ନୁହେଁ ବୋଲି ତର୍ଜମାରୁ ଜଣାପଡିଛି । ତେବେ ଦୀର୍ଘମିଆଦୀ ଭିତ୍ତିରେ ଏନ୍‌ଏସ୍‌ଏସ୍ ବ୍ୟବହାର ଟାଇପ ୨ ଡାଇବେଟିସ, ହୃଦରୋଗ ଏବଂ ପ୍ରାପ୍ତ ବୟସ୍କଙ୍କ ପାଇଁ ଆତ୍ମଘାତୀ ହୋଇପାରେ ବୋଲି ସତର୍କ କରାଇ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । ଡବ୍ଲ୍ୟୁଏଚ୍ଓର ପୋଷଣ ଏବଂ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ଫ୍ରାନସେସ୍‌କୋ ବ୍ରେନକା କହିଛନ୍ତି, ଚିନି ପରିବର୍ତ୍ତେ ଏନ୍‌ଏସ୍‌ଏସ୍ ବ୍ୟବହାର ଦ୍ୱାରା ଦୀର୍ଘମିଆଦୀ ଭିତ୍ତିରେ ଓଜନ ନିୟନ୍ତ୍ରଣ କରିବା କଷ୍ଟକର । ଲୋକମାନେ ଚିନିର ବିକଳ୍ପ ମଧ୍ୟ ଗ୍ରହଣ କରିପାରିବେ । ପ୍ରାକୃତିକ ଫଳରେ ରହିଥିବା ଉପାଦାନ, ବିନା ସିଟନର ବ୍ୟବହାରରେ ପ୍ରସ୍ତୁତ ଖାଦ୍ୟ ଏବଂ ପାନୀୟ ବ୍ୟବହାର କରାଯାଇପାରିବ । ସେହିପରି ଖାଦ୍ୟାଭ୍ୟାସରେ ଚିନିର ମାତ୍ରା କମାଇବା, ଦିନ ଚର୍ଯ୍ୟା ଶୀଘ୍ର ଆରମ୍ଭ କରିବା ସହ ସ୍ୱାସ୍ଥ୍ୟକୁ ସୁଧାରି ହେବ ବୋଲି ବ୍ରେନକା ଉଲ୍ଲେଖ କରିଛନ୍ତି । ମଧୁମେହ ଥିବା ଲୋକଙ୍କୁ ଛାଡି ଦେଲେ ଏନ୍‌ଏସ୍‌ଏସ୍ ସମ୍ପର୍କିତ ଏହି ପରାମର୍ଶ ସବୁ ଲୋକଙ୍କ ଲାଗି କାର୍ଯ୍ୟକାରୀ ହେବ । ସାଧାରଣତଃ ଏନ୍‌ଏସ୍‌ଏସ୍ ମଧ୍ୟରେ ରହିଛି ଆସଲଫେମ୍ କେ, ଆସପରଟେମ, ଆଡଭାନ୍ସଟେମ, ସାଇକ୍ଲେମେଟସ, ନିଓଟେମ, ସାକାରିନ, ସୁକ୍ରାଲୋଜ, ଷ୍ଟିଭିଆ ଏବଂ ଷ୍ଟିଭିଆ ଡେରିଭେଟିଭ୍‌ସ । ସେହିଭଳି ଏନ୍‌ଏସ୍‌ଏସ୍ ବ୍ୟବହାର ହୋଇଥିବା ପର୍ସନାଲ କେୟାର ଏବଂ ହାଇଜିନ ପ୍ରଡକ୍ଟକୁ ଏହି ପରାମର୍ଶ ପରିସରରୁ ବାହାରେ ରଖାଯାଇଛି ।



# ଆଜିର ରାଶିଫଳ

**ମେଷ** – ବୃହସ୍ପତୀଙ୍କ ପ୍ରଭାବରେ ମନ ଦୁର୍ବଳ ହେବ। ଭ୍ରାତୃବିବାଦରେ ଅଶାନ୍ତି ହେବ। ଶତ୍ରୁ କବଳରୁ ରକ୍ଷା ପାଇବେ। ସୁସମ୍ବାଦ ପାଇ ଖୁସିରହିବେ। କୁଟୁମ୍ବ ହେତୁ ଅଶାନ୍ତି ଉପୁଜିବ।

**ବୃଷ** – ଆଜି ଚନ୍ଦ୍ରଙ୍କ ପ୍ରଭାବରେ ଦୂରଯାତ୍ରା କରି ସଫଳ ରହିବେ। ବାଧା ସତ୍ୱେ କାର୍ଯ୍ୟରେ ଅଗ୍ରଗତି କରିବେ। ପରକୁ ସାହାଯ୍ୟ କରି ଅପଦସ୍ଥ ହେବେ। ଧନ ବ୍ୟୟ କରିପାରିବେ।

**ମିଥୁନ** – ପରୋପକାର ସୁଝିବାକୁ ଚେଷ୍ଟା କରିବେ। ଅନ୍ୟମନସ୍କତା ହେତୁ କ୍ଷତି ସହିବେ। କାର୍ଯ୍ୟ ସିଦ୍ଧି ପାଇଁ ଲାଗିପଡ଼ିବେ। ଅର୍ଥଲାଭର ଆଶା ରହିଛି। ବିଶୃଙ୍ଖଳାରୁ ଦୂରେଇ ରହିବେ।

**କର୍କଟ** – ନୂତନ କର୍ମରେ ମନ ଦେବେ। ନିଜର ଦାବି ଦେଖାଇ କାର୍ଯ୍ୟ କରିବେ। ପ୍ରିୟଜନଙ୍କ ସାହାଯ୍ୟ ପାଇବେ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହେବ।

**ସିଂହ** – ସକାଳରେ ବନ୍ଧୁଙ୍କ ସହଯୋଗରେ ଖୁସି ରହିବେ। ପୈତୃକ ସମ୍ପତ୍ତି ଭାଗ ବଣ୍ଟନ ହେବ। ଆମୋଦ ପ୍ରମୋଦରେ ଦିନ କାଟିବେ। ସାମାନ୍ୟ ଅସୁସ୍ଥ ଅନୁଭବ କରିବେ।

**କନ୍ୟା** – ଆଜି ନୂତନ ପରିଭ୍ରମଣ କରିପାରନ୍ତି। କ୍ଲାନ୍ତି ଅନୁଭବ କରିବେ। କାର୍ଯ୍ୟରେ ପରିବର୍ତ୍ତନ ହେବ। ବ୍ୟୟ ବୃଦ୍ଧିରେ ଚିନ୍ତିତ ରହିବେ। ମନଦୁର୍ବଳ ହେବ।

**ତୁଳା** – ମାନସିକ ଉଦ୍‌ବେଗରେ ରହିବେ। ସହଯୋଗ ମିଳିବ ନାହିଁ।ବହୁସ୍ଥାନ ଭ୍ରମଣ କରିବେ। ଧନାଦି ଲାଭ କରିବେ। କର୍ମକ୍ଷେତ୍ରରେ ସଫଳ ହେବେ। ଦୂରଯାତ୍ରା କରିପାରନ୍ତି।

**ବିଛା** – ଅଧିକାର ହରାଇପାରନ୍ତି। ମନ ଅସ୍ଥିର ରହିବ। ବ୍ୟାକୁଳତା ବଢ଼ିପାରେ। କାର୍ଯ୍ୟରେ ବାଧା ଆସିବ। ଦୂରସମ୍ପର୍କରେ ଉପକୃତ ହେବେ। ଦେବଦର୍ଶନରେ ଆନନ୍ଦ ପାଇବେ।

**ଧନୁ** – ଆଜି ବ୍ୟବସାୟରେ ଭଲରେ ଚାଲିବ। ଦେହ ସୁସ୍ଥ ରହିବ। ଅଭାବରେ କଷ୍ଟ ଭୋଗିବେ। ମନ୍ଦକାର୍ଯ୍ୟରେ କ୍ଷତି ସହିବେ। ବ୍ୟସ୍ତତା ବଢ଼ି କାର୍ଯ୍ୟହାନୀ ହେବ।

**ମକର** – ଆଜି ସକାଳୁ ମିତ୍ରଲାଭ ଯୋଗ। ଦୂରଯାତ୍ରା କରିପାରନ୍ତି। ଲକ୍ଷ୍ୟ ପୂରଣ ହେବ। ଲୋକସମ୍ପର୍କ ବଢ଼ିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ।

**କୁମ୍ଭ** – ଆଜି ଆୟ ବୃଦ୍ଧିଘଟିବ। ଅନିଶ୍ଚିତତା ଅନୁଭବ ହେବ। ଅଯଥା ହନ୍ତସନ୍ତ ହୋଇପାରନ୍ତି। ଯାତ୍ରାଦିରେ ଲାଭବାନ୍ ହେବେ। ସମୟ ଅନୁକୂଳ ରହିବ। ପ୍ରଗତିଶୀଳ ହେବେ। ଆର୍ଥିକ ଅନଟନ ଦୂରହେବ।

**ମୀନ** – ପରିସ୍ଥିତି ଆୟତ୍ତାଧୀନ ହେବ। ନିଜ କାର୍ଯ୍ୟରେ ମଜ୍ଜିରହିବେ। ମନ ବ୍ୟାକୁଳ ହେବ। ଅଭାବରେ ପଡ଼ିପାରନ୍ତି। ଅଧିକାର ସଙ୍କୁଚିତ ହେବ। ମଧ୍ୟ ଫଳ ପ୍ରାପ୍ତି ହେବ।

# ବିଶ୍ୱ ପରିବେଶ ଦିବସ

ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ 'ବିଶ୍ୱ ପରିବେଶ ଦିବସ' ରୂପେ ପାଳନ କରାଯାଏ । ପରିବେଶ ପ୍ରତି ରାଜନୈତିକ ଏବଂ ସାମାଜିକ ଜନ ଜାଗୃତି ସୃଷ୍ଟି କରିବା ଲକ୍ଷ୍ୟରେ ୧୯୭୨ରେ ମିଳିତ ଜାତିସଂଘ 'ପରିବେଶ ଦିବସ' ପାଳନ ପାଇଁ ଘୋଷଣା କରିଥିଲେ । ୫ଜୁନ୍ ୧୯୭୪ରେ ପ୍ରଥମ ଥର ପାଇଁ ବିଶ୍ୱ ପରିବେଶ ଦୀବସ ପାଳିତ ହୋଇଥିଲା । ଏହି ଦିବସର ଆୟୋଜନ ପାଇଁ ପ୍ରତିବର୍ଷ ଭିନ୍ନ ଭିନ୍ନ ଦେଶକୁ ଚୟନ କରାଯାଏ । ପ୍ରତ୍ୟେକ ବର୍ଷ ୧୪୩ରୁ ଅଧିକ ଦେଶ ଏହି ଆୟୋଜନରେ ଭାଗ ନେଇଥାନ୍ତି । ଏହି ଦିନ ଆୟୋଜନରେ ଅନେକ ସରକାରୀ, ବେସରକାରୀ, ବ୍ୟବସାୟୀକ ସଂସ୍ଥା ଭାଗ ନେଇ ପରିବେଶର ସୁରକ୍ଷା ଏବଂ ସମସ୍ୟା ଉପରେ ଆଲୋଚନା କରିଥାନ୍ତି । ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ଭିନ୍ନ ଭିନ୍ନ ହୋଇଥାଏ । ଗତବର୍ଷ ଏହି ଦିବଷର ବିଷୟ ବସ୍ତୁ ବାୟୁ ପ୍ରଦୂଷଣ ରହିଥିବା ବେଳେ ଚଳିତ ବର୍ଷ 'ପ୍ରକୃତି ପାଇଁ ସମୟ' ରଖାଯାଇଛି ।




ଫିଲ୍ମ ଟକ୍

# ୧୦ କିଲୋ ଓଜନ ହ୍ରାସ କରାଇଲେ ଗୌହର ଖାନ

ଟିଭି ଏବଂ ବଲିଉଡ ଅଭିନେତ୍ରୀ ଗୌହର ଖାନ ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି । ସେ ପ୍ରାୟ ୧୦ ଦିନ ପୂର୍ବରୁ ମା ହୋଇଥିଲେ । ତେବେ ଏହି ୧୦ ଦିନ ମଧ୍ୟରେ ସେ ପ୍ରାୟ ୧୦ କିଲୋ ଓଜନ ହ୍ରାସ କରିଛନ୍ତି । ସୋସିଆଲ ମିଡିଆରେ ସେ ନିଜର ନୂଆ ଫଟୋ ସେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି । ତାଙ୍କର ରୂପାନ୍ତର ଦେଖି ପ୍ରଶଂସକମାନେ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଏବଂ ତାଙ୍କୁ ଏହି ପ୍ରଶ୍ନ ପଚାରୁଛନ୍ତି ଯେ, ସେ କିପରି ଏହି ସଫଳତାକୁ ପରିଚାଳନା କରିଥିଲେ ! ଗୌହର ଖାନ ନିକଟରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ବୁଧବାର ଦିନ, ଗୌହର ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ବୁମେରାଙ୍ଗ ଭିଡିଓ ରଖିଥିଲେ । ଏଥିରେ ସେ ନାଇଟ୍ ସୁଟ୍ ରେ ଅଛନ୍ତି ଏବଂ ବହୁତ ପତଳା ଦେଖାଯାଉଛନ୍ତି । ସେ କ୍ୟାପସନରେ ଲେଖିଛନ୍ତି, 'ବର୍ତ୍ତମାନ ମୋତେ ୬ କିଲୋଗ୍ରାମ ଅଧିକ ହ୍ରାସ କରିବାକୁ ପଡିବ । ଗୌହର ଏବଂ ତାଙ୍କ ସ୍ୱାମୀ ଜାଇଡ ଦାରବାର ୧୦ ମେ ' ରେ ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଥିଲେ । ସୋସିଆଲ ମିଡିଆରେ ଭଲ କ୍ୟାପସନ ଦେଇ ଉଭୟ ଲେଖିଛନ୍ତି ଯେ, 'ଏହା ଏକ ଶିଶୁପୁତ୍ର । ସୁଖର ଅର୍ଥ କ'ଣ ତାହା ଆମକୁ ଅନୁଭବ କରାଇଲା । କୃତଜ୍ଞ ଏବଂ ନୂତନ ପିତାମାତା ଜାଇଡ ଏବଂ ଗୌହର ।' ଗୌହର ଏବଂ ଜାଇଡ ୨୫ ଡିସେମ୍ବର ୨୦୨୦ ରେ ବିବାହ କରିଥିଲେ । କୁହାଯାଏ ଯେ, ଲକଡାଉନ୍ ସମୟରେ ରାସନ କିଣିବା ସମୟରେ ଉଭୟ ସାକ୍ଷାତ ହୋଇଥିଲେ । ଏହା ପରେ ବାର୍ତ୍ତାଳାପ ଆରମ୍ଭ ହେଲା ଏବଂ ବନ୍ଧୁତା ଶୀଘ୍ର ପ୍ରେମରେ ପରିଣତ ହୋଇଥିଲା । ଗତ ବର୍ଷ ଡିସେମ୍ବରରେ ଗୌହର ତାଙ୍କ ଗର୍ଭଧାରଣ ଘୋଷଣା କରିଥିଲେ ।



# ପୃଥିବୀର ଗର୍ଭରେ ଅଛି ହୀରା ଓ ଲାଭା

ପୃଥିବୀର ଗଭୀରତମ ପ୍ରଦେଶରେ ଅଗଣିତ ବିସ୍ମୟକର ପଦାର୍ଥ ରହିଛି । ନିକଟରେ ବୈଜ୍ଞାନିକମାନେ ପୃଥିବୀର ୨୫୦ ମାଇଲ ଗଭୀରତମ ଦେଶରେ ହୀରାର ଖଜାନାକୁ ଖୋଜି ବାହାର କରିଛନ୍ତି । ଏହା ବ୍ୟତୀତ ଏକ ପୁରୁଣା ଲାଭା ଜଳାଶୟର ସନ୍ଧାନ ମିଳିଛି । ଏହି ଜଳାଶୟ ଚନ୍ଦ୍ରର ଉତ୍ପତ୍ତି ପରି ପୁରୁଣା । ଏହା ୪.୫ ବିଲିୟନ ବର୍ଷର ପୁରୁଣା ଜଳାଶୟ ବୋଲି ଅନୁମାନ କରାଯାଉଛି । ଅନ୍ତରାଷ୍ଟ୍ରୀୟ ବୈଜ୍ଞାନିକମାନେ ଜ୍ୱାଳାମୁଖୀ ବିସ୍ଫୋଟରୁ ବାହାରିଥିବା ହୀରାକୁ ପରୀକ୍ଷା କରି ଏହା କହିଛନ୍ତି । ଲାଭା ଜଳାଶୟ ଓ ହୀରା କିପରି ତିଆରି ହୋଇଛି ଏହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି । ପୃଥିବୀର ଗଭୀରତାରେ ଥିବା ଜ୍ୱାଳାମୁଖୀ ବିସ୍ଫୋରଣ ଦ୍ୱାରା ବାହାରିଥିବା ହୀରା ଉପରେ ଅଧିକ ଅଧ୍ୟୟନ କରିବା ପାଇଁ ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ ଓ ବ୍ରାଜିଲର ଅନ୍ୱେଷଣକାରୀମାନେ ଆଗ୍ରହ ପ୍ରକାଶ କରିଛନ୍ତି । ଅଷ୍ଟ୍ରେଲିଆର ନେଶନାଲ ବିଶ୍ୱବିଦ୍ୟାଳୟର ଅଧ୍ୟୟନ କରୁଥିବା ପରୀକ୍ଷକଙ୍କ ଅନୁସାରେ ହୀରା ଅବିନାଶୀ ପ୍ରାକୃତିକ ପଦାର୍ଥ ଅଟେ । ସେଥିପାଇଁ ତାହା ଏକ ସଠିକ୍ ସମୟରେ କ୍ୟାପ୍‌ସୁଲ ତିଆରି କରେ ଯାହା ଆମକୁ ପୃଥିବୀର ଗଭୀରତା ବିଷୟରେ ଜାଣିବା ପାଇଁ ସାହାଯ୍ୟ କରିବ ।


National Geographic / National Geographic

# ମଶରୁମ୍‌ର ଉପକାରିତା

ମଶରୁମ୍ ବା ଛତୁ ସମସ୍ତେ ଖାଇଥିବେ । ଏହା କେବଳ ଖାଇବା ପାଇଁ ସ୍ୱାଦିଷ୍ଟ ତାହା ନୁହେଁ ଏହାର ଅନେକ ଗୁଣ ରହିଛି ଯାହା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ଏହା ଶିଉଳୀ ଓ ଓଦାଳିଆ ସ୍ଥାନରେ ହୋଇଥାଏ । ଆୟୁର୍ବେଦରେ ମଶରୁମ୍‌କୁ ଔଷଧ ଭାବରେ ବ୍ୟବହାର କରାଯାଏ । ଆସନ୍ତୁ ଜାଣିବା ପୋଷକ ତତ୍ତ୍ୱରେ ଭରପୂର ମଶରୁମ୍‌କୁ ଖାଇଲେ କେଉଁ ପ୍ରକାର ଉପକାର ମିଳିଥାଏ । ମଶରୁମ୍ ଖାଇବା ଦ୍ୱାରା ଶରୀରକୁ ଭରପୂର ମାତ୍ରାରେ ଆଣ୍ଟି-ଅକ୍ସିଡ଼ାଣ୍ଟ ମିଳିଥାଏ । ମଶରୁମ୍ ବୟସ ବୃଦ୍ଧି ହେବା ଲକ୍ଷଣକୁ କମ୍ କରିଥାଏ ଓ ସ୍କିନ୍‌କୁ ମଧ୍ୟ ଆବଶ୍ୟକ ପୋଷକ ଦେଇଥାଏ । ମଶରୁମ୍‌କୁ ନିୟମିତ ଖାଦ୍ୟରେ ସାମିଲ କରନ୍ତୁ କାରଣ ଏହା ରୋଗ ପ୍ରତିରୋଧକ କ୍ଷମତାର ବିକାଶ କରାଇଥାଏ । ଏହାଦ୍ୱାରା ଥଣ୍ଡା, କାଶ ପରି ସମସ୍ୟା ଜଲ୍‌ଦି ହୁଏ ନାହିଁ । ମଶରୁମ୍‌ରେ ଭିଟାମିନ ଡି ପର୍ଯ୍ୟାପ୍ତ ମାତ୍ରାରେ ଥାଏ ଯାହାଦ୍ୱାରା ଶରୀରର ହାଡ଼ ମଜଭୂତ ହୋଇଥାଏ ଓ ୨୦ ପ୍ରତିଶତ ଭିଟାମିନ୍‌ର ଆବଶ୍ୟକତାକୁ ପୂରା କରିଥାଏ । ମଶରୁମ୍‌ରେ ଥିବା ବିଟା ଗ୍ଲୁକେନ୍, କୋଲେଷ୍ଟ୍ରୋଲ୍ କମ୍ କରିଥାଏ ଓ ଏହା ସହିତ ହୃଦୟକୁ ମଧ୍ୟ ସୁସ୍ଥ ରଖିଥାଏ । ଟାଇପ୍-୨ ଡାଇବେଟିସ୍‌ର ବିପଦରୁ ମଧ୍ୟ ରକ୍ଷା କରିଥାଏ ।

## ଟିଭି, ରେଡିଓରେ ଖରାପ ପାଗର ଆଲର୍ଟ ହେବ ଉପଲବ୍ଧ

# ଏନଡିଏମଏର ବିଶ୍ୱର ସର୍ବବୃହତ ଚେତାବନୀ ଆଲର୍ଟ ଯୋଜନା

ନୂଆଦିଲ୍ଲୀ : ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ମୋବାଇଲ ଫୋନକୁ ବାର୍ତ୍ତା ପଠାଇ ଖରାପ ପାଗର ସତର୍କ ସୂଚନା ଦେବା ଆରମ୍ଭ କରିଛି। ବର୍ତ୍ତମାନ ଖରାପ ପାଗ ବିଷୟରେ ଶୀଘ୍ର ଚେତାବନୀ ଟିଭି ଏବଂ ରେଡିଓରେ ମଧ ପ୍ରସାରଣ କରାଯିବ। ଏହି ପ୍ରୋଗ୍ରାମ ଆରମ୍ଭ ହେବା ପରେ, ଟିଭି ଦେଖୁଥିବା ସମୟରେ, ହଠାତ ବ୍ରେକିଂ ଲାଇନରେ ଖରାପ ପାଗର ଏକ ଚେତାବନୀ ଟିଭି ପରଦାରେ ଦେଖାଯିବ। ଏଥିସହ, ରେଡିଓରେ ଏକ କାର୍ଯ୍ୟକ୍ରମ ସମୟରେ ଅବା ଗୀତ ଶୁଣିବା ସମୟରେ ଗୀତଟିକୁ ମଧ୍ୟଭାଗରେ ବନ୍ଦ କରି ଏକ ଚେତାବନୀ ଆଲର୍ଟ ଜାରି କରାଯିବ ଯାହା ଦ୍ୱାରା ଲୋକମାନେ ନିଜକୁ ବଞ୍ଚାଇବା ପାଇଁ ପଦକ୍ଷେପ ନେଇପାରିବେ। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ନିକଟରେ ମୋବାଇଲ ଫୋନରେ ପ୍ରବଳ ବର୍ଷା, ଝଡ, ଉତ୍ତାପ ଲହର ଇତ୍ୟାଦି ସମ୍ବନ୍ଧୀୟ ସୂଚନା ପଠାଇବା ଆରମ୍ଭ କରିଛି। ବର୍ତ୍ତମାନ ଏନଡିଏମଏ ଏହି ସିଷ୍ଟମକୁ ବିସ୍ତାର କରିବାକୁ ପ୍ରସ୍ତୁତ ହେଉଛି । ଏନଡିଏମଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ପାଣିପାଗ ସମ୍ବନ୍ଧୀୟ ବାର୍ତ୍ତା ଏସଏମଏସ ମାଧ୍ୟମରେ ପଠାଯାଉଛି। ବର୍ତ୍ତମାନ, ଦ୍ୱିତୀୟ ପର୍ଯ୍ୟାୟରେ, ଖରାପ ପାଗ ସହ ଜଡିତ ଆଲର୍ଟ ଟିଭି ଏବଂ ରେଡିଓରେ ମଧ ପ୍ରସାରଣ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ମୋବାଇଲ ମେସେଜିଂ ଆରମ୍ଭ ହେବା ପୂର୍ବରୁ, ଏନଡିଏମଏ ପକ୍ଷରୁ ନ୍ୟାଶନାଲ ବିପର୍ଯ୍ୟୟ ଆଲର୍ଟ ପୋର୍ଟାଲ ଏବଂ ମୋବାଇଲ ଆପ୍ଲିକେଶନ ସାଟେଟରେ ପାଣିପାଗ ଆଲର୍ଟ ପ୍ରଦାନ କରାଯାଉଥିଲା । ଏନଡିଏମଏ 'କମନ ଆଲର୍ଟିଂ ପ୍ରୋଟୋକଲ ଆଧାରିତ ଇଣ୍ଟିଗ୍ରେଟେଡ ଆଲର୍ଟ ସିଷ୍ଟମ' ଆରମ୍ଭ କରିଛି ଯେଉଁଥିରେ ପାଣିପାଗ ବିଭାଗ, କେନ୍ଦ୍ରୀୟ ଜଳ ଆୟୋଗ, ଭାରତୀୟ ଜାତୀୟ କେନ୍ଦ୍ର ମହାସାଗର ସୂଚନା ସେବା ଏବଂ ଜଙ୍ଗଲ ସର୍ଭେ ଅଫ ଇଣ୍ଡିଆ ଏକ ପ୍ଲାଟଫର୍ମରେ ରହିଛି। ୨୦୨୧ ମସିହାରେ, କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସାରା ଦେଶରେ ଅନୁମୋଦନ କରିଥିଲେ। ଏହା ହେଉଛି ବିଶ୍ୱର ସର୍ବ ବୃହତ ଚେତାବନୀ ଆଲର୍ଟ ପ୍ରୋଗ୍ରାମ । ଏବେ ହ୍ୱାଟସ ଆପ, ଇମେଲ କିମ୍ବା ଏସଏମଏସ ଗୋଷ୍ଠୀକୁ ସବସ୍କ୍ରାଇବ କରିବାର କୌଣସି ଆବଶ୍ୟକତା ନାହିଁ । ଟିଭି ଏବଂ ରେଡିଓରେ ସ୍ୱୟଂଚାଳିତ ଭାବରେ ପାଣିପାଗ ବାର୍ତ୍ତା ପ୍ରଦାନ କରାଯିବ।

## ୧୪ଟି କକ୍‌ଟେଲ ଔଷଧକୁ ନିଷିଦ୍ଧ କଲା କେନ୍ଦ୍ର



ନୂଆଦିଲ୍ଲୀ: କେନ୍ଦ୍ର ସରକାର ଶୁକ୍ରବାର ୧୪ଟି ଫିକ୍ସଡ-ଡୋଜ୍ କମ୍ବିନେସନ (ଏଫ୍‌ଡିସି) ଔଷଧକୁ ଚିକିତ୍ସା ସମ୍ବନ୍ଧୀୟ ପ୍ରାସଙ୍ଗିକତା ଅଭାବରୁ ନିଷିଦ୍ଧ କରିଛନ୍ତି। ଏଫ୍‌ଡିସି ହେଉଛି ଏଭଳି ଔଷଧ ଯାହାକି ଗୋଟିଏ ବଟିକାରେ ଏକାଧିକ ଡ୍ରଗ୍‌ର ମିଶ୍ରଣ ଥାଏ ଏବଂ ଏହାକୁ 'କକ୍‌ଟେଲ' ଔଷଧ ମଧ କୁହାଯାଏ। ବିଜ୍ଞପ୍ତି ଅନୁଯାୟୀ, ବିଶେଷଜ୍ଞ କମିଟି କହିଛନ୍ତି ଯେ ଏହି ଏଫ୍‌ଡିସିର କୌଣସି ଚିକିତ୍ସା ସମ୍ବନ୍ଧୀୟ ପ୍ରାସଙ୍ଗିକତା ନାହିଁ ଏବଂ ଏହା ମଣିଷ ପାଇଁ ବିପଦ ବି ସୃଷ୍ଟି କରିପାରେ। ବିଜ୍ଞପ୍ତିରେ ଏହା ମଧ କୁହାଯାଇଛି ଯେ, ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥରେ ଏହି ଏଫଡିସିଗୁଡ଼ିକର ଉତ୍ପାଦନ, ବିକ୍ରୟ କିମ୍ବା ବଣ୍ଟନକୁ ବାରଣ କରାଗଲା। ବିଶେଷଜ୍ଞ କମିଟି ଏବଂ ଡ୍ରଗ୍ସ ବୈଷୟିକ ପରାମର୍ଶଦାତା ବୋର୍ଡର ସୁପାରିସ ଆଧାରରେ ଏହି ପଦକ୍ଷେପ ନିଆଯାଇଛି।

## ଉଡ଼ିବାର ଅଳ୍ପ ସମୟ ପରେ ଗୌହାଟିକୁ ଫେରିଲା କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କୁ ନେଇ ଦିବ୍ରୁଗଡ଼ ଯାଉଥିବା ଇଣ୍ଡିଗୋ ବିମାନ



ଗୌହାଟି: ଆଜି ସକାଳେ ଆସାମର ଗୌହାଟିରୁ ଜଣେ କେନ୍ଦ୍ରମନ୍ତ୍ରୀ ଓ ୨ଜଣ ବିଧାୟକଙ୍କୁ ନେଇ ଦିବ୍ରୁଗଡ଼ ଅଭିମୁଖେ ବାହାରିଥିବା ଏକ ଇଣ୍ଡିଗୋ ବିମାନ ଉଡ଼ିବାର ଅଳ୍ପ କେତୋଟି ମୁହୂର୍ତ୍ତ ପରେ ପୁଣି ଗୌହାଟିର 'ଲୋକପ୍ରିୟ ଗୋପୀନାଥ ବୋର୍‌ଦୋଲାଇ ଆନ୍ତର୍ଜାତିକ ବିମାନ ବନ୍ଦର'ରେ ଅବତରଣ କରିଛି। ସଂଗୃହୀତ ତଥ୍ୟ ଅନୁସାରେ, ଆଜି ସକାଳ ୮.୪୦ରେ '୬ଇ୨୬୫୨' ଇଣ୍ଡିଗୋ ବିମାନ ଉଡ଼ାଣ ଆରମ୍ଭ କରିଥିଲା ଓ ଫେରିଆସି ପ୍ରାୟ ୨୦ ମିନିଟ୍ ମଧ୍ୟରେ ନିରାପଦରେ ଅବତରଣ କଲା। ବୈଷୟିକ ତ୍ରୁଟି ବିମାନ ଫେରିବାର କାରଣ ବୋଲି ଜଣାପଡ଼ିଛି। ବିମାନରେ ଥିବା ଅନ୍ୟାନ୍ୟ ଯାତ୍ରୀମାନଙ୍କ ମଧ୍ୟରେ ଥିଲେ ପେଟ୍ରୋଲିୟ ଓ ପ୍ରାକୃତିକ ବାଷ୍ପ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି, ଏବଂ ଆସାମରେ ଶାସନ କରୁଥିବା 'ବିଜେପି'ର ୨ଜଣ ବିଧାୟକ-ପ୍ରଶାନ୍ତ ଫୁକନ ଓ ତେରୋଶ ଗୋୱାଲା। ଗଣମାଧ୍ୟମକୁ ପ୍ରଶାନ୍ତ ଫୁକନ୍ କହିଛନ୍ତି, ଗୌହାଟିରୁ ବିମାନ ଉଡ଼ାଣ ସମୟର କୌଣସି ତ୍ରୁଟି ନ ଥିଲା। କିନ୍ତୁ, ୨୦ ମିନିଟ୍ ପରେ ବିମାନ ଗୌହାଟି ଫେରି ଆସି 'ଲୋକପ୍ରିୟ ଗୋପୀନାଥ ବୋର୍‌ଦୋଲାଇ ଆନ୍ତର୍ଜାତିକ ବିମାନ ବନ୍ଦର'ରେ ଅବତରଣ କଲା। ବୈଷୟିକ ତ୍ରୁଟି ଦେଖା ଦେବାରୁ ପାଇଲଟ୍‌ମାନେ ବାଧ୍ୟ ହୋଇ ବିମାନଟିକୁ ଫେରାଇ ଆଣିଥିଲେ ବୋଲି ଏୟାର୍‌ଲାଇନ୍‌ର କର୍ମଚାରୀମାନେ ଆମକୁ ଜଣାଇଛନ୍ତି। ଗୌହାଟିରେ ଅବତରଣ କରିବା କ୍ଷଣି ସମସ୍ତ ଯାତ୍ରୀଙ୍କୁ ବିମାନରୁ ବାହାର କରାଯାଇ ବିମାନଟିକୁ ଯାଞ୍ଚ ପାଇଁ ପଠାଇ ଦିଆଯାଇଥିଲା। ବିମାନଟି ଗୌହାଟି ପ୍ରତ୍ୟାବର୍ତ୍ତନ କରି ଅବତରଣ କରିଥିବା କଥା ବିମାନ ବନ୍ଦରର ଅଧିକାରୀମାନେ ସୁନିଶ୍ଚିତ କରିଥିଲେ ସୁଦ୍ଧା ତାହାର କାରଣ ସଂକ୍ରାନ୍ତରେ କିଛି ସୂଚନା ଦେଇ ନାହାନ୍ତି। 'ଇଣ୍ଡିଗୋ' କର୍ତ୍ତୃପକ୍ଷମାନେ ବି ଏ ବିଷୟରେ କୌଣସି ବିବୃତି ଦେଇ ନାହାନ୍ତି।

# ମାଗଣାରେ ଚାରା ବାଣ୍ଟୁଛି ଚୋପାଲେଙ୍କ ବିହନ ବ୍ୟାଙ୍କ

ମୁମ୍ବାଇ : ଗଛର ମହତ୍ତ୍ୱ ବୁଝାଇବାକୁ ମହାରାଷ୍ଟ୍ରର ଜଣେ ଯୁବକ ତାଙ୍କ ଘରେ ଏକ ବିହନ ବ୍ୟାଙ୍କ ଖୋଲିଛନ୍ତି। ଅଧିକରୁ ଅଧିକ ବୃକ୍ଷ ରୋପଣ ପାଇଁ ଲୋକଙ୍କୁ ପ୍ରେରଣା ଦେବା ପାଇଁ ଯୁବକ ଜଣକ ଏକ ବ୍ୟାଙ୍କ ଖୋଲିଛନ୍ତି। ୩୬ ବର୍ଷ ବୟସ୍କ ଶିବ ଶଙ୍କର ଚୋପାଲେଙ୍କ ପଦକ୍ଷେପକୁ ପ୍ରଶଂସା କରି ଜିଲା ପ୍ରଶାସନିକ ଅଧିକାରୀ କହିଛନ୍ତି ଯୁବକ ଜଣକ ଲାଟୁର ଜିଲାର ରେନାପୁର ତହସିଲର ବାସିନ୍ଦା। ଅଧିକାରୀ କହିଛନ୍ତି ସେ ଲୋକଙ୍କୁ ମାଗଣାରେ ବିହନ ଯୋଗାଇଥାନ୍ତି। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ଛାତ୍ର ଓ ନାଗରିକ ଗଛ ଲଗାଉଛନ୍ତି। ତିନି ବର୍ଷ ପୂର୍ବେ ସେ ଏହି ପଦକ୍ଷେପ ଆରମ୍ଭ କରିଥିବା ଚୋପାଲେ ଦାବି କରିଛନ୍ତି। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ସେ ପ୍ରାୟ ୫୦୦୦ ଲୋକ ଏବଂ ଏନଜିଓକୁ ମଞ୍ଜି ବଣ୍ଟନ କରିଛନ୍ତି। ସେ ବିହନ ବ୍ୟାଙ୍କ ତାଙ୍କ ଘରେ ଆରମ୍ଭ କରିଛନ୍ତି। ତାଙ୍କ ପାଖରେ ୧୫୦ ପ୍ରକାରର ବିହନ ଅଛି । ଏକ ଘରୋଇ ଗ୍ୟାସ ଏଜେନ୍ସିରେ କାର୍ଯ୍ୟ କରୁଥିବା ଚୋପାଲେ କହିଛନ୍ତି ସେ ଗଛ ଲଗାଇବା ପାଇଁ ଲୋକଙ୍କୁ ମାଗଣା ବିହନ ଦିଅନ୍ତି, ଯାହା ଉଭୟ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଲାଭଦାୟକ ଅଟେ। ଏକ ବିହନ ବ୍ୟାଙ୍କ ସୃଷ୍ଟି କରିବାର ଉଦ୍ଦେଶ୍ୟ ହେଉଛି ବୃକ୍ଷରୋପଣ ବୃଦ୍ଧି କରିବା ଏବଂ ସମାଜରେ ପରିବେଶ ବିଷୟରେ ସଚେତନତା ଆଣିବା । ସେ କେବଳ ଦ୍ୱାଦଶ ପର୍ଯ୍ୟନ୍ତ ଅଧ୍ୟୟନ କରିଛନ୍ତି। ପିଲାଦିନରୁ ସେ ପ୍ରକୃତିକୁ ଭଲ ପାଉଥିଲେ। ସେ ଗତ ଛଅ-ସାତ ବର୍ଷ ମଧ୍ୟରେ ନିଜ ଏବଂ ଗଛ ମଧ୍ୟରେ ଏକ ସମ୍ପର୍କ ଅନୁଭବ କରିଛନ୍ତି । ଏହା ସହିତ ସେ ପ୍ଲାଷ୍ଟିକ ବୋତଲଗୁଡିକର ପୁନଃବ୍ୟବହାର ବିଷୟରେ ଲୋକଙ୍କୁ ସଚେତନ କରାନ୍ତି। ସେ ରଙ୍ଗୀନ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ମଞ୍ଜି ସହିତ ଗଚ୍ଛିତ କରନ୍ତି। ସେ କହିଛନ୍ତି ଆଜିର ସମୟରେ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ । ଏହିପରି ଅଭିଯାନ ଚଳାଇବାକୁ ମଧ ଅଧିକ ଆବଶ୍ୟକତା ଅଛି। ଲୋକଙ୍କୁ ଗଛ ବିଷୟରେ ଅବଗତ କରାଇବା ପାଇଁ ମୁଁ ଏକ ବିହନ ବ୍ୟାଙ୍କ ସୃଷ୍ଟି କରିଛି। ବର୍ତ୍ତମାନ ଲୋକମାନେ ଏହି ଅଭିଯାନରେ ତାଙ୍କୁ ସମର୍ଥନ କରୁଛନ୍ତି ଏବଂ ଭବିଷ୍ୟତକୁ ବଞ୍ଚାଇବା ପାଇଁ ତାଙ୍କୁ ସମର୍ଥନ କରୁଛନ୍ତି । ଲାଟୁର ଜିଲା ପରିଷଦର କୃଷି ବିଭାଗର ଅଭିଯାନ ଅଧିକାରୀ ଗୋପାଳ ଶେରଖାନେ ଚୋପାଲେଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଚାଉପାଲେଙ୍କ ଉଦ୍ୟମ ଯୋଗୁଁ ଆଜି ଏହି ଅଭିଯାନରେ ଶହ ଶହ ଲୋକ ଯୋଗ ଦେଇଛନ୍ତି। ଏହି ଅଞ୍ଚଳ ତଥା ଏହାର ଆଖପାଖ ଅଞ୍ଚଳରେ ବହୁ ବୃକ୍ଷରୋପଣ କରାଯାଉଛି। ଅନେକ ଦେଶୀ ପ୍ରଜାତିର ଗଛ ଏବଂ ଉଦ୍ଭିଦ ବର୍ତ୍ତମାନ ନଷ୍ଟ ହୋଇଯାଇଛନ୍ତି, ଯେଉଁଥି ପାଇଁ ଚଉପାଲା ଲୋକଙ୍କୁ ସଚେତନ କରାଉଛନ୍ତି ଏବଂ ମାଗଣାରେ ଲୋକମାନଙ୍କୁ ସେମାନଙ୍କ ମଞ୍ଜି ଦେଉଛନ୍ତି।

## ଚୀନରେ ଭୂସ୍ଖଳନ: ୧୪ ମୃତ, ୫ ନିଖୋଜ

ବେଜିଂ : ଚାଇନାର ଦକ୍ଷିଣ-ପଶ୍ଚିମ ସିଚୁଆନ ପ୍ରଦେଶରେ ଭୂସ୍ଖଳନରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ନିଖୋଜ ହୋଇଯାଇଛନ୍ତି। ଚାଇନାର ରାଜ୍ୟ ଗଣମାଧ୍ୟମ ସିସିଟିଭି ରବିବାର ଏହି ସୂଚନା ଦେଇଛି। ସିସିଟିଭି କହିଛି ରବିବାର ଦିନ ପ୍ରାୟ ସକାଳ ୬ ଟା ସମୟରେ ସିଚୁଆନ ପ୍ରଦେଶର ଲେଶାନ ସହର ନିକଟ ଏକ ପାର୍ବତ୍ୟ ଅଞ୍ଚଳରେ ଏହି ଭୂସ୍ଖଳନ ଘଟିଛି। ୧୮୦ରୁ ଅଧିକ ଉଦ୍ଧାର କର୍ମଚାରୀଙ୍କୁ ଉକ୍ତ ସ୍ଥାନକୁ ପଠାଯାଇଛି। ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପାଣିପାଗ ଟ୍ରାକିଂ ତଥ୍ୟ ସୂଚାଇ ଦେଇଛି ଘଟଣାର ଦୁଇ ଦିନ ପୂର୍ବରୁ ଲେଶନ ସହରରେ ପ୍ରବଳ ବର୍ଷା ହୋଇଥିଲା।

# ପୁଣି ଏନଡ଼ିଏକୁ ଫେରିପାରନ୍ତି ଚନ୍ଦ୍ରବାବୁ, ଶାହା ଓ ନଡ୍ଡାଙ୍କ ସହ କଲେ ଗୁରୁତ୍ୱପୂର୍ଣ୍ଣ ବୈଠକ

ନୂଆଦିଲ୍ଲୀ : ୨୦୨୪ରେ ଲୋକସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏନେଇ ଦଳମାନେ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରିଦେଲେଣି । ତେବେ ମୋଦୀଙ୍କ ନେତୃତ୍ୱରେ ପୁଣି ତୃତୀୟ ଥର ପାଇଁ ଏନଡିଏ କ୍ଷମତାକୁ ଆସିବାକୁ ଚେଷ୍ଟା ଆରମ୍ଭ କରିଦେଇଥିବାବେଳେ ବିଜେପିକୁ ରୋକିବା ପାଇଁ ବିରୋଧୀ ଦଳମାନେ ଏବେ ଏକଜୁଟ ହେବାରେ ଲାଗିପଡିଛନ୍ତି । ବିଶେଷ କରି ବିଜେପି ଏବେ ଏହାର ପୁରୁଣା ସହଯୋଗୀମାନଙ୍କୁ ଏକାଠି କରିବାକୁ ଚେଷ୍ଟା ଆରମ୍ଭ କରିଛି। ଏହି କ୍ରମରେ ତେଲୁଗୁ ଦେଶମ ଦଳ ବା ଟିଡ଼ିପି ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ ଶନିବାର ଦିଲ୍ଲୀରେ ଅମିତ ଶାହାଙ୍କୁ ସହ ସାକ୍ଷାତ କରିଥିଲେ। ଏହି ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମଧ ଉପସ୍ଥିତ ଥିଲେ। ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଚଳିତ ବର୍ଷ ଶେଷ ଆଡକୁ ହେବାକୁ ଥିବା ତେଲେଙ୍ଗାନା ବିଧାନସଭା ନିର୍ବାଚନ ଏବଂ ଆସନ୍ତା ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ଉପରେ ଆଲୋଚନା କରାଯାଇଥିଲା। ସୂଚନାନୁସାରେ, ଚଳିତ ବର୍ଷ ଶେଷ ଆଡକୁ ହେବାକୁ ଥିବା ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ବିଜେପି ଏବଂ ଟିଡିପି ଏକାଠି ହୋଇପାରନ୍ତି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ୨୦୧୪ରେ ଏନଡିଏରେ ଥିଲା କିନ୍ତୁ ଆନ୍ଧ୍ରକୁ ସ୍ୱତନ୍ତ୍ର ମାନ୍ୟତା ଦାବିରେ ମାର୍ଚ୍ଚ ୨୦୧୮ ରେ ଏନଡ଼ିଏରୁ ବାହାରି ଆସିଥିଲା।



ନିକଟରେ 'ମନ କି ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଟିଡିପି ପ୍ରତିଷ୍ଠାତା ତଥା ଅବିଭାଜିତ ଆନ୍ଧ୍ରପ୍ରଦେଶର ତିନିଥର ମୁଖ୍ୟମନ୍ତ୍ରୀ ଏନଟି ରାମା ରାଓଙ୍କୁ ତାଙ୍କ ଜନ୍ମଦିନରେ ମନେ ପକାଇଥିଲେ। ସେହିପରି ଚନ୍ଦ୍ରବାବୁ ମଧ କିଛିଦିନ ହେଲା ସଂକେତ ଦେଉଛନ୍ତି ଯେ ବିଜେପି ସହ ସେ ସମ୍ପର୍କକୁ ସୁଧାରିବାକୁ ଚାହୁଁଛନ୍ତି । ଏପ୍ରିଲରେ ନାଇଡୁ ପ୍ରଧାନମନ୍ତ୍ରୀଙ୍କୁ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା ଭାବରେ ବର୍ଣ୍ଣନା କରି କହିଥିଲେ ଯେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୋଗଦେବାକୁ ଚାହୁଁଛନ୍ତି।

# ଆଫଗାନିସ୍ତାନରେ ଓଲଟିଲା ମିନି ବସ, ୨ ମୃତ, ୮ ଆହତ



କାବୁଲ : ଆଫଗାନିସ୍ତାନରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଯେଉଁଠାରେ ଆଠ ଜଣ ଆହତ ହୋଇଛନ୍ତି। ପୂର୍ବ ଆଫଗାନିସ୍ତାନର ଖ୍ୱାର୍ଦକ ଠାରେ ଏହି ଘଟଣା ଘଟିଛି। ଆଫଗାନିସ୍ତାନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପୋଲିସ ମୁଖପାତ୍ର ମହମ୍ମଦ ୟୁସୁଫ ଅସାର କହିଛନ୍ତି ଖ୍ୱାର୍ଡର ବେହସୋଦ ଜିଲାରେ ହଠାତ ଏକ ମିନିବସ ଓଲଟି ପଡିଥିଲା। ଏହି କାରଣରୁ ଦୁଇଜଣ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ବସ ଓଲଟି ପଡିଥିଲା ବୋଲି ଆଶାର କହିଛନ୍ତି। ଏହି କାରଣରୁ ଦୁର୍ଘଟଣା ଘଟିଥିଲା । ଆହତଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ ଅନ୍ତର୍ଭୁକ୍ତ, ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନା ନିଆଯାଇଛି। ଗତ କିଛି ଦିନ ଧରି ଆଫଗାନିସ୍ତାନରେ ସଡ଼କ ଦୁର୍ଘଟଣା ବହୁତ ବୃଦ୍ଧି ପାଇଛି। ଏହାର କାରଣ ହେଉଛି ଦ୍ରୁତ ବେଗରେ ବେପରୁଆ ଗାଡି ଚଳାଇବା। ଖରାପ ରାସ୍ତା ଏବଂ ପରିବହନ ନିୟମର ଅଭାବ ସହିତ ଅନ୍ୟାନ୍ୟ କାରଣରୁ ଦେଶରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ, ୨୦୨୦ ମସିହାରେ ଆଫଗାନିସ୍ତାନରେ ସଡ଼କ ଦୁର୍ଘଟଣା ଯୋଗୁଁ ୬,୦୩୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସଡ଼କ ଦୁର୍ଘଟଣା ଦୃଷ୍ଟିରୁ ଆଫଗାନିସ୍ତାନ ବିଶ୍ୱରେ ୭୬ ତମ ସ୍ଥାନରେ ରହିଛି।

## ସୁପ୍ରିମକୋର୍ଟ ପହଞ୍ଚିଲା ରେଳ ଦୁର୍ଘଟଣା ଯାଞ୍ଚ ମାମଲା

ନୂଆଦିଲ୍ଲୀ : ଓଡ଼ିଶାର ବାଲେଶ୍ୱରରେ ହୋଇଥିବା ବଡ ଧରଣର ରେଳ ଦୁର୍ଘଟଣା ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ବିଶାଲ ତିୱାରୀ ନାମକ ଜଣେ ଓକିଲ ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଏହି ଆବେଦନରେ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ 'କବଚ' ସିଷ୍ଟମକୁ ଯଥାଶୀଘ୍ର ଲାଗୁ କରିବାକୁ ଦାବି କରାଯାଇଛି। ଏହାସହ ପୂର୍ବତନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଯାଞ୍ଚ ଆୟୋଗ ଗଠନ କରିବାକୁ ଦାବି କରାଯାଇଛି। ଏହା ବ୍ୟତୀତ ରେଲୱେ ସୁରକ୍ଷାକୁ ନେଇ ବି ପୂର୍ବତନ ବିଚାରପତିଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞ କମିଟି ଗଠନ କରିବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ବାହାନଗାରେ ହୋଇଥିବା ରେଳ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯୦୦ ଆହତ ହୋଇଥିବା କୁହାଯାଇଛି।

# ଚୀନ୍‌ର ମୁକାବିଲା କରିବାକୁ ଆମେ ସକ୍ଷମ: ବାୟୁ ଓ ନୌସେନା ମୁଖ୍ୟ



ନୂଆଦିଲ୍ଲୀ: ଚୀନ୍ ଯଦି ଭାରତ ଉପରେ ଆକ୍ରମଣ କରିଦିଏ ତେବେ ଭାରତ ଏହାର ଦୃଢ଼ ଜବାବ ଦେବାକୁ ସକ୍ଷମ। ଭାରତୀୟ ବାୟୁସେନା ପକ୍ଷରୁ ସମ୍ମୁଖ ଅଞ୍ଚଳରେ ଯଥେଷ୍ଟ ସଂଖ୍ୟକ ଲଢୁଆ ବିମାନ, ଭୂପୃଷ୍ଠରୁ ଆକାଶକୁ କ୍ଷେପଣୀୟ କ୍ଷେପଣାସ୍ତ୍ର ଓ ଗାଇଡେଡ୍ ଅସ୍ତ୍ର ବ୍ୟବସ୍ଥା, ରାଡାର ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ମୁତୟନ କରାଯାଇଛି। ଚୀନ୍‌ର ମୁକାବିଲା କରିବା ପାଇଁ ଆବଶ୍ୟକ ଲଜିଷ୍ଟିକ୍ସ ସହ ଭିତ୍ତିଭୂମି ମଧ ନିର୍ମାଣ କରାଯାଇଛି ବୋଲି ଏୟାର୍ ଚିଫ୍ ମାର୍ଶାଲ ଭିଆର୍ ଚୌଧୁରୀ କହିଛନ୍ତି। ଉତ୍ତରୀ ସୀମାରେ କ'ଣ ଘଟୁଛି ଆମେ ନିୟମିତ ନଜର ରଖୁଛୁ ଏବଂ ଯେକୌଣସି ଆହ୍ୱାନର ଜବାବ ଦେବା ପାଇଁ ଆମେ ସଦା ପ୍ରସ୍ତୁତ ବୋଲି ସେ କହିଛନ୍ତି। ସେହିପରି ନୌସେନା ମୁଖ୍ୟ ଆଡମିରାଲ ଆର୍ ହରି କୁମାର କହିଛନ୍ତି ଯେ, ଭାରତ ମହାସାଗରରେ ଚୀନ୍ ଯୁଦ୍ଧଜାହାଜ ଓ ଅନ୍ୟ ଜାହାଜଗୁଡ଼ିକ ଉପରେ ଆମ ନୌସେନା ସଦା ନଜର ରଖିଛି। ଆମ ଯୁଦ୍ଧ ଜାହାଜଗୁଡ଼ିକ ଅପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ସହ ସଦା ପ୍ରସ୍ତୁତ ହୋଇ ରହିଛନ୍ତି। ୨୦୨୦ ଗଲୱାନ ସଂଘର୍ଷ ପରେ ସମ୍ଭାବ୍ୟ ଯେକୌଣସି ପରିସ୍ଥିତି ପାଇଁ ଆମ ବାୟୁସେନାକୁ ପ୍ରସ୍ତୁତ କରାଯାଇଛି ବୋଲି ଏୟାର ଚିଫ୍ ମାର୍ଶାଲ ଚୌଧୁରୀ କହିଛନ୍ତି।

# ୬ ମାସ ପରେ ଭୂପୃଷ୍ଠକୁ ଫେରିଲେ ଚୀନ ମହାକାଶଚାରୀ



ବେଜିଂ : ଚାଇନାର ମହାକାଶଚାରୀମାନେ ରବିବାର ୬ ମାସ ପରେ ନିରାପଦରେ ପୃଥିବୀକୁ ଫେରିଥିଲେ। ଶେନଝୋଉ-୧୫ରୁ ପୃଥିବୀକୁ ଫେରିଥିବା ମହାକାଶଚାରୀମାନେ ୬ମାସ ଧରି ମହାକାଶରେ ଥିଲେ, ଯେଉଁଠାରେ ସେମାନେ ଚାଇନାର ସ୍ପେସ ଷ୍ଟେସନ ନିର୍ମାଣ ପାଇଁ ଏକ ମିଶନରେ ଥିଲେ। ଚାଇନା ସ୍ପେସ ଏଜେନ୍ସି ରିପୋର୍ଟ କରିଛି ଫେ ଜୁନଲୋଙ୍ଗ, ଡେଙ୍ଗ କଲିଙ୍ଗ ଏବଂ ଝାଙ୍ଗ ଲୁ ସକାଳ ୬ ଟା ୩୩ରେ ଉତ୍ତର ଚାଇନା ଡୋଙ୍ଗଫେଙ୍ଗ ଅବତରଣ ସ୍ଥାନରେ ଅବତରଣ କରିଛନ୍ତି। ଯାତ୍ରୀମାନେ ସୁସ୍ଥ ଥିଲେ ଏବଂ ଆମର ମାନବ ମିଶନ ସଫଳ ହୋଇଥିଲା ବୋଲି ଏଜେନ୍ସି କହିଛି। ଏଜେନ୍ସି କହିଛି ୩୦ ମେରେ ମହାକାଶ ଯାତ୍ରା କରିବାକୁ ଯାଇଥିବା ଯାତ୍ରୀଙ୍କ ପରେ ସମସ୍ତ ତିନିଜଣ ଯାତ୍ରୀ ଫେରି ଆସିଛନ୍ତି। ନୂତନ ଯାତ୍ରୀମାନେ ସେଠାରେ ପାଞ୍ଚ ମାସ ରହିବେ । ସ୍ପେସ ଷ୍ଟେଶନ ନିର୍ମାଣ ହେବା ପରେ ଚାଇନା ପୃଥିବୀର ପ୍ରଥମ ଦେଶ ହେବ ଯାହାର ନିଜର ସ୍ପେସ ଷ୍ଟେଶନ ଅଛି। ଅନେକ ଦେଶ ସହଯୋଗରେ ରୁଷିଆର ଅନ୍ତର୍ଜାତୀୟ ସ୍ପେସ ଷ୍ଟେଶନ ନିର୍ମାଣ କରାଯାଉଛି ଏବଂ ଏହା ୨୦୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଚାଇନା ସ୍ପେସ ଷ୍ଟେଶନର ବିଶେଷତା ହେଉଛି ଏହାର ଦୁଇଟି ରୋବୋଟିକ ବାହୁ, ଯାହା ଉପଗ୍ରହ ସମେତ ଅନେକ ଜିନିଷ ଏକାଥରେ ଧରିପାରେ । ମହାକାଶଚାରୀ ଫେ କହିଛନ୍ତି ଆମକୁ ଦିଆଯାଇଥିବା ସମସ୍ତ କାର୍ଯ୍ୟ ସମାପ୍ତ କରିଛୁ। ଆମ ଦେଶକୁ ଫେରି ଆମେ ଖୁସି। ଏହାପୂର୍ବରୁ ୨୦୦୫ରେ, ଫେ ମଧ ଶେନଝୋଉ-୬ରେ ମହାକାଶକୁ ଯାତ୍ରା କରିଥିଲେ।

# ଭାରତୀୟ ଶିଶୁକୁ ଫେରାଇବା ପାଇଁ ଜର୍ମାନ ରାଷ୍ଟ୍ରଦୂତଙ୍କୁ ୫୯ ଏମ୍‌ପିଙ୍କ ଚିଠି

ନୂଆଦିଲ୍ଲୀ : ଜର୍ମାନୀରେ ଫଷ୍ଟର କେୟାର୍‌ରେ ରହିଥିବା ଏକ ଭାରତୀୟ ଶିଶୁକୁ ତା'ର ବାପାମାଆଙ୍କୁ ଯଥାଶୀଘ୍ର ଫେରାଇ ଦେବା ପାଇଁ ଅନୁରୋଧ କରି ନୂଆଦିଲ୍ଲୀସ୍ଥିତ ଜର୍ମାନୀ ରାଷ୍ଟ୍ରଦୂତ ଫିଲିପ ଆକରମ୍ୟାନଙ୍କୁ ବିଜେପି ଓ କଂଗ୍ରେସ ସମେତ ଭାରତର ୧୯ଟି ରାଜନୈତିକ ଦଳର ୫୯ ଜଣ ସାଂସଦ ଚିଠି ଲେଖିଥିବା ଜଣାପଡ଼ିଛି। ଭାରତୀୟ ଶିଶୁର ଜାତୀୟ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ପାଇଁ ଏହା ଆବଶ୍ୟକ ବୋଲି ସେମାନେ ଯୁକ୍ତି ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ବାଳିକାର ବାପାମାଆ ହେଉଛନ୍ତି ଗୁଜରାଟର ବାସିନ୍ଦା। ସେମାନେ ୨୦୧୮ରେ ଜର୍ମାନୀ ଯାଇଥିଲେ। ପିଲାର ବାପା ବର୍ଲିନରେ ଏକ କମ୍ପାନିରେ ଚାକିରି କରୁଥିଲେ। ଏକ ଦୁର୍ଘଟଣାରେ ତାଙ୍କ ଝିଅ ଆହତ ହେବା ପରେ ୨୦୨୧ ସେପ୍ଟେମ୍ବର ୨୩ରୁ ତାକୁ ଜର୍ମାନୀର ଚାଇଲ୍ଡ ୱେଲଫେୟାର କଷ୍ଟଡିରେ ରଖାଯାଇଛି। ସେତେବେଳେ ୭ ମାସର ହୋଇଥିବା ଆରିହା ଶାହ ନାମ୍ନୀ ବାଳିକାକୁ ଫେରାଇବା ପାଇଁ ବାପାମାଆ ଧାରା ଓ ଭବେଶ ଶାହଙ୍କ ଶତ ଅନୁରୋଧ ସତ୍ତ୍ୱେ ସେମାନଙ୍କ ଅବହେଳାକୁ ଦାୟୀ କରି ଜର୍ମାନୀ ଶିଶୁକୁ ଫେରାଉ ନ ଥିବା ଜଣାପଡ଼ିଛି। ବାପାମାଆ ଏବେ ଭାରତ ଫେରିବାକୁ ଚାହୁଁଥିବା ବେଳେ ଝିଅକୁ ନ ନେଇ କିପରି ଫେରିବେ ସେହି ଚିନ୍ତାରେ ଅଛନ୍ତି। ବାପାମାଆଙ୍କ ଅବହେଳା ବିରୋଧରେ ଫେବ୍ରୁଆରି ୨୦୨୨ରେ ଏକ ମାମଲା ରୁଜୁ କରାଯାଇଥିଲା। କିନ୍ତୁ ତାଙ୍କ ବିରୋଧରେ କୌଣସି ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇ ନାହିଁ। ସାଂସଦମାନେ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ତାଙ୍କ ଦେଶର ଆଇନଗତ ପ୍ରକ୍ରିୟାକୁ ସେମାନେ ସମ୍ମାନ ଦେଉଛନ୍ତି। କିନ୍ତୁ ଶିଶୁର ପରିବାର ବିରୋଧରେ କୌଣସି ଆପରାଧିକ ମାମଲା ନାହିଁ। ଶିଶୁକୁ ଫଷ୍ଟର କେୟାରରେ ରଖିବାର ଇତିମଧ୍ୟରେ ବହୁଦିନ ହୋଇଗଲାଣି। ଆଉ ଅଧିକ ଦିନ ରଖିଲେ ତା'ର ବହୁତ କ୍ଷତି ହେବ। ତେଣୁ ତାକୁ ତୁରନ୍ତ ତା'ର ବାପାମାଆଙ୍କୁ ଫେରାଇବାର ବ୍ୟବସ୍ଥା କରିବାକୁ ଦୂତାବାସ ମାଧ୍ୟମରେ ଜର୍ମାନୀ ସରକାରଙ୍କୁ ଅନୁରୋଧ କରାଯାଇଛି।

# ଡିଜିଟାଲ କ୍ଷେତ୍ରରେ ଭାରତ ୟୁରୋପଠାରୁ ଆଗରେ : ଜୟଶଙ୍କର



 କେପଟାଉନ : ଭାରତୀୟ ବହିର୍ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଦକ୍ଷିଣ ଆଫ୍ରିକା ଗସ୍ତରେ ଅଛନ୍ତି। ଭାରତୀୟ ମୂଳ ବ୍ୟକ୍ତିମାନେ ମନ୍ତ୍ରୀଙ୍କ ସମ୍ମାନାର୍ଥେ ଶନିବାର କେପଟାଉନରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ସମୟରେ ଜୟଶଙ୍କର କହିଛନ୍ତି ବର୍ତ୍ତମାନ ଏହା ନୁହେଁ ଯେ ଭାରତ ମନ୍ଥର ଗତିରେ ବଢୁଛି, ଯେତେବେଳେ ଡିଜିଟାଲ କଥା ଆସେ, ଆମେ ଏହି ପ୍ରସଙ୍ଗରେ ୟୁରୋପ ଏବଂ ଉତ୍ତର ଆମେରିକାର ଅନେକ ଦେଶଠାରୁ ଆଗରେ ଅଛୁ। ଭାରତୀୟ ଏନଆରଆଇ ମାନଙ୍କୁ ବୁଝିବା ଆବଶ୍ୟକ ଗତ ନଅ ବର୍ଷ ମଧ୍ୟରେ ଭାରତରେ ଘଟିଥିବା ପରିବର୍ତ୍ତନ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଏହାର ବହୁତ ପ୍ରଭାବ ପଡ଼ିବ। ସେ କହିଛନ୍ତି ଯଦି ବିଦେଶରେ ରହୁଥିବା ଭାରତୀୟମାନେ ମଧ ଏହି ପରିବର୍ତ୍ତନର ଏଜେଣ୍ଟ ହୁଅନ୍ତି ତେବେ ଏହା ଭଲ ହେବ। ବ୍ରିକ୍ସ କାର୍ଯ୍ୟକ୍ରମରେ ଭାଗ ନେବାକୁ ଏସ ଜ ସଙ୍ଖ ଶଙ୍କର ଦକ୍ଷିଣ ଆଫ୍ରିକାରେ ଅଛନ୍ତି। ଯେଉଁଠାରେ ସେ ବ୍ରାଜିଲ, ଚାଇନା, ରୁଷିଆର ପ୍ରତିନିଧୀଙ୍କୁ ଭେଟିବେ।

## ଐତିହାସିକ ବିଜୟ ପରେ ଏର୍ଦୋଗନ ନେଲେ ରାଷ୍ଟ୍ରପତି ପଦର ଶପଥ

ଅଙ୍କାରା : ଦୀର୍ଘଦିନ ହେବ ତୁର୍କୀରେ ରାଷ୍ଟ୍ରପତି ଥିବା ରେସେପ ତୈୟପ ଏର୍ଦୋଗନ ତାଙ୍କର ତୃତୀୟ କାର୍ଯ୍ୟକାଳ ପାଇଁ ରାଷ୍ଟ୍ରପତି ପଦର ଶପଥ ନେଇଛନ୍ତି। ସେ ଖୁବଶୀଘ୍ର ନୂଆ ମନ୍ତ୍ରିମଣ୍ଡଳର ଘୋଷଣା କରିବେ, ଯେଉଁଥିରୁ ସଙ୍କେତ ମିଳିବ କି ଦେଶରେ ଅଣ ରୁଢ଼ିବାଦୀ ଆର୍ଥିକ ନିତି ଜାରି ରହିବ, ଅବା ତୁର୍କି ପାରମ୍ପରିକ ନୀତିକୁ ଫେରିବ। ଅର୍ଥନୈତିକ ସଙ୍କଟ ପରିଚାଳନା ପାଇଁ ୬୯ବର୍ଷିୟ ନେତା ଏରଦୋଗନଙ୍କୁ ଦାୟିତ୍ୱ ଦିଆଯିବ। ତୁର୍କୀ ବର୍ତ୍ତମାନ ମୁଦ୍ରାସ୍ଫୀତି ଏବଂ ମୁଦ୍ରା ମୂଲ୍ୟ ହ୍ରାସ ସହ ସଂଘର୍ଷ କରୁଛି। ଶନିବାର ଦିନ ସେ ନୂତନ ସରକାରର ମନ୍ତ୍ରୀଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ଜଣେ ପୂର୍ବତନ ବ୍ୟାଙ୍କର ତଥା ଅର୍ଥନୀତିର ପୂର୍ବତନ ମୁଖ୍ୟ ମେହମେତ ସିମସେକଙ୍କୁ ଅର୍ଥ ଓ ରାଜକୋଷର ମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ।

# ଇମ୍ରାନଙ୍କ ମାମଲାରେ ସାକ୍ଷୀଭାବେ ରେକର୍ଡ କରାଯିବ ପତ୍ନୀଙ୍କ ବୟାନ

ଇସଲାମାବାଦ : ନ୍ୟାସନାଲ ଆକାଉଣ୍ଟବିଲିଟି ବ୍ୟୁରୋ ଅଫ ପାକିସ୍ତାନ ବା (ଏନଏବି) ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ପତ୍ନୀ ବୁଶରା ବିବିଙ୍କୁ ନୋଟିସ ଜାରି କରିଛନ୍ତି। ତାଙ୍କୁ ରାଷ୍ଟ୍ରୀୟ ଅପରାଧ ଏଜେନ୍ସି୧୯୦ ମିଲିୟନ ପାଉଣ୍ଡର ଅଲ-କାଦିର ଟ୍ରଷ୍ଟ ମାମଲାରେ ଜୁନ ୭ରେ ତାଙ୍କ ବୟାନ ରେକର୍ଡ କରିବାକୁ ଡାକିଛନ୍ତି। ଏହାପୂର୍ବରୁ ଏନଏବିର ମିଳିତ ଅନୁସନ୍ଧାନକାରୀ ଦଳ (ସିଆଇଟି) ଜୁନ ୭ରେ ଇମ୍ରାନ ଖାଁଙ୍କୁ ଡକାଇଥିଲା। ସୂତ୍ରରୁ ପ୍ରକାଶ ଯେ ବୁଶରା ବିବିଙ୍କ ବିବୃତ୍ତି ସାକ୍ଷୀ ଭାବରେ ରେକର୍ଡ ହେବ। ନୂତନ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ତାଙ୍କୁ ଅଭିଯୁକ୍ତ କିମ୍ବା ବିବୃତ୍ତି ରେକର୍ଡିଂ ପାଇଁ ସାକ୍ଷୀ ଭାବରେ ଡକାଯାଉଛି କି ନାହିଁ ଜଣାଇବାକୁ ବାଧ୍ୟ। ଏହି ପ୍ରକ୍ରିୟା ଅନୁସରଣ କରି, ସିଆଇଟି ପୂର୍ବ ସରକାରଙ୍କ ମନ୍ତ୍ରୀଙ୍କ ବିବୃତ୍ତି ରେକର୍ଡ କରିସାରିଛି। ଦି ନ୍ୟୁଜ ଇଣ୍ଟରନ୍ୟାସନାଲ ରିପୋର୍ଟରେ ଅଲ-କାଦିର ବିଶ୍ୱବିଦ୍ୟାଳୟ ଏବଂ ଟ୍ରଷ୍ଟକୁ ଦାତା ଗ୍ରହଣ କରିଥିବା ସମସ୍ତ ଦାନର ରେକର୍ଡ ମଧ ନାବ ଖୋଜିଛି। ଗତ ସପ୍ତାହରେ ନାବ ଉତ୍ତରଦାୟିତ୍ୱ କୋର୍ଟକୁ କହିଥିଲେ ଯେ ବୁଶରା ବିବିଙ୍କୁ ଗିରଫ କରିବାର କୌଣସି ଆବଶ୍ୟକତା ନାହିଁ। ନ୍ୟୁଜ ଇଣ୍ଟରନ୍ୟାସନାଲ ସୂତ୍ରରୁ ପ୍ରକାଶ ଯେ ଇମ୍ରାନ ଖାଁଙ୍କ ଶେଷ ଉତ୍ତରରେ ସିଆଇଟି ସନ୍ତୁଷ୍ଟ ନୁହେଁ ଏବଂ ତାଙ୍କୁ ଜୁନ ୭ରେ ନାବ ପ୍ରଶ୍ନର ଉତ୍ତର ଦେବାକୁ କହିଛି।

# ଚୀନ୍‌ର ରହସ୍ୟମୟ ପଦକ୍ଷେପ ମାଟି ତଳେ ଗଭୀର ଗର୍ତ୍ତ ଖୋଳିଚାଲିଛି

ବେଜିଂ: ରହସ୍ୟଜନକଭାବେ ପୃଥିବୀର ଭୂତ୍ୱକ୍‌ରେ ୧୦,୦୦୦ ମିଟର (୩୨,୮୦୮ ଫୁଟ୍)ର ଗଭୀର ଗର୍ତ୍ତ ଖୋଳୁଛି ଚୀନ୍। ମିଳିଥିବା ଖବର ଅନୁଯାୟୀ ତୈଳସମୃଦ୍ଧ ସିଂଜିଆଙ୍ଗ ପ୍ରଦେଶର ତାରିମ ଅବବାହିକାରେ ଚୀନ୍ ମେ ୩୦ରୁ ଖୋଳୁଥିବା ଗର୍ତ୍ତ ଆଜିଯାଏ ପୃଥିବୀରେ ଖୋଳାଯାଇଥିବା ଗର୍ତ୍ତ ମଧ୍ୟରେ ଦ୍ୱିତୀୟ ଗଭୀରତମ। ଏହି ଗର୍ତ୍ତ ଖନନ ଦ୍ୱାରା ଭୂଗର୍ଭରେ ଗଚ୍ଛିତ ଥିବା ଖଣିଜ ସମ୍ପଦର ସନ୍ଧାନ କରାଯାଇପାରିଲେ ମଧ ଏହାଦ୍ୱାରା ମନୁଷ୍ୟକୃତ ଭୂକମ୍ପ ଓ ଆଗ୍ନେୟ ଉଦ୍‌ଗିରଣର ମଧ ଭୟ ରହିଛି। ସମ୍ଭବତଃ ଚୀନ୍ ଚାହୁଁଛି, ଗଭୀର ଭୂଗର୍ଭରେ ପରମାଣୁ ଅସ୍ତ୍ରର ପରୀକ୍ଷା କରିବ, ଯାହାଦ୍ୱାରା ଭୂପୃଷ୍ଠରେ ଏହାର ବିକିରଣ ଯୋଗୁ କୌଣସି କ୍ଷତି ହେବାର ଆଶଙ୍କା ରହିବ ନାହିଁ। ଭୂତଳରେ ଅତି ଗଭୀରରେ ଜଳର ସନ୍ଧାନ ପାଇଁ ମଧ ଚୀନ୍ ଉଦ୍ୟମ କରୁଥାଇପାରେ। ଚୀନ୍ ମଧ ଗଭୀର ଭୂଗର୍ଭରେ କାର୍ବନ ସିକ୍ୱେନ୍ସିଂ ଟେକ୍‌ନିକ୍‌ର ବିକାଶ କରିବାକୁ ଚାହୁଁଥାଇପାରେ। ପୃଥିବୀର ରହସ୍ୟ ଭେଦନ କରିବା ପାଇଁ ଚୀନ୍ ବୈଜ୍ଞାନକମାନେ ନୂଆ କୌଶଳର ବିକାଶ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ମାନବକୃତ ଗଭୀରତମ ଗର୍ତ୍ତ ହେଉଛି କୋଲା ସୁପରଡିପ ବୋର୍‌ହୋଲ୍ ଯାହା ରୁଷ୍‌ର କୋଲା ଉପଦ୍ୱୀପ ଅଞ୍ଚଳରେ ଅବସ୍ଥିତ। ୧୯୭୦ରୁ ୧୯୯୨ ମଧ୍ୟରେ ଖୋଳାଯାଇଥିବା ଏହି ଗର୍ତ୍ତର ଗଭୀରତା ହେଉଛି ୧୨,୨୬୨ ମିଟର। ପୃଥିବୀର ଭୂତ୍ୱକ୍ ଓ ମ୍ୟାଣ୍ଟଲ ଅଞ୍ଚଳର ଅଧ୍ୟୟନ କରିବା ଏହାର ଉଦ୍ଦେଶ୍ୟ ଥିଲା। ବର୍ତ୍ତମାନ ୧୦,୦୦୦ ମିଟର ଗର୍ତ୍ତ ଖୋଳି ଚୀନ୍ ବି ଇତିହାସ ସୃଷ୍ଟି କରିବାକୁ ଚାହୁଁଛି।

# ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସରର ସ୍ୱର' ପକ୍ଷରୁ ସାହିତ୍ୟ ଆଲୋଚନା ଚକ୍ର

ଗଞ୍ଜାମ/ପୋଲସରା, (ପିପିଏସ) : ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ପୋଲସରାସ୍ଥିତ ଐତିହାସିକ ପିଠ ଶରଣ ଶ୍ରୀକ୍ଷେତ୍ର ମାରଦା ଠାରେ ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସର ର ସ୍ୱର ପକ୍ଷରୁ ୧୨୫ତମ ସାହିତ୍ୟ ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ସଭା ଓ କବିତା ଆସର ପ୍ରତିଷ୍ଠାନର ସଭାପତି ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, କବି ଅନନ୍ତକର,କବି ପ୍ରସାନ୍ତ ନନ୍ଦ, ଜି. ରାଜେଶ୍ୱର ପାତ୍ର କୈଳାସ ଚନ୍ଦ୍ର ପ୍ରଧାନ, ଖଲି ପରିଡା ପ୍ରମୁଖ ଯୋଗଦେଇ ଆଠଗଡର ପ୍ରାଚୀନ ସାହିତ୍ୟିକ ଓ ସେମାନଙ୍କର ସାହିତ୍ୟର ପରାକାଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଐତିହାସିକ ମାରଦା ମନ୍ଦିର ଓଡ଼ିଶା ଇତିହାସର ଏକ ସୁବର୍ଣ୍ଣ ସ୍ୱାକ୍ଷର ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାସଚିବ ତଥା କବି ଦଣ୍ଡ ପାଣି ମହାପାତ୍ର ଙ୍କୁ ତାଙ୍କରି ସାହିତ୍ୟିକ ଉପଲବ୍ଧି ପାଇଁ 'ଘୁମୁସର ର ସ୍ୱର' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। କବି ରାଇ ରଞ୍ଜନ ନନ୍ଦ ଙ୍କ ସଂଯୋଜନା ରେ କବି ତ୍ରିନାଥ ପ୍ରଧାନ, କୁନାସେଠୀ, ଶ୍ରୀନିବାସ ପଣ୍ଡା, ସୁରେଶ ଚନ୍ଦ୍ର ପାଢ଼ୀ, ଚରଣ ଜେନା, ମମତା କୁମାରୀ ସୁଆର, ରଞ୍ଜନ ମିଶ୍ର, ଇ. ନିଳାଚଳ ପାତ୍ର, ସୂର୍ଯ୍ୟ ସାମନ୍ତରା,ରମାକାନ୍ତ ରାଉତ, ଦିତୀକୃଷ୍ଣ ମହାପାତ୍ର ପ୍ରମୁଖ କବିତା ପାଠ କରଥିଲେ। ଅକିତା ମିଶ୍ର, ଆର୍. ପ୍ରତିଭା, ଆର୍. ପ୍ରନାମ କଳାକାର ମାନେ ପୂର୍ଣ୍ଣିମା ଅବସରରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଖଲି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ଟ୍ରେନ ଦୁର୍ଘଟଣା ନେଇ ପ୍ରେସ କ୍ଲବ ହିଞ୍ଜିଳିକାଟୁ ପକ୍ଷରୁ ଶୋକ ସଭା

ହିଞ୍ଜିଳିକାଟୁ, (ପିପିଏସ) : ବାଲେଶ୍ୱର ବାହାନଗାରେ ଶୁକ୍ରବାର ରାତିରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଖୁବ୍ ହୃଦୟ ବିଦାରକ ହୋଇଥିଲା। ରାତିର ଛାତି ଚିରି ଦୁର୍ଘଟଣା ସ୍ଥଳରେ ବହିଲା ରକ୍ତର ନଦୀ ଓ ଛଟପଟ୍ ହୋଇ ଅନେକ ଲୋକଙ୍କ ଜୀବନ ଚାଲିଗଲା ଏ ନେଇ ପ୍ରେସକ୍ଲବ ହିଞ୍ଜିଳିକାଟୁ ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ପ୍ରେସକ୍ଲବ ହିଞ୍ଜିଳିକାଟୁ ସଦସ୍ୟ ବୃନ୍ଦ ନୂତନ ବସଟର୍ମିନାଲ ପରିସରରେ ପହଞ୍ଚି ମୃତକଙ୍କ ପ୍ରତି ଗଭୀର ସମବେଦନା ସହ ଦୁଃଖ ପ୍ରକାଶ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆହତଙ୍କ ଆରୋଗ୍ୟ ମଧ୍ୟ କାମନା କରି ଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଏଥିରେ ସଂଘର ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦ୍ୱିତୀକୃଷ୍ଣ ପଣ୍ଡା, ବିଶ୍ୱମ୍ଭର ସାହୁ, ସୁଶାନ୍ତ ପ୍ରଧାନ, ଶେଷଦେବ ସାହୁ, ଅଜିତ କୁମାର ପଟ୍ଟନାୟକ, ପ୍ରିୟବ୍ରତ ପଣ୍ଡା, କାଳିଆ ନାୟକ ଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଅଞ୍ଚଳର ପ୍ରତ୍ୟେକ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ଜନସାଧାରଣ ଙ୍କ ତରଫରୁ ମଧ୍ୟ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ତତ ସଙ୍ଗେ ସଙ୍ଗେ ଉଦ୍ଧାର କାର୍ଯ୍ୟରେ ଲଗିଥିବା ସମସ୍ତଙ୍କୁ ସଂଘ ତରଫରୁ ପ୍ରସଂଶା ମଧ୍ୟ କରାଯାଇଛି। ଏହି ଅବସରରେ ଉଦ୍ଧାର ସମୟରେ ସ୍ଥାନୀୟ ସାମ୍ବାଦିକ ଓ ଜନସାଧାରଣ ଭୂମିକାକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଉକ୍ତ ଦୁର୍ଘଟଣା ସମୟରେ ବାଲେଶ୍ୱର ରେ ଯେଉଁଭଳି ଭାବେ ରକ୍ତର ଅଭାବ କୁ ଦୂର କରିବା ପାଇଁ ଜନ ସାଧାରଣ ହାତ ବଢ଼ାଇଥିଲେ ତାହାକୁ ମଧ୍ୟ ପ୍ରଶଂସା କରିଥିଲେ।

# ମଞ୍ଜୁରୀ ଗାନ୍ଧୀ ସ୍ମୃତିପୀଠରେ ହରିଜନ ପଦଯାତ୍ରା ସ୍ମୃତିଚାରଣ



ଭଦ୍ରକ, (ପିପିଏସ) : ଏହି ବ୍ଲକର ରଣଜିତ ପଞ୍ଚାୟତ ଅନ୍ତର୍ଗତ ମଞ୍ଜୁରୀ ଗାନ୍ଧୀ ସ୍ମୃତିପୀଠରେ ଗତ ଶୁକ୍ରବାର ହରିଜନ ପଦଯାତ୍ରା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଜୟ ରାଉତରାୟ, ଆଇନଜୀବି ତୁଷାରକାନ୍ତ ନାୟକ, ଦିଲ୍ଲିପ ସେନାପତି, ପ୍ରଶାନ୍ତ ଜେନା, ସରପଞ୍ଚ ପ୍ରତିନିଧି ସୁଶାନ୍ତ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ଉତ୍ସବରେ ଭଦ୍ରକ ଗାନ୍ଧୀ ସ୍ମୃତିକମିଟି ପକ୍ଷରୁ ଏ.କେ.ପାଢୀ, ଝରଣା ପଟ୍ଟନାୟକ, ପବନ ଶର୍ମା, ଅଶୋକ ରାଉତ ପ୍ରମୁଖ ଯୋଗଦେଇ ୧୯୩୪ ମସିହା ଆଜିର ଦିନରେ ଗାନ୍ଧୀ ମହାତ୍ମାଙ୍କ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ସଭା, ରାତ୍ରୀଯାପନ ଓ ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ୧୯୩୪ ମସିହା ଜୁନ ୨ ତାରିଖରେ ମହାତ୍ମା ଗାନ୍ଧୀ ହରିଜନ ପଦଯାତ୍ରାରେ ଯାଜପୁର ରୁ ଆସି ମଞ୍ଜୁରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ରାତ୍ରଯାପନ କରିବା ସହ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ। ପରଦିନ ପଦଯାତ୍ରାରେ ଏହି ଅଞ୍ଚଳ ପରିକ୍ରମା କରିଥିଲେ।

# ରେଳ ଦୁର୍ଘଟଣା ଆହତଙ୍କ ପାଇଁ ୧୦ ୟୁନିଟ ରକ୍ତଦାନ କଲେ ବାରିକପୁର ଡିଗ୍ରୀ ଏନଏସଏସ

ଭଦ୍ରକ, (ପିପିଏସ) : ଭଦ୍ରକ ସଦର ମହକୁମା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବାହାନଗା ରେଳ ଦୁର୍ଘଟଣାର ଆହତମାନଙ୍କ ରକ୍ତ ଆବଶ୍ୟକତା ପୂରଣ ପାଇଁ ବାରିକପୁର ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ସ୍ୱେଚ୍ଛାସେବୀମାନେ ୧୦ ୟୁନିଟ ରକ୍ତଦାନ କରିଛନ୍ତି। କଲେଜର ଏନ.ଏସ.ଏସ. ଅଧିକାରିଣୀ ରିତାଞ୍ଜଳୀ ପାରମାଣିକଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଶନିବାର ରକ୍ତଦାନ କରିବା ସହ ଆହତମାନଙ୍କୁ ଗ୍ଲୁକୋଜ, ପାଣିବୋତଲ, ବିସ୍କୁଟ ଯୋଗାଇଥିଲେ।

# ବାଲେଶ୍ୱର ବାହାନଗା ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ପାଇଁ ଦୀପଦାନ



ବ୍ରହ୍ମପୁର, (ପିପିଏସ) : ବାଲେଶ୍ୱର ବାହାନଗା ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ ଏବଂ ମୃତକଙ୍କ ଆତ୍ମାର ସଦଗତି କାମନା କରି ଆଜି ସଂଧ୍ୟାରେ ଭାରତୀୟ ଜନତା ପାର୍ଟି ପୁରୁଣା ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ସଭାପତି କେ.ଟୁଙ୍ଗୁରୁ ପାତ୍ରଙ୍କ ନେତୃତ୍ୱରେ ବ୍ରହ୍ମପୁର ସ୍ଥିତ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଠାରେ ଦୀପ ଦାନ କରାଯାଇଥିଲା ଓ ଏଥିରେ ବ୍ରହ୍ମପୁର ବିଧାନସଭା ନେତା ତଥା ପୂର୍ବତନ ଗଞ୍ଜାମ ଜିଲ୍ଲା ସଭାପତି କାହ୍ନୁ ଚରଣ ପତି,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ,ଜିଲ୍ଲା ଉପସଭାପତି ଡ଼ା.ସୁବାଷ ସାହୁ,ରାମ କୁମାର ପାତ୍ର,ସୁନିଲ କୁମାର ସାହୁ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ,କର୍ପୋରେଟର ସବିତା ସାହୁ,ରଞ୍ଜିତା ବେହେରା,ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଟୁଟୁନ୍ ପାତ୍ର,ଦେବୁନ୍ ପଟ୍ଟନାୟକ,ପୂର୍ବତନ ଜିଲ୍ଲା ଉପସଭାପତି ପ୍ରବୀର ପାତ୍ର,ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ବାଙ୍କାନିଧି ସେଠୀ, ସାନ ବଜାର ମଣ୍ଡଳ ସଭାପତି ସରୋଜ ପାତ୍ର,ଉପସଭାପତି ସୁମନ ଶତପଥି, ପୁରୁଣା ବ୍ରହ୍ମପୁର ମଣ୍ଡଳ ପୂର୍ବତନ ସଭାପତି ବିଘ୍ନରାଜ ନାୟକ,ଗୋସାଇଁନୂଆଗାଁ ମଣ୍ଡଳ ଉପସଭାପତି ଦେବୀ ପ୍ରସାଦ ପାଢ଼ୀ,ରବି ନାରାୟଣ ସାବତ,ସାଧାରଣ ସମ୍ପାଦକ ମନୋଜ ପାଢ଼ୀ,ସମ୍ପାଦକ ଏସ୍.ଶ୍ରୀନିବାସ୍,ଆସ୍କା ରୋଡ଼ ମହିଳା ମୋର୍ଚ୍ଚା ସଭାନେତ୍ରୀ ସନ୍ତୋଷିନୀ ସାହୁ,ଡ଼ା.ରାମହରି ଖଣ୍ଡୁଆଳ,ନାଗେଶ୍ୱର ରାଓ,କେ.ରବିନ୍ଦ୍ର ପାତ୍ର,ଲିଙ୍ଗରାଜ ସାହୁ,ଅଖିଳ ବେହେରା, କେ.ଶ୍ୱେତା ପାତ୍ର,ସୁରେଶ ନାହାକ,ପ୍ରଶାନ୍ତ କୁମାର, ଲକ୍ଷ୍ମୀ ପାତ୍ର,ନିବେଦିତା ପାଢ଼ୀ,ଉପେନ୍ଦ୍ର ପ୍ରସାଦ ରାଓ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମାଁ ବୁଢ଼ୀ ଠାକୁରାଣୀଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିବା ସହ ପ୍ରାର୍ଥନା କରିଥିଲେ ।

# କୃଷି ଅଧିକାରୀଙ୍କୁ ଭଦ୍ରକ ଓ ବାଲେଶ୍ୱର କୃଷି ଅଧିକାରୀ ଓ କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି

ଭଦ୍ରକ, (ପିପିଏସ) : ଗତ ଶୁକ୍ରବାର ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭଣ୍ଡାରିପୋଖରୀ ବ୍ଲକ ପୂର୍ବତନ ସହକାରୀ କୃଷି ଅଧିକାରୀ ତଥା ରେମୁଣା ବ୍ଲକ କୃଷି ଅଧିକାରୀ ବ୍ରଜକିଶୋର ବେହେରାଙ୍କୁ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କୃଷି ଅଧିକାରୀ ଓ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭଦ୍ରକରେ ରହୁଥିବା ପରିବାର ନିକଟକୁ ଜରୁରୀ କାମରେ କରମଣ୍ଡଳ ଟ୍ରେନ ଯୋଗେ ବାଲେଶ୍ୱରରୁ ଫେରୁଥିବା ବେଳେ ଦୁର୍ଘଟଣାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ପତ୍ନୀ ଓ ଉଭୟ ଜିଲ୍ଲାର କୃଷି ଅଧିକାରୀ ଓ କର୍ମଚାରୀମାନେ ଖୋଜାଖୋଜି ପରେ ବାଲେଶ୍ୱର ମେଡିକାଲରୁ ଶବ ଶନିବାର ଅପରାହ୍ନରେ ଚିହ୍ନଟ କରିଥିଲେ। ତାଙ୍କ ମରଶରୀରକୁ ରେମୁଣା କୃଷି କାର୍ଯ୍ୟାଳୟ, ଭଦ୍ରକ ଅଣାଯାଇ ବାସସ୍ଥାନ କଟକ ନିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଦିଲ୍ଲୀ ଆଇ.ଆଇ.ଟି.ରେ ଶିକ୍ଷାଗ୍ରହଣ କରୁଥିବା ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ। ଭଣ୍ଡାରିପୋଖରୀ ବ୍ଲକ ସହକାରୀ କୃଷି ଅଧିକାରୀ ଭାବେ ୨୦୦୮ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।

# ବିଜେପି କର୍ମୀଙ୍କ ଆକ୍ରମଣରେ ଗଦାଧରପ୍ରସାଦ ସରପଞ୍ଚ ଗୁରତର ଭୁବନେଶ୍ୱର ସ୍ଥାନାନ୍ତର

ନୟାଗଡ଼, (ପିପିଏସ) : ବ୍ଲକ ଅନ୍ତର୍ଗତ ଗଦାଧରପ୍ରସାଦ ପଞ୍ଚାୟତରେ ବିଜେପି କର୍ମୀଙ୍କ ଉନ୍ନତ କାଣ୍ଡ ନୟାଗଡ ନିର୍ବାଚନ ମଣ୍ଡଳୀରେ ବିଜେପି କର୍ମୀ ମାନେ କିଛିନକିଛି ବାହାନା କରି ଅକ୍ରୋସେ ମୂଳକ ଭାବେ ଗଣ୍ଡଗୋଳ ଭିଆଉଛନ୍ତି ବୋଲି ସାଧାଣରେ ରେ ଆଲୋଚନା ହେଉଛି ।ଯାହାଫଳରେ ସାଧାରଣ ଭୋଟର ଟିଏ ହିରଣ ହେଉଛି ଏହିପରି ନୟାଗଡ ନିର୍ବାଚନ ମଣ୍ଡଳୀ ରେ ବିଜେପି କର୍ମୀ ମାନେ ଗୁଣ୍ଡରଜ କରୁଛନ୍ତି ବୋଲି ବିଜେଡ଼ି କର୍ମୀ ମାନେ ଅଭିଯୋଗକରିଛନ୍ତି ଏହାର ନଗ୍ନ ଉଦାହରଣ ଆଜି ଗଦାଧରପ୍ରସାଦ ଗ୍ରାମ ପଞ୍ଚାୟତର ରେ ଦେଖିବାକୁ ମିଳିଛି ଗଦାଧରପ୍ରସାଦ ସରପଞ୍ଚ ଲକ୍ଷ୍ମୀଧର ପାତ୍ର ଆଜି ଘରୁ ବଜାରକୁ ଆସୁଥିବା ବେଳେ ମିଳିତ ଭାବେ ଖଣ୍ଡା ଏବଂ ବନ୍ଧୁକ ମୁନରେ ଆକ୍ରମଣ କରିଛନ୍ତି ୧୫ରୁ ଅଧିକ ବିଜେପି କର୍ମୀ । ହରିପୁର ଗ୍ରାମର ବିଜେପି ନେତାମାନେ ସରପଞ୍ଚଙ୍କୁ ହାଣି ରକ୍ତାତ କରିଦେଇଛନ୍ତି, ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରପଞ୍ଚଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ନୟାଗଡ଼ ମୁଖ୍ୟ ଚିକିତ୍ସାରେ ଭର୍ତି କରାଯାଇଛି । ଲକ୍ଷ୍ମୀଧର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ଉକ୍ତ ଘଟଣାଶୁଣି ନୟାଗଡ ବିଧାୟକ ଡ,ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,ନୟାଗଡ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ,ଜିଲ୍ଲାପରିଷଦ ସୁବାସ କଅଁର,ସରୋଜ ରଣସିଂହ ,କ୍ଷୀରୋଦ ମହାପାତ୍ର ,ଆସିଶି ଅଗ୍ରୱାଲ ବିଜେଡି ର ବହୁତ ସରପଞ୍ଚ ଓ ସମିତି ସଭ୍ୟ ଆସି ନୟାଗଡ ମୁଖ୍ୟ ଚିକିତ୍ସାଳରେ କୁ ଆସି ଲକ୍ଷ୍ମୀଧର ଅବସ୍ଥା ଦେଖି ଥିଲେ ସମସ୍ତ ବିଜେଡି କର୍ମୀ ମାନେ ଲକ୍ଷ୍ମୀଧର ଆସୁଆରୋଗ୍ୟ କମାନ ଏଠାରେ ବାଲୁଗାଁ ଜୋନ ର ଜିଲ୍ଲାପରିଷଦ ସୁବାସ କଅଁର କହିଥିଲେ ଯେ ଦୀର୍ଘ ବର୍ଷ ଧରି ଯେଉଁଠି ଶାନ୍ତି ପ୍ରିୟ ଶାସନ ଚାଲିଛି ଏଠି ବିଜେପି ନେତାମାନେ ଆସନ୍ତି କୁ ପ୍ରଶୟ ଦେଲେଣି ଯାହାକି ବିଗତ ଦିନପାଇଁ ଶୁଭଙ୍କର ମୁହିଁ ବିଜେପି ନେତାମାନେ ଅଭଳି ଆହ୍ୟାନ କୁ ଭୋଟର ମାନେ ଆଗାମୀ ଦିନରେ ଏହାର ଉଚିତି ଜବାବ ଦେବେ ବୋଲି ସୁବାସ କଅଁର କହିଥିଲେ। ବିଜେପି କର୍ମୀଙ୍କ ଏଭଳି କାଣ୍ଡକୁ ସାଧାରଣରେ ନିନ୍ଦା କରାଯାଇଛି।



# ହରିଚନ୍ଦନପୁର ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ

ହରିଚନ୍ଦନପୁର, (ହି.ସ.) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଟସର ସୋସାଇଟ୍ ଠାରେ ହରିଚନ୍ଦନପୁର ପ୍ରେସ କ୍ଲବ ପକ୍ଷରୁ ଖୁବ୍ ଧୁମ ଧାମରେ ପାଳିତ ହେଲା ଦ୍ୱିତୀୟ ବାର୍ଷିକ ଉତ୍ସବ । ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଂଗତ ସାମ୍ବାଦିକ ଏବଂ ବାହାନଗା ଟ୍ରେନ ଦୁର୍ଘଟଣା ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସତ୍ୟପାଠ ନ୍ୟୁଜର ପ୍ରତିଷ୍ଠାତା ତଥା ସମ୍ପାଦକ ସତ୍ୟପ୍ରକାଶ ନାୟକ, ମୁଖ୍ୟ ବକ୍ତା କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲାର ଯୁବ ସାମ୍ବାଦିକ ସନ୍ତୋଷ ମହାପାତ୍ର, ସମାଜ ସେବୀ ନରୋତମ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମିଶ୍ର, ରାଜ୍ୟ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବ୍ଲକର ମ୍ୟାଟ୍ରିକ ଟପର୍ ରିଦ୍ଧିରାଜ୍ ପାଇକରାୟ, ସାହିତ୍ୟ କ୍ଷେତ୍ରରେ ଡ଼କ୍ଟର କଳ୍ପନା ମହାନ୍ତି, ଶିକ୍ଷା ଓ ଶିକ୍ଷଣ ପାଇଁ ଶିକ୍ଷକ ସରୋଜ ନନ୍ଦ, ସମାଜ ସେବାରେ ନରୋତମ ଜେନା ଓ ସାମ୍ବାଦିକ କ୍ଷେତ୍ରରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ହରିଚନ୍ଦନପୁର ବ୍ଲକର ବରିଷ୍ଠ ସାମ୍ବାଦିକ ଶ୍ରୀନିବାସ ପାଇକରାୟ ଓ ଘଟଗାଁ ବ୍ଲକର ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଜେନାଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜୀବ ଲୋଚନ ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପରେଶ କୁମାର ସେଠୀ ବିବରଣୀ ପାଠ କରିଥିଲେ। ପରିଶେଷରେ କ୍ଲବର ସଦସ୍ୟ ଜଗବନ୍ଧୁ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ନାନ ପୂର୍ଣ୍ଣିମାରେ ମାମଙ୍ଗଳାଙ୍କ ସର୍ବାଙ୍ଗଚନ୍ଦନ ବେଶ



କାକଟପୁର, (ପିପିଏସ) : ପବିତ୍ର ସ୍ନାନ ପୂର୍ଣ୍ଣିମା ରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ସର୍ବାଙ୍ଗ ଚନ୍ଦନ ବେଶ ହେବା ସହ ଦଧିବାମନ ଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି କ୍ଷ ସକାଳ ଆଠ ଟା ରେ ଦଧିବାମନ ଙ୍କୁ ଟାହିଆ ଲାଗି କରାଯାଇ ଗୋଟି ପହଣ୍ଡି ରେ ସ୍ନାନ ମଣ୍ଡପ କୁ ନିଆଯାଇଥିଲା। ସେଠାରେ ୧୦୮ ସୁବାସିତ ଜଳରେ ଦଧିବାମନ ଙ୍କ ସ୍ନାନ କରାଯାଇ ହୋମ ଓ ପରେ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା। ସେହିପରି ଅପରାହ୍ନ ରେ ମା ମଙ୍ଗଳା ଙ୍କୁ ସ୍ନାନ ମାର୍ଜନା କରାଯାଇ ସର୍ବାଙ୍ଗ ଚନ୍ଦନ ବେଶ ରେ ସଜ୍ଜିତ କରାଯାଇଥିଲା। ଅସହ୍ୟ ଗରମ ଓ ଗୁଳି ଗୁଳି ରୁ ରକ୍ଷା ପାଇବା ପାଇଁ ସ୍ନାନ ପୂର୍ଣ୍ଣିମା ଦିନରେ ମା ଙ୍କୁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ। ବିଳମ୍ବିତ ପ୍ରହର ରେ ଦଧିବାମନ ଙ୍କୁ ଗଜାନନ ବେଶ କରାଯାଇ ଭୋଗ ଲାଗି ପରେ ପହଣ୍ଡି କରାଯାଇ ଅଣସର ଗୃହକୁ ନିଆଯାଇଥିଲା। ଆଜିର ଏହି ବେଶ କୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା।

# ବଉଳନାଳି ଶାସନ ଦଧିବାମନ ଜୀଉଙ୍କର ସ୍ନାନ ପୂର୍ଣ୍ଣିମା ଉତ୍ସବ



ଧାମନଗର, (ପିପିଏସ) : ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜୟନ୍ତୀ ଏବଂ ଶ୍ରୀକ୍ଷେତ୍ର ସ୍ନାନ ମଣ୍ଡପରେ ତ୍ରୀମୂର୍ତ୍ତି ଙ୍କର ଗଜାନନ ବେଶ ତଥା ଶ୍ରୀଜୀଉଙ୍କ ଅଣସର ବିଜେ ।ଏହି ଅବସରରେ ଓଡ଼ିଶାର ପୁର ପଲ୍ଲୀରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେଉଥିବା ବେଳେ ଧାମନଗର ବ୍ଲକ ଅନ୍ତର୍ଗତ କଟସାହି ପଞ୍ଚାୟତ ବଉଳନାଳି ଶାସନରେ ବିଜେ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କର ସ୍ନାନ କାର୍ଯ୍ୟ ସମ୍ପୂର୍ଣ୍ଣ ନୀତିକାନ୍ତି ପୂର୍ବକ ଭକ୍ତି ଓ ଶ୍ରଦ୍ଧାର ସହ ସମ୍ପନ୍ନ ହୋଇଯାଇଛି। ଏହି ପାବନ କାର୍ଯ୍ୟ ଅବସରରେ ଠାକୁରଙ୍କୁ ପହଣ୍ଡିରେ ସ୍ନାନବେଦୀକୁ ଅଣାଯାଇଥିଲା । ସେଠାରେ ପ୍ରଭୁ ଦଧିବାମନଙ୍କ ମୁଖ୍ୟ ପୂଜକ ତଥା ଆଇନଜୀବୀ ସ୍ନେହାଶିଷ ପଣ୍ଡା ଠାକୁରଙ୍କୁ ସ୍ନାନ କରାଇଥିଲେ । ପରେ ମହାପ୍ରଭୁ ତଥା ସ୍ଥାନୀୟ ଅଞ୍ଚଳର ଆରାଧ ଦଧିବାମନ ଜିଉଙ୍କର ବେଶ କରାଯିବା ସହ ଠାକୁରଙ୍କର ସମସ୍ତ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।ଏହିକାର୍ଯ୍ୟକ୍ରମରେ ଶ୍ରୀଜିଉଙ୍କର ସହଯୋଗୀ ସେବକ ଭାବେ କ୍ରିତିକ୍ରୀଷ୍ଣା ପଣ୍ଡା, ରୀତିକ୍ରୀଷ୍ଣା ପଣ୍ଡା,ବାସନ୍ତୀ ରାଣୀ ପଣ୍ଡା, ତିଲୋତ୍ତମା ମିଶ୍ର,ଲକ୍ଷ୍ମୀଧର ପଣ୍ଡା ଓ ଠାକୁରଙ୍କ ମୁଖ୍ୟ ପଞ୍ଜିକାର ରମେଶ ନାୟକ, ସନ୍ତୋଷ ସାହୁଙ୍କ ସମେତ ଅନେକ ଭକ୍ତ ଉପସ୍ଥିତ ଥିଲେ। ପ୍ରଭୁ ଦଧିବାମନ ଜୀଉଙ୍କ ସ୍ନାନ,ବେଶ ଓ ପୂଜା ଦର୍ଶନ କରିବାସହ ବିଭୁକୃପା ଲାଭ କରି ନିଜକୁ କୃତାର୍ଥ ମନେ କରିଥିଲେ।

# ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ବନ ମହୋତ୍ସବ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡ଼ାର ସର୍ବ ପୁରାତନ ସଙ୍ଗୀତ ଶିକ୍ଷାନୁଷ୍ଠାନ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ଇଛାପୁର ଶ୍ମଶାନ ଘାଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରୀମାନେ ଶ୍ରୀ ବଳଦେବଜୀଉ ମନ୍ଦିର ନିକଟରୁ ବିଭିନ୍ନ ପ୍ରଜାତିର ଚାରା ଗଛ ସହିତ ଏକ ଶୋଭାଯାତ୍ରାରେ ବାହାରି ଇଛାପୁର ଶ୍ମଶାନ ଘାଟ ଠାରେ ପହଂଚି ସେଠାରେ ବୃକ୍ଷରୋପଣ କରିଥିଲେ । ଉମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ବୃକ୍ଷ ରୋପଣ ପୂର୍ବରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ଗଛ ମଣିଷ ବିନୋଦ କୁମାର ନାୟକ, ପ୍ରକୃତି ବନ୍ଧୁ ବାପି ଗୋଛାୟତ, ଶଶି ପ୍ରସାଦ ମହାରଣା, ସ୍ୱରାଜ କୁମାର ଦାସ, ବିଷ୍ଣୁପ୍ରିୟା ସାମଲ, ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ, ପରିବେଶ ପ୍ରତି ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ସହିତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବହୁ ବିଶିଷ୍ଟ ଛାତ୍ରଛାତ୍ରୀ ସମାଜସେବୀ ଯୋଗ ଦେଇଥିବା ବେଳେ ଗୌତମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂସାର ପଞ୍ଚାୟତରେ ସିଆରପି ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ବ୍ଲକ କଂସାର ପଂଚାୟତ ବନ୍ଧପଡା ଗ୍ରାମରେ ସିଆରପି ନିଯୁକ୍ତିରେ ବ୍ୟାପକ ଚଂଚକତା ହୋଇଥିବା ଜିଲ୍ଲାପାଳ ଓ ମଣ୍ଡଳ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ବନ୍ଧପଡା ଗ୍ରାମର ସଙ୍ଗୀତା ପାଳ ମା ବିଲୋନାହାକାଣୀ (ଖ) ଏସ୍.ଏଚ୍.ଜି ର ସଭାପତି ଅଟେ । ମୋର ଆଂଚଳିକ ମଂଚର ନାମ ଏଲ ନନ୍ଦିଘୋଷ ଅଟେ। ଏହି ନନ୍ଦିଘାଷ ମଂଚରେ ସିଆରପି ଚୟନ ନିମନ୍ତେ ୬ ଜଣ ଆବେଦନ କରିଛନ୍ତି । ଏଥର ମଧ୍ୟରୁ ୧, ୨, ୪ ନଂରେ ଥିବା ଆବେଦନକାରୀ କୌଣସି ଏସ୍ଏଚ୍ଜି ଗ୍ରୁପରେ ନାହାଁନ୍ତି । ସିଆରପି ଚୟନ ପାଇଁ ଆବେଦନ ହେବାରୁ ଏମାନେ ଚଂଚକତା କରି ଆବେଦନ କରିଥିବା ସଙ୍ଗୀତା ଜିଲ୍ଲାପାଳ ଓ ବିଡିଓଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗ କରିଛନ୍ତି ।

# ବାହାନଗାରେ କରମଣ୍ଡଳ ଏକ୍ସପ୍ରେସର ମର୍ମନ୍ତୁଦ ଦୁର୍ଘଟଣା

# ଧାମନଗରର ମୃତକ ଓ ଆହତଙ୍କ ପରିବାରକୁ ଭେଟିଲେ ସାଂସଦ



ଧାମନଗର, (ପିପିଏସ) : ବାଲେଶ୍ୱର ଠାରୁ ମାତ୍ର ୨୨ କି.ମି.ଦୂର ବାହାନଗା ଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ମର୍ମନ୍ତୁଦ ସିରିଜ ରେଳ ଦୁର୍ଘଟଣାରେ ଚାଲିଗଲା ଶହ ଶହ ଜୀବନ। ସାମାନ୍ୟ ଓ ଗୁରୁତର ହେଲେ ହଜାର ହଜାର ଲୋକେ। ଲୌହ ଦାନବ କରମଣ୍ଡଳ ଘଟାଇଲା ବିଭତ୍ସ ଲୁହ ଓ ଲହୁ ଭିଜା କୋଳାହଳ ଆର୍ତ୍ତ ଚିତ୍କାର। ସାରା ଦେଶ ଏଭଳି ଛାତିଥରା ଦୁର୍ଘଟଣାରେ ସ୍ତବ୍ଧ। ଦେଶ ବିଦେଶରୁ ଛୁଟୁଛି ଶୋକ ବାର୍ତ୍ତା ଓ ସାନ୍ତ୍ୱନା ସହିତ ସହାୟତା ରାଶି। ଦୁର୍ଘଟଣା ସ୍ଥଳରେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ, ଏସପିଙ୍କ ସମେତ ବହୁ ଉଚ୍ଚ ଅଧିକାରୀ ଓ ଡାକ୍ତରୀ ଟିମ ଏବଂ ସ୍ୱେଚ୍ଛାସେବୀ ସଂଗଠନ ପହଞ୍ଚି ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ ସହ ଆହତଙ୍କ ଚିକିତ୍ସା ଦିଗରେ ସମୀକ୍ଷା କଲେ। ଆହତ ମାନଙ୍କ ଚିକିତ୍ସା ବିଭିନ୍ନ ହସ୍ପିଟାଲରେ ଚାଲୁଥିବା ବେଳେ ସରକାରଙ୍କ ସହଯୋଗରେ ମୃତଦେହ ଗୁଡ଼ିକୁ ଚିହ୍ନଟ କରାଯାଇ ନିଜ ନିଜ ଘରକୁ ପଠାଗଲା। ଏହି ଛାତିଥରା ଦୁର୍ଘଟଣାରେ ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଞ୍ଚାୟତର ଅମୀୟ ବନ୍ଧ (୬୩) ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମରଶରୀର ଜନ୍ମସ୍ଥାନକୁ ଅଣାଯାଇ ପରେ ସେ ରହୁଥିବା ଚରମ୍ପା ଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଏଥି ସହିତ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଅର୍ଜୁନପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଅରୁଣ ନାୟକଙ୍କ ସାନପୁଅ ଆଲୋକ ନାୟକ (୨୬) ଙ୍କ ଅକାଳ ମୃତ୍ୟୁ ହୋଇଥିବା ବେଳେ ସେହି ପଞ୍ଚାୟତର ମନୋରଞ୍ଜନ ବିଶ୍ୱାଳଙ୍କ ପୁଅ ସ୍ୱାଧୀନ ବିଶ୍ୱାଳ (୨୯) ଗୁରୁତର ଆହତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶନିବାର ପୂର୍ବାହ୍ନରେ ଆଲୋକଙ୍କ ମରଶରୀର ଗ୍ରାମକୁ ଅଣାଯିବା ପରେ ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାର ଠାରେ ସତ୍କାର କରାଯାଇଥିଲା। ଗତକାଲି ବାହାନଗା ଠାରେ ଉଦ୍ଧାର କାର୍ଯ୍ୟରେ ଉପସ୍ଥିତ ଥିବା ହେତୁ ଭଦ୍ରକ ସାଂସଦ ମଞ୍ଜୁଳତା ମଣ୍ଡଳ ରବିବାର ପୂର୍ବାହ୍ନରେ ଅର୍ଜୁନପୁରର ମୃତକ ଓ ଆହତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସାଂସଦ ଶ୍ରୀମତୀ ମଣ୍ଡଳ ଉଭୟ ପରିବାରକୁ ଭେଟି ସ୍ୱର୍ଗତ ଅଲୋକଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ ସହ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିବା ବେଳେ ଆହତ ସ୍ୱାଧୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସାଂସଦଙ୍କ ସହିତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ସରପଞ୍ଚ ସରିତା ମହାନ୍ତି,ପଞ୍ଚାୟତ ବିଜେଡ଼ି ସଭାପତି ଅକ୍ଷୟ ନାୟକ, ଯୁବନେତା ସୁଧନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାପୁର ତହସିଲରେ ସ୍ଥାଣୁ ପାଲଟିଛି ଆରଟିଆଇ ବିଭାଗ, ତଥ୍ୟ ମାଗିଲେ କୁଣ୍ଠାବୋଧ

ଖଣ୍ଡପଡ଼ା, (ପିପିଏସ) : ସର୍ବସାଧାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗର ତଥ୍ୟ କିଭଳି ଭାବରେ ପାଇପାରିବେ ସେଥିପାଇଁ ସୂଚନା ଅଧିକାର ଆଇନପ୍ରଣୟନ କରିଥିଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ନୟାଗଡ଼ ଜିଲ୍ଲା ଭାପୁର ତହସିଲରେ ସୂଚନା ଅଧିକାର ଆଇନ୍ ବଳରେ ସୂଚନା ମାଗିଲେ ମାସ, ମାସ ଧରି ଅଧିକାରୀ ମାନେ ଦେଉନାହାନ୍ତି। ଭାପୁର ତହସିଲ ଅଧିନ ସୁକପୋଖରୀ ଗ୍ରାମର ଅକ୍ଷୟ ଚନ୍ଦ୍ର ପରିଡ଼ା ତହସିଲ ଅଧିନରେ ପଥର ଖଣି ଉପରେ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିଥିଲେ ହେଲେ ତଥ୍ୟ ଦେବାକୁ କୁଣ୍ଠାବୋଧ କରି ଦେଲେନାହିଁ । ଯାହା ଫଳରେ ଶ୍ରୀ ପରିଡ଼ା ଧାରା ୧୯(୧) ଅନୁଯାୟୀ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଥିବା କହିଛନ୍ତି ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସୂଚନା ଅଧିକାରୀ କର୍ମୀ ଦାବି କରିଛନ୍ତି।

# ବାହାନଗା ଟ୍ରେନ ଦୁର୍ଘଟଣା ପୋଛିନେଲା ନବ ବିବାହିତାଙ୍କ ସିନ୍ଦୂର




ଖଣ୍ଡପଡ଼ା, (ପିପିଏସ) : ବାହାନଗା ଟ୍ରେନ ଦୁର୍ଘଟଣା ରେ ଭାରତ ବର୍ଷର ଅନେକ ପରିବାର ଛାରଖାର ହୋଇଯାଇଥିବା ବେଳେ, ନୟାଗଡ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ମାଳିବେରେଣି ଗ୍ରାମର ବସନ୍ତ କୁମାର ପୃଷ୍ଟି ଙ୍କ ପାଦ ତଳୁ ଖସି ଯାଇଛି ମାଟି । ତାଙ୍କ ଝିଅ ବିନୋଦିନୀ ପୃଷ୍ଟି(୨୧) ଙ୍କୁ ମାତ୍ର ଏକ ମାସ ୧୦ ଦିନ ହେଲା ଧୁମଧାମରେ ବିବାହ ଦେଇଥିଲେ ଖଣ୍ଡପଡା ବ୍ଲକ ଅଧିନ ଖଳିସହି ଗ୍ରାମର ଧନେଶ୍ୱର ପୃଷ୍ଟିଙ୍କ ପୁଅ ତାପସ କୁମାର ପୃଷ୍ଟି(୩୦) ଙ୍କୁ, ମାତ୍ର ଝିଅ ର ପାଦରୁ ଅଳତା ଓ ହାତରୁ ମେହେନ୍ଦି ଲିଭିନାହି, କିନ୍ତୁ ସେ ଆଜି ବିଧବା । ଘଟଣାରୁ ପ୍ରକାଶ, ତାପସ ଘରର ଡିଜାଇନ୍ ମିସ୍ତ୍ରୀ ରୂପେ କାର୍ଯ୍ୟ କରନ୍ତି । ସେ ବାଲେଶ୍ୱରରେ ଏକ ଘର ର ଡିଜାଇନ୍ କାର୍ଯ୍ୟ ସାରି କରମଣ୍ଡଳ ଏକ୍ସପ୍ରେସରେ ଘରକୁ ଖୁସିରେ ଫେରୁଥିଲେ କିନ୍ତୁ, ବାଟରେ ଯମ ବାଟ ଓଗାଳି ବସିଛି ବୋଲି କିଏ ଜାଣିଥିଲା । ଦୁର୍ଘଟଣା ପୂର୍ବରୁ, ସ୍ତ୍ରୀଙ୍କ ସହିତ କେଇ ପଦ କଥା ହେବା ପରେ ପରେ ଦୁର୍ଘଟଣା ଖବର ଶୁଣି ସ୍ତ୍ରୀ ବିନୋଦିନି ଫୋନ୍ କରିଲେ ମଧ ଆଉ ଫୋନ୍ ଉଠାଇ ନଥିଲେ ଓ ପରେ ତାଙ୍କରି ଫୋନୁ ଖବର ଆସିଥିଲା, ଏ ଫୋନ୍ ଯାହାର ସେ ଆଉ ନାହାନ୍ତି । ଦୁର୍ଘଟଣାସ୍ଥଳକୁ ତାଙ୍କର ଦିଅର ଯାଇ ଶବ ଚିହ୍ନଟ କରିବା ସହିତ ଶବକୁ ଆଣି ପୁରୀ ସ୍ୱର୍ଗଦ୍ୱାରରେ ଦାହ କରିଥିବା ବିନୋଦିନୀଙ୍କ ବାପା ପ୍ରକାଶ କରିଥିବାବେଳେ ଝିଅର ଏହିପରି ଅବସ୍ଥା ଦେଖି ପରିବାର ମର୍ମାହତ ହୋଇପଡିଛନ୍ତି ।


## କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୨ ରେ ପ୍ଲଟ୍ ନଂ- 6F/976 ସହିତ ଗୃହଟିକୁ ଶ୍ରୀମତୀ ସୁକାନ୍ତି ନାୟକ ,ସ୍ୱାମୀ- ଶ୍ରୀ ଅଲେଖ ପ୍ରସାଦ ନାୟକ,ସା- ରଗଡିପଡା, ପୋ-ଗୁନେଇବିଲ, ଥା-ତୁମିସିଙ୍ଗା, ଜିଲ୍ଲା-ଢେଙ୍କାନାଳ ଙ୍କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସୁକାନ୍ତି ନାୟକ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ମାନସ ରଞ୍ଜନ ସ୍ୱାଇଁ ,ପିତା- ୰ ମହେନ୍ଦ୍ର ନାଥ ସ୍ୱାଇଁ , ସା- କଟରପଡା, ପୋ- ପିଠାପଡା, ଥା- ନିଶ୍ଚିନ୍ତକୋଇଲି, ଜିଲ୍ଲା-କଟକ-754207 ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

CAD-799 OIPR - 13037/11/0048/2324

## ରାଉରକେଲା ଇସ୍ପାତ କାରଖାନା
# ପ୍ରକୃତି ସହ ସୁସମନ୍ୱୟରେ ଇସ୍ପାତ ନିର୍ମାଣ



ରାଉରକେଲା(ପିପିଏସ୍): ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ସାରା ବିଶ୍ୱ ଏକତ୍ରିତ ହେଉଥିବାବେଳେ ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ନିରବଚ୍ଛିନ୍ନ ଭାବରେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ସ୍ଥାୟୀ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନରେ ବ୍ରତୀ ହେବା ଏବଂ ପରିବେଶ ପରିଚାଳନା ଦାୟିତ୍ୱ ସଠିକ ନିର୍ବାହ ପାଇଁ ପ୍ରତିବଦ୍ଧତାକୁ ଦୋହରାଉଛି । ପରିବେଶ ଦାୟିତ୍ୱ ପାଇଁ ଆରଏସପିର ଉତ୍ସର୍ଗୀକୃତତା ଏହାର ଶକ୍ତିଶାଳୀ ଉତ୍ପାଦନ କ୍ଷମତାର ସମତାଳରେ ଗତିକରୁଛି । ଇସ୍ପାତ କାରଖାନା ଏହାର ପରିବେଶ ଫୁଟପ୍ରିଣ୍ଟକୁ କମ୍ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ମୂଲ୍ୟବାନ ପ୍ରାକୃତିକ ସମ୍ପଦ ସଂରକ୍ଷଣ କରିବା ପାଇଁ ଅନେକ ଅଭିନବ ପଦକ୍ଷେପ ସଫଳତାର ସହ କାର୍ଯ୍ୟକାରୀ କରିଛି । ଏହି ପଦକ୍ଷେପଗୁଡ଼ିକ ନା କେବଳ ସବୁଜ ଭବିଷ୍ୟତ ସୁନିଶ୍ଚିତ କରିବାରେ ସହାୟକ ହେଉଛି ବରଂ ପରିବେଶ ଅନୁପାଳନର ସର୍ବୋଚ୍ଚ ମାନକୁ ମଧ୍ୟ ସୁନିଶ୍ଚିତ କରୁଛି । ବାୟୁ ପ୍ରଦୂଷଣ ରୋକିବା ପାଇଁ ଇଲେକ୍ଟ୍ରୋ ଷ୍ଟାଟିକ୍ ପ୍ରେସିପିଟେଟର, ବ୍ୟାଗ୍ ହାଉସ୍, ମଲ୍ଟି ସାଇକ୍ଲୋନ୍, ଧୂଳି ଦମନ ପ୍ରଣାଳୀ ଏବଂ ୱେଟ୍ ସ୍କ୍ରବର୍ ଭଳି ବିବିଧ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଆରଏସପି ଜିରୋ ଡିସଚାର୍ଜ ପ୍ଲାଣ୍ଟରେ ରୂପାନ୍ତରିତ ହେବା ପାଇଁ ଦୃଢ଼ ଅଗ୍ରସର ହୋଇ ଟ୍ରିଟମେଣ୍ଟ ସିଷ୍ଟମ-୧ର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ସୂଚନାଯୋଗ୍ୟ ଯେ, ସମଗ୍ର ସେଲ ମଧ୍ୟରେ ପ୍ରଥମ ୟୁନିଟ ରୂପେ ଆରଏସପିରେ କାର୍ଯ୍ୟକାରୀ ହେଉଥିବା ଟ୍ରିଟମେଣ୍ଟ ସିଷ୍ଟମ-୧ ଅନନ୍ୟ ପଦକ୍ଷେପ ୧୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ଧାର୍ଯ୍ୟ ହୋଇଛି । ଅତ୍ୟାଧୁନିକ ବାର୍ଷିକ ୩ ନିୟୁତ ଟନ କ୍ଷମତା ସମ୍ପନ୍ନ ନୂତନ ହଟ୍ ଷ୍ଟ୍ରିପ୍ ମିଲ୍-୨ ମଧ୍ୟ ଶୂନ୍ୟ ବର୍ଜ୍ୟଜଳ ତତ୍ତ୍ୱ ଉପରେ ଆଧାରିତ ହୋଇ ନିର୍ମିତ ହୋଇଛି । ୨୦୨୨ ଅକ୍ଟୋବର ମାସରେ ଆରଏସପିର ବିଭିନ୍ନ ୟୁନିଟର ସ୍ୱେରେଜ ଜଳ ବିଶୋଧନ ଏବଂ ଆଉଟଫଲ-୭ ମାଧ୍ୟମରେ ଡିସଚାର୍ଜ କରିବା ପାଇଁ ଏକ ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି । ବିଶୋଧିତ ସ୍ୱେରେଜ୍ ନିଷ୍କାସନ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବଶେଷ ନିୟମକୁ ପୂରଣ କରିବା ପାଇଁ ଏହା ନିର୍ମାଣ କରାଯାଇଛି । କୋଲ କେମିକଲ ବିଭାଗରେ ଦୈନିକ ୪ ନିୟୁତ ଲିଟର ବିଶୋଧନ କ୍ଷମତା ବିଶିଷ୍ଟ ଏକ ବର୍ଜ୍ୟ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନା ଏହାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପ୍ରକଳ୍ପ ୩୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି । କ୍ରମାଗତ ଉନ୍ନତି ସାଧନ ପାଇଁ ସଂଶୋଧନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭିନ୍ନ ପରିବେଶ ପରିମାପକତାଗୁଡ଼ିକର ନିୟମିତ ନିରୀକ୍ଷଣ, ନମୁନା ସଂଗ୍ରହ ଏବଂ ବିଶ୍ଳେଷଣ ମଧ୍ୟ କରାଯାଉଛି । ମନିଟରିଂ ଷ୍ଟେସନଗୁଡ଼ିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭରଗୁଡ଼ିକ ସହିତ ସଂଯୋଗ କରାଯାଇଛି । ଫଳାଫଳଗୁଡ଼ିକ ନିୟମିତ ବିଶ୍ଳେଷଣ କରାଯାଉଛି ଏବଂ ପରିବେଶ ପ୍ରଦୂଷଣକୁ କମ୍ କରିବାକୁ ପ୍ରତିଷେଧକ ପଦକ୍ଷେପ ନିଆଯାଉଛି । ସବୁଜ ଜ୍ଞାନକୌଶଳ ଏବଂ ଶକ୍ତି ନିପୁଣ ପ୍ରକ୍ରିୟାଗୁଡ଼ିକର ଗ୍ରହଣ ପୂର୍ବକ କାର୍ବନ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଆରଏସପିର ସଫଳ ପରିବେଶ ପରିଚାଳନାର ଫଳାଫଳ ଅଟେ । ଶକ୍ତି ବ୍ୟବହାରକୁ ସର୍ବଶ୍ରେଷ୍ଠ କରିବା ପାଇଁ କାରଖାନା ଅତ୍ୟାଧୁନିକ ପ୍ରଣାଳୀ ପ୍ରୟୋଗ କରୁଛି ଯାହାର ଫଳସ୍ୱରୂପ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଯଥେଷ୍ଟ ହ୍ରାସ ଘଟିଛି । ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁଙ୍କ ଠାରୁ ସମ୍ମାନିତ ଇସ୍ପାତ କାରଖାନା ବର୍ଗରେ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ଅନ୍ତର୍ଗତ ପ୍ରଥମ ପୁରସ୍କାର ଗ୍ରହଣ ଆରଏସପିର ଆପେକ୍ଷିକ ଶକ୍ତି ଉପଯୋଗ ହ୍ରାସ କରିବା ଏବଂ ତଦ୍ୱାରା ଅଙ୍ଗାରକାମ୍ଳ ପଦଚିହ୍ନ ହ୍ରାସ କରିବା ପାଇଁ ପ୍ରୟାସର ଏକ ପ୍ରତିଫଳନ ଅଟେ । ଏଥିସମେତ ଆରଏସପି ବ୍ୟାପକ ବୃକ୍ଷରୋପଣ ଜାରିରଖିଛି । ଏପର୍ଯ୍ୟନ୍ତ ଏହାର ପରିସର ତଥା ଏହାର ଆଖପାଖରେ ଆରଏସପି ୫୨ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରିଛି, ଯାହା ଦ୍ୱାରା ଜୈବ ବିବିଧତା ପରିପୁଷ୍ଟ ହେବା ସହ ବାୟୁ ଗୁଣବତ୍ତାରେ ମଧ୍ୟ ଉନ୍ନତି ସାଧିତ ହୋଇଛି । ରାଉରକେଲାର ଇସ୍ପାତ ସହରର ସ୍ୱଚ୍ଛ ସବୁଜ ବାତାବରଣ ଏହି ଧରା ପୃଥିବୀ ପ୍ରତି ଆରଏସପିର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ ।

## ସ୍ମୃତି ଓ ବିସ୍ମୃତି - ଘଟଣାକ୍ରମ ୨୦୨୨ ପୁସ୍ତକ ଲୋକାର୍ପିତ

ଜୟପୁର, (ହି.ସ.)- ଜୟପୁରର ବିଶିଷ୍ଟ ଶିକ୍ଷାବିତ୍ ତଥା ଯୁବ ସ୍ତମ୍ଭକାର ଅରୁଣ କୁମାର ତ୍ରିପାଠୀଙ୍କ ପୁସ୍ତକ ସ୍ମୃତି ଓ ବିସ୍ମୃତି - ଘଟଣାକ୍ରମ ୨୦୨୨ ଲୋକାର୍ପିତ ହେଇଯାଇଅଛି । ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାରଘରଣୀଙ୍କ ଦେଉଳରେ ଲେଖକ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପଣ୍ଡିତ ସଦାଶିବ ତ୍ରିପାଠୀଙ୍କ ପ୍ରପୌତ୍ର ତଥା ଯୁବ ଉଦ୍ୟୋଗୀ ରଣେନ୍ଦ୍ର ପ୍ରତାପ ତ୍ରିପାଠୀଙ୍କ କରକମଳରେ ଆଜି ଏହା ଉନ୍ମୋଚିତ ହେଇଯାଇଅଛି । ଏହି ପୁସ୍ତକରେ ବର୍ଷ ୨୦୨୨ ରେ ଘଟିଯାଇଥିବା ଘଟଣା ସମୂହ ମାନଙ୍କର ବିବରଣୀ ଲିପିବଦ୍ଧ ହେବା ସହ ଧାର୍ମୀୟ ପର୍ଯ୍ୟଟନ କ୍ଷେତ୍ର ମାନଙ୍କ ବିବରଣୀ ପ୍ରଦାନ କରାଯାଇଅଛି । ଏହି ପୁସ୍ତକ ବିଶେଷ ଭାବେ ପ୍ରତିଯୋଗୀତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳେଇଥିବା ଅନୁସନ୍ଧିତ୍ସୁ ତଥା ସମାଜର ସମସ୍ତ ବର୍ଗର ରୁଚି ସନ୍ନିବେଶିତ ହେଇଅଛି । ପଶ୍ଚିମା ପ୍ରକାଶନୀ ଦ୍ୱାରା ପ୍ରକଶିତ ଏହି ପୁସ୍ତକ ପ୍ରଥମ ଦିନରେ ୫୭ଟି ଆଗ୍ରାଷୀ ବୁକିଂ ହୋଇଥିବା ପ୍ରକାଶକ କହିଛନ୍ତି । ସୂଚନା ଯୋଗ୍ୟ ଯେ, ଘଟଣା ବହୁଳ ୨୦୨୨ ରେ ଭାରତର ରାଷ୍ଟ୍ରପତି ତଥା ଉପରାଷ୍ଟ୍ରପତି ନିର୍ବାଚନ, ମହାରାଷ୍ଟ୍ରରେ ସିନ୍ଦେ ସରକାର, ଓଡ଼ିଶାରେ ଧର୍ମ ଏବଂ ଦୁଆରେ ବସିବା ରାଜନୀତି, ଆତ୍ମହତ୍ୟା ପ୍ରବଣତାରୁ ମୁକ୍ତି ତଥା ବିଭିନ୍ନ ସୂଚକାଙ୍କରେ ଉଭୟ ରାଜ୍ୟ ଏବଂ କେନ୍ଦ୍ରର ସ୍ଥିତି ଏବଂ ଭବିଷ୍ୟତ ଲକ୍ଷ୍ୟ ମାନଙ୍କ ବିଷୟରେ ଲେଖକ ମନୋଜ୍ଞ ବିଶ୍ଳେଷଣ କରିଅଛନ୍ତି ।

## ବାହାନଗା ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସଂଗଠନର ଶ୍ରଦ୍ଧାଞ୍ଜଳି



ରାଉରକେଲା(ପିପିଏସ): ବାହାନଗା ଠାରେ ହୋଇଥିବା ରେଳ ଦୁର୍ଘଟଣାର ଚିତ୍ର ହୃଦୟ ଥରା ଓ ଅତ୍ୟନ୍ତ ଦୁଃଖଦାୟକ । ସହସ୍ରାଧିକ ମୃତ ଓ ପୀଡ଼ିତଙ୍କ ସଂଖ୍ୟା ସାହସ୍ରାଧିକ କୁହାଯାଉଥିବା ବେଳେ ସେମାନଙ୍କ ଦୁର୍ଦ୍ଦଶା ଦେଖି ହେଉନି କି ସହି ହେଉନି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର, ପ୍ରଧାନମନ୍ତ୍ରୀ, ବିଭିନ୍ନ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ, ଫିଲ୍ମ ଷ୍ଟାର ଓ ସାମାଜିକ ଅନୁଷ୍ଠାନ ମାନେ ଯଥା ସମ୍ଭବ ସାହାଯ୍ୟ ଓ ସହଯୋଗର ହାତ ବଢାଇ ଚାଲିଛନ୍ତି, ହେଲେ ଏହା ଆହୁରି ଅଧିକ ହେଲେ ପୀଡ଼ିତ ମାନଙ୍କ ଦୁଃଖ ସାମାନ୍ୟ ଲାଘବ ହେବ । ଏଥିପାଇଁ ଓଡ଼ିଶା ରେଳ ଚଳାଚଳ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଖଡ଼ଗ ଭବନ ସେକ୍ଟର -୩ ଠାରେ ସଭାପତି ଉପେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଏକ ଶୋକସଭାର ଆୟୋଜନ କରିଥିଲେ । ଏଥିରେ ମୃତକଙ୍କ ପରିବାରକୁ ଭଗବାନ ଶକ୍ତି ଦିଅନ୍ତୁ ଓ ସେମାନଙ୍କର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା ଓ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶଶଧର ପାତ୍ର, ଅମୂଲ୍ୟ ଚରଣ ବରାଳ, ଜଗନ୍ନାଥ ରାଉତ, ଅକ୍ଷୟ ଦାସ, ସଦାନନ୍ଦ ସାହୁ, ଶମ୍ଭୁନାଥ ପରିଡା, କୁଞ୍ଜବିହାରୀ ରାଉତ, ସୁବ୍ରତ ମଲ୍ଲିକ, ସତ୍ୟାନନ୍ଦ ବେହେରାପ୍ରମୁଖ ଉପସ୍ଥିତ ଥିଲେ ।

**ନିଲମ ଫାଉଣ୍ଡେସନ:-** ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନୀଲମ ଫାଉଣ୍ଡେସନ ତରଫରୁ ସେକ୍ଟର-୨ସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ରେଳ ଦୁର୍ଘଟଣାରେ ମୃତାହତଙ୍କ ଆତ୍ମାର ସଦଗତି ନିମନ୍ତେ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଅନୁଷ୍ଠାନର ମୁଖ୍ୟ ନୀଲମ ସାହୁ, ଅଶୋକ ଦକ୍ଷିଣ ରାୟ, ଗ୍ରେସୀ ଡେଭିଡ, ବିଜୟ ସୁନ୍ଦରରାୟ, ଜାହାଙ୍ଗିର ହକ, ବିଶ୍ୱଜିତ ରାଉତ, ନରେନ୍ଦ୍ର ସିଂ କଲ୍ଲା, ରୀତୁ ସୁନା, ନୱସା ଖାତୁନ, ମେଘନାଥ ମହତୋ, କରୁଣାକର ସାହୁ, ଆନନ୍ଦ କର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି ଅନୁଷ୍ଠାନ ତରଫରୁ ପ୍ରତିମା ସାହୁଙ୍କ ନେତୃତ୍ୱରେ ଉପରୋକ୍ତ ସଦସ୍ୟ ମାନେ ରାଉରକେଲା ନବନିଯୁକ୍ତ ଏସପି ମିତ୍ରଭାନୁ ମହାପାତ୍ର ଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେବାସହ ଅନୁଷ୍ଠାନର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ରାଉରକେଲା ର ଶାନ୍ତି ଶୃଙ୍ଖଳା ବଜାୟ ରହିବ ବୋଲି ଆଶାପ୍ରକଟ କରିଥିଲେ ।

## ରାଉରକେଲାରେ ଅନୁଷ୍ଠିତ ହେବ 'ଫ୍ରୁଟ ଫେଷ୍ଟ- ୨୦୨୩'

ରାଉରକେଲା(ପିପିଏସ): ଇସ୍ପାତ ସହର ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଫ୍ରୁଟ ଫେଷ୍ଟ ୨୦୨୩ ଓ ଜିଲ୍ଲା ପ୍ରଶାସନ, ସୁନ୍ଦରଗଡ଼ ଏବଂ ଓରମାସ ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଫେଷ୍ଟ ଆମ୍ୱାଗାନ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ପାଖ, ସେକ୍ଟର- ୧୯ ଠାରେ ୦୬ ଜୁନ ୨୦୨୩ ରୁ ୧୫ ଜୁନ ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ଏହି ଫେଷ୍ଟ ରେ ଜିଲ୍ଲା ତଥା ଜିଲ୍ଲା ବାହାରର ଫଳ ଚାଷୀ ମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ଓ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, ବଣାଇଗଡ଼, ଲହୁଣିପଡ଼ା ଓ ଲେଫ୍ରିପଡ଼ା ବ୍ଲକ ର ମହିଳା ଚାଷୀ ତଥା ମା ଭଉଣୀ ମାନେ ଏହି ଫେଷ୍ଟ ରେ ଭାଗ ନେବେ ଏବଂ ବିଭିନ୍ନ କିସମର ଫଳ ଯଥା ଆମ୍ବ, ଲିଚୁ, ସପୁରୀ, ତରଭୁଜ ଆଦି ବିକ୍ରି କରିବେ ଓ ଚଳିତ ବର୍ଷ ଏହି ଫ୍ରୁଟ ଫେଷ୍ଟ ରେ ବଲାଙ୍ଗିର, କେନ୍ଦୁଝର, ବରଗଡ଼, ମୟୁରଭଞ୍ଜ, ରାୟଗଡ଼ା ଏବଂ ଗଞ୍ଜାମ ଜିଲ୍ଲା ର ଫଳ ଚାଷୀ ମାନେ ଅଂଶଗ୍ରହଣ କରିବେ ଓ ଯାହାଦ୍ୱାରା ଜିଲ୍ଲାବାସୀ ବିଭିନ୍ନ କିସମର ସ୍ୱାଦିଷ୍ଟ ଫଳ ଉପଭୋଗ କରିପାରିବେ ଓ ଏହି ଫ୍ରୁଟ ଫେଷ୍ଟ ରେ ଲେଙ୍ଗଡା, ସୁନ୍ଦରୀ, ମଲ୍ଲିକା, ବାଇଗଣପଲେଇ, ଦସେରୀ ତଥା ହୀମସାଗର ଭଳି ଆମ୍ବ ଆଦି ଉପଲବ୍ଧ ହେବ ଓ ଏହା ବ୍ୟତୀତ ଏହି ଫ୍ରୁଟ ଫେଷ୍ଟ ର କେତେ ଗୁଡିଏ ଷ୍ଟଲ୍ ରେ ଉପରୋକ୍ତ ଫଳ ଆଦି ରୁ ପ୍ରସ୍ତୁତ ସଦ୍ୟ ଫଳ ରସ ମଧ୍ୟ ଉପଲବ୍ଧ ହେବ ଓ ଏହି ଫ୍ରୁଟ ଫେଷ୍ଟ ରାଜ୍ୟ ର ଫଳ ଚାଷୀ ମାନଙ୍କୁ ସେମାନଙ୍କର ଫଳ ସବୁକୁ ଜନସାଧାରଣ ଙ୍କ ନିକଟରେ ଅତି ସହଜରେ ପହଞ୍ଚାଇବା ନିମନ୍ତେ ଏକ ସୁଯୋଗ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଭଲ ରୋଜଗାର କରିବା ସହିତ ଲାଭାନ୍ୱିତ ହୋଇପାରିବେ ବୋଲି ଜିଲ୍ଲା ପ୍ରଶାସନ ଆଶା କରୁଅଛି ।

## କଣ୍ଟାବାଞ୍ଜିରେ ଚୋରଗ୍ୟାଙ୍ଗ୍ ସକ୍ରିୟ

କଣ୍ଟାବାଞ୍ଜି (ପିପିଏସ୍): ବିଗତ କୁଛି ଦିନରୁ ସହର ଓ ଆଖ ପାଖ ଅଞ୍ଚଳରୁ ଚୋରି ଘଟଣା ବୃଦ୍ଧି ପାଇଛି । ନିର୍ମାଣଧୀନ ଘରୁ ପାଣି ମୋଟର, ପାଇପ, ଲୁହା ଛଡ଼ ଚୋରି ଘଟଣା ସର୍ବାଧିକ ଅଧିକ । ଦିନବେଳେ ବାଇକ ଆରୋହୀଙ୍କଠାରୁ ଟଙ୍କା ଲୁଟ୍ ଘଟଣା ବି କମ୍ ନୁହେଁ । ଡ୍ରିଙ୍କ୍ ଚୋରମାନଙ୍କ ଉତ୍ପାତ ବି କମ ନୁହେଁ । ଶିକ୍ଷାନୁଷ୍ଠାନ ଭଳି ସ୍ଥାନକୁ ମଧ ଛାଡୁ ନାହାନ୍ତି ଏହି ଚୋରଗ୍ୟାଙ୍ଗ୍ । ଏଭଳି ଲୁଟ , ଚୋରି ଘଟଣାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଛନକା ପଶିବା ସହ ଅସନ୍ତୋଷ ଦେଖାଦେଇଛି । ତେବେ ପ୍ରଶାସନକୁ ଏହି ଚୋରମାନେ ଖୁଲମଖୁଲା ଚାଲେଞ୍ଜ ଦେଇ ଦିନ ଦ୍ୱିପ୍ରହରରେ ଲୁଟ କରୁଛନ୍ତି ।

## ମୋ ଘର ଯୋଜନାକୁ ସଫଳ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା ବୈଠକ

ସୁବର୍ଣ୍ଣପୁର, (ହି.ସ.): ଓଡିଶା ସରକାରଙ୍କ ତରଫରୁ ଗ୍ରାମାଂଚଳରେ ଗୃହ ସହାୟତା ନିମନ୍ତେ 'ମୋ ଘର' ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ଏକ ପ୍ରଶିକ୍ଷଣ ଓ ସଚେତନତା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଗରିବ ଓ ନିମ୍ନ ମଧ୍ୟବିତ ପରିବାର 'ମୋ ଘର ' ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣକରଣ ତଥା ଉନ୍ନତିକରଣ ନିମନ୍ତେ ଯେପରି ଅଧିକରୁ ଅଧିକ ଆବେଦନ କରି ଯୋଜନାର ଲାଭ ନେଇପାରିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଯୋଜନାର ଶତ ପ୍ରତିଶତ ସଫଳତା ନିମନ୍ତେ ଜିଲ୍ଲାର ତୃଣମୂଳ ସ୍ତରରେ ପଂଚାୟତିରାଜ ଜନପ୍ରତିନିଧି, ଗ୍ରାମ୍ୟ ସ୍ତରୀୟ ଅଧିକାରୀ, ଏସଏଚଜି ସଦସ୍ୟା, ସ୍ଥାନୀୟ ଜନସାଧାରଣ ପ୍ରଭୃତିଙ୍କୁ ସାମିଲ କରି ପ୍ରତି ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା, ପଲ୍ଲିସଭା ଅନୁଷ୍ଠିତ କରିବା ନିମନ୍ତେ ପଦକ୍ଷେପ

### ବ୍ୟାପକ ପ୍ରଚାର ପ୍ରସାର ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

ଗ୍ରହଣ ପାଇଁ ସିଡିଓ ତଥା ଇଓ ଜିଲ୍ଲାପରିଷଦଙ୍କୁ ପରାମର୍ଶ ଦେଇଛନ୍ତି । ପୁନଶ୍ଚ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଅଂଚଳରେ ଡ୍ରାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ତଥ୍ୟ ସହ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ପୂର୍ବକ ଜନସଚେତନତା କରିବାକୁ ଜିଲ୍ଲାପାଳ ଶ୍ରୀ ରାୟ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର ଯୋଜନାର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରି ଜିଲ୍ଲାରେ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ନିଆଯିବାକୁଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ । 'ମୋ ଘର' ଯୋଜନାର ବିସ୍ତୃତ ରୂପରେଖ ଉପରେ କାର୍ଯ୍ୟକ୍ରମ ପରିଚାଳକ (ଗ୍ରାମ୍ୟଚଂଳ ଗୃହ ଯୋଜନା) ଜିଲ୍ଲାପରିଷଦ ଆଲୋକ ରଶ୍ମି ମିଶ୍ର ପାୱାର ପ୍ରେଜେଂଟେସନ ଜରିଆରେ ଉପସ୍ଥାପନ କରିଥିଲେ । ବୈଠକରେ ଉପଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ସମସ୍ତ ତହସିଲଦାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, କାର୍ଯ୍ୟକ୍ରମ ପରିଚାଳକ (ସୂଚନା ଓ ପ୍ରଯୁକ୍ତି) ଜିଲ୍ଲା ପରିଷଦ ମନୋଜ କୁମାର ମିଶ୍ର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସନତ ନାୟକ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାର ବିକାଶ ନେଇ ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳଙ୍କ ସହିତ ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘର ଆଲୋଚନା

ସୁବର୍ଣ୍ଣପୁର, (ହି.ସ.): ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଭାବରେ ବିମଳେନ୍ଦୁ ରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ରାୟ ପୂର୍ବରୁ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଭାବରେ ଭୁବନେଶ୍ୱରରେ ଅବସ୍ଥାପିତ ଥିଲେ । ଜିଲ୍ଲାପାଳ ଶ୍ରୀ ରାୟ ଦାୟିତ୍ୱ ଗ୍ରହଣ କରିବା ପରେ ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘ (ଜେଏଏସ) ସହିତ ଜିଲ୍ଲା ବିକାଶ ନେଇ ଆଲୋଚନା କରିଛନ୍ତି । ସଂଘ ପକ୍ଷରୁ ସଂଘର ସଭାପତି ଧାରେନ୍ଦ୍ର ଦାନୀଙ୍କ ନେତୃତ୍ୱରେ ସଂଘର କର୍ମକର୍ତାମାନେ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି । ସଂଘର ସହ -ସମ୍ପାଦକ ସହଦେବ ମେହେର, ସଂଘର କୋଷାଧକ୍ଷ ମନରଞ୍ଜନ ପାଣିଗ୍ରାହୀ, ସୋନପୁର ବ୍ଲକ ମିଡିଆ ସେଲ ଦାୟତ୍ୱରେ ଥିବା ସୁଶାନ୍ତ ସାହୁ ଓ ସଭ୍ୟମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି । ଏହା ସହିତ ଜିଲ୍ଲାର ବିକାଶ ଦିଗରେ ଆଲୋଚନା କରିବା ସହିତ ପ୍ରଶାସନ ଓ ଗଣମାଧମ ପ୍ରତିନିଧିମାନଙ୍କ ସମନ୍ୱୟ ତଥା ସହଯୋଗରେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ରାୟ ପ୍ରକାଶ କରିଛନ୍ତି । ଗତ ଏପ୍ରିଲ ୬ ତାରିଖରୁ ଏଠାରେ ଜିଲ୍ଲାପାଳ ଥିବା ଅବୋଲି ସୁନୀଲ ନରୱଣେ ଝାରସୁଗୁଡ଼ା ଜିଲ୍ଲାପାଳ ଭାବେ ବଦଳି ହେବାପରେ ଏହି ପଦବି ଖାଲିଥିଲା । ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଭାରପ୍ରାପ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱରେ ଥିଲେ ।

## ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ନିଖୋଜ, ଅପହରଣ ସନ୍ଦେହ

କନ୍ଧମାଳ,(ହି.ସ.)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ଅଜିତ କୁମାର ସାହୁ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି । ତାଙ୍କୁ ଅପହରଣ କରାଯାଇଥିବା ନେଇ ସନ୍ଦେହ କରାଯାଉଛି । ଏହି ଘଟଣାରେ ମାଓବାଦୀ ମାନଙ୍କ ସମ୍ପୃକ୍ତି ଅଛି କି ଅନ୍ୟ କାହାର ତାହା ଜଣାପଡ଼ିନାହିଁ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଜାଜେଶପାଙ୍ଗା ଗାଁରେ ବରାଳ ଦେବୀ ପୂଜା ପାଇଁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଯାତ୍ରାରେ ଉପାଧକ୍ଷ ଅଜିତଙ୍କୁ ଅତିଥି ଭାବରେ ଡକାଯାଇଥିଲା । ଉପାଧକ୍ଷ ନିଜ କାରରେ ରତଙ୍ଗ ପଂଚାୟତ ସମିତି ସଭ୍ୟ ବିରଂଚି ମଲିକ ଓ ବସନ୍ତ ମାଝୀ ନାମକ ତାଙ୍କର ଜଣେ ସହଯୋଗୀଙ୍କ ସହ ଜାଜେଶପାଙ୍ଗା ପାଇଁ ବାହାରିଥିଲେ । କାର୍ଯ୍ୟକ୍ରମରେ ବିଳମ୍ବ ହେବାରୁ ସେ ତାଙ୍କ କାରରେ ସାଡିଙ୍ଗିଆ ଯାଉଥିଲେ । ରାସ୍ତାରେ ଥିବା ଘାଟି ନିକଟରେ କାରଟିକୁ ରଖି ବାହାରକୁ ପରିସ୍ରା ପାଇଁ ଓହ୍ଲାଇଥିଲେ । ଏଥିସହ ତାଙ୍କର ଦୁଇଜଣ ସହଯୋଗୀ ମଧ୍ୟ ଓହ୍ଲାଇଥିଲେ । ଦୁଇ ସହଯୋଗୀ ପରିସ୍ରା କରି ଫେରିଲା ପରେ ଅଜିତ ପାଖରେ ନ ଥିବା ଦେଖିବାକୁ ପାଇଥିଲେ । ଉଭୟ ସ୍ଥାନୀୟ ଅଂଚଳରେ ବହୁ ଖୋଜା ଖୋଜି କଲା ପରେ ମଧ୍ୟ ଅଜିତଙ୍କୁ ପାଇ ନ ଥିଲେ । ଅନ୍ୟପଟେ ଅଜିତଙ୍କ କାରରେ ଚାବି ଲାଗି ରହିଥିବା ବେଳେ ତାଙ୍କ ମୋବାଇଲ ମଧ ରହିଛି । କିଛି ସମୟ ପରେ ରତଙ୍ଗ ସମିତିସଭ୍ୟ ବିରଂଚି ମଲିକ ଫିରିଙ୍ଗିଆ ଥାନାକୁ ଫୋନ ଯୋଗେ ସବୁ କଥା ଜଣାଇଥିଲେ । ବର୍ତମାନ ସୁଦ୍ଧା ଉପାଧକ୍ଷଙ୍କ କୌଣସି ଖୋଜଖବର ମିଳିପାରିନଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି । ଅନ୍ୟପଟେ ଉକ୍ତ ଅଂଚଳଟି ମାଓବାଦୀ ଅଧୁଷିତ ଅଂଚଳ ହୋଇଥିବାରୁ ମାଓବାଦୀ ଅଜିତଙ୍କୁ ଅପହରଣ କରିନେଇଥିବା ସନ୍ଦେହ କରାଯାଉଛି । କିଛିଦିନ ତଳେ ଏହି ଅଂଚଳରେ ମାଓବାଦୀ ଜଣେ ପୂର୍ବତନ ସରପଂଚଙ୍କୁ ଗୁଳି କରି ହତ୍ୟା କରି ନିଜର ସ୍ଥିତି ଜାହିର କରିଥିଲେ ।

## ମାଲକାନଗିରି କାଳବୈଶାଖୀରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ସାଂସଦଙ୍କ ଆର୍ଥିକ ସହାୟତା

ମାଲକାନଗିରି, (ହି.ସ ) - ମାଲକାନଗିରି ବାସୀ କାଳବୈଶାଖୀର ଉଗ୍ର ରୂପ ଦେଖିବାକୁ ପାଇଥିବା ବେଳେ ମାଲକାନଗିରି ସହର ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରରେ ମାଛ ଧରିବାକୁ ଯାଇ ଡଙ୍ଗା ବୁଡ଼ିଯାଇଥିବାରୁ ୨ ଜଣ ମତ୍ସଜୀବୀ ମୃତ୍ୟୁ ବରଣ କରିଥିବା ବେଳେ ଆଜି ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଦୁଇ ପରିବାର ତୁଳସୀ ମାଡି ଭୀମାରାଙ୍ଗନି ଗ୍ରାମର ଓ ଗୋବିନ୍ଦ ସର୍ଦାର ଏମ୍ ଭି ୧୧୧ ଓ ମନୋଜ ହେମ୍ବ୍ରମ ତାମସା ପଂଚାୟତ ଏମଭି ୩ ଗ୍ରାମରେ ପହଂଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାକ୍ଷାତ କରି ସାନ୍ତ୍ୱନା ଦେବା ସହ ୧୦ ହଜାର ଲେଖାଏ ତିନି ପରିବାରଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ରିଲିପି ପାଣ୍ଠି ୪ ଲକ୍ଷ ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ବିଜେଡି ପୂର୍ବତନ ବିଧାୟକ ମାନସ ମାଡକାମୀ ,ବିଜେଡି ସାଧାରଣ ସମ୍ପାଦକ ତଥା ଜିଲ୍ଲା ଆଇନଜୀବି ସାମ୍ମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା ,ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଳ ,ସିନ୍ଧ୍ରିମାଲ ସରପଂଚ ଘାସି ନାୟକ ,ସାଂସଦ ପ୍ରତିନିଧି ଖଇରପୁଟ୍ ଜଗନ୍ନାଥ ମାଝୀ ,ପୌର ପରିଷଦ ସଂଯୋଜକ ମଙ୍ଗଳା ପାଙ୍ଗି, ସତ୍ୟ ସାଇଁ , ଯୁବ ନେତା ସଦା ନନ୍ଦ ଖରା , ଯୁବ ଉପ ସଭାପତି କୌଶସି ପୋଟଲା ,କେ. ରାହୁଲ ,ଯୁବ ସମ୍ପାଦକ ବସନ୍ତ ନାୟକ ,ଏସ୍‌ବାଲା , ବି. ବିଭୂତି ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ ।

## ମଝିଘରିଆଣୀ ମା'ଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ



ରାୟଗଡ଼ା(ପିପିଏସ୍) : ରାୟଗଡ଼ା ବ୍ଲକ ଅନ୍ତର୍ଗତ ଜେମାଦେଇପେଣ୍ଠ ଠାରେ ମାଁ ମଝିଘରିଆଣୀ ମାଁଙ୍କ ନୂତନ ମନ୍ଦିର ସହ ମାଁ ମଝିଘରିଆଣୀ ମାଁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ୫ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ପାଞ୍ଚ ଦିନ ଧରି ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ରୀତିକାନ୍ତି ସହ ୧୦୮ କଳସଯାତ୍ରାରେ ହଜାରେ ହଜାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ପ୍ରଥମ ଦିନରେ ଅଙ୍କୁରାପଣ , ଦୀକ୍ଷା ଗ୍ରହଣ, କଳସ ସ୍ଥାପନା, ଅଗ୍ନି ସ୍ଥାପନା, କୁଠ ସଂସ୍କାର ସ୍ଥାପନା, କୁଠ ସଂସ୍କାର ଯଜ୍ଞ ମଠପରେ ପୂଜାର୍ଚ୍ଚନା, ଦ୍ୱିତୀୟ ଦିନରେ ସ୍ତମ୍ଭପୂଜା, ବନଜାଗ, ଇନ୍ଦ୍ରଇନ୍ଦ୍ରାଣୀପୂଜା, ଦୀକ୍ଷା ଗ୍ରହଣ ରନ୍ମୁଦ, ସୂର୍ଯ୍ୟପୂଜା, କାରୁଶାଳା, ନ୍ୟାସ ହୋମ ଶେଷ ଦିନରେ ସୂର୍ଯ୍ୟପୂଜା, ଷୋଡଶ ଉପଚାର ପୂଜା, ଗୋପୂଜା, ଦେବତା ପ୍ରବେଶ, ମହାଧ୍ୱଜ ଉତ୍ତୋଳନ, ରନ୍ମୁଦ ପୂଜା, ପାଶ୍ୱର୍ଦ୍ଧ ଦେବତା ସ୍ଥାପନ, ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ସହ ପୂର୍ଣ୍ଣାହୂତି, ଗାଁ ବନ୍ଧନ, ପୁଷ୍ପଳି ଆଦି ବିଧିବଦ୍ଧ ଭାବେ ଅନୁଷ୍ଠିତ କରାଯାଇଥିଲା । ଏଥିସହ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଶ୍ରଦ୍ଧାଳୁ ଭକ୍ତଗଣ ମାନଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ କରାଯାଇଥିବା ବେଳେ ଗ୍ରାମ ସହ ସାରା ଜିଲ୍ଲାରେ ବାଧାବିଘ୍ନ ସମୟରେ ମାଁ ମଝିଘରିୟାଣୀ ମାଁ ସାହା ହୋଇଥାନ୍ତି ବୋଲି ମନ୍ଦିର ପରିଚାଳନା କମିଟି ର ସଭାପତି ଯୋଗେଶ୍ୱର ଦାସ ପ୍ରକାଶ କରିଛନ୍ତି । ପୂଜାବିଧି କାର୍ଯ୍ୟକ୍ରମ ପୂଜକ ରାମଚନ୍ଦ୍ର ଦାଶ ଏବଂ ସନ୍ତୋଷ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ଯୋଗିଶ୍ରୀ ଚୈତନ୍ୟ ରାମଜୀ ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ ଗ୍ରାମକୁ ରଂଗୀନ ଆଲୋକରେ ସଜାଇବା ସହ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଛି । ଉକ୍ତ ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଗଣ ଯୋଗ ଦେଇ ପ୍ରତ୍ୟେକ ଦିନ ହୋଇଥିବା ନାଚ ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ । ଉକ୍ତ ପ୍ରତିଷ୍ଠା ଉତ୍ସବ କୁ ମନ୍ଦିର କମିଟି ର ସଭାପତି ଯୋଗେଶ୍ୱର ଦାସ , ସମ୍ପାଦକ କେ ରାମ ବାବୁ , ଏମ୍ ଗୌରୀଶଙ୍କର , ମୁକୁନ୍ଦ ପିଡିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବକୁ ଗଣେଶ କୁମାର ସାହୁ , ଏସ ଲୋକନାଥ , ବିଜୟ କୁମାର ଚୌଧୁରୀ , ଗୁଡାଲା ସାଇ କୁମାର, ମାଝୀ ଡାଡିଙ୍ଗି, ମେଲାକା ପରମେଶ , ମେଲେକା ଡିଗ୍ରୀ , ରାଜା ରାଓ ମେଲେକା , ପୂଜା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ସୀମାନ୍ତରେ ଆଦିବାସୀଙ୍କୁ ପ୍ରତାରଣା ପ୍ରସଙ୍ଗ
# ଆଦିବାସୀଙ୍କୁ ଶୋଷଣ କରୁଥିବା ଡାକ୍ତରଙ୍କୁ ସରକାରଙ୍କ ଭେଟି, ଚୋର ହାତରେ ଚାବି

ରାୟଗଡା(ପିପିଏସ୍) : ରାୟଗଡ ଜିଲ୍ଲାରେ ଆଦିବାସୀଙ୍କୁ ଠକି ଆସୁଥିବା ଡାକ୍ତର ରାମମୋହନ ରାଓଙ୍କୁ ଓଡିଶା ସରକାରଙ୍କ କୋରାପୁଟ ଜିଲ୍ଲା ଭେଟି । ବର୍ଷ ବର୍ଷ ଧରି ପାମୋଲିନ ଚାଷ କରି ଆଦିବାସୀଙ୍କ ଜମିକୁ ନିଜ କବ୍‌ଜାରେ ରଖିଥିବା ଆନ୍ଧ୍ର ବ୍ୟବସାୟୀଙ୍କୁ କୋରାପୁଟରେ ପୁଣି ନିଜର କାୟା ବିସ୍ତାର ପାଇଁ ଓଡିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗର ଅହେତୁକ ଅନୁକମ୍ପା । ବିଜ୍ଞପ୍ତି ନଥାଇ କୋରାପୁଟ ଜିଲ୍ଲା ପାଇଁ ରାଜ୍ୟ ଉଦ୍ୟାନ ବିଭାଗ ସହ ଚୁକ୍ତି ବା ଏମ୍‌ଓୟୁ ଦସ୍ତଖତ ଯୋଜନା । କୋରାପୁଟ ଜିଲ୍ଲାରେ ସରକାରୀ ଜମିକୁ ବଳପୂର୍ବକ ଜବରଦଖଲ କରିଥିବା ନେଇ ଡାକ୍ତରଙ୍କ ନାମରେ ବନ୍ଧୁଗାଁ ତହସିଲଦାରଙ୍କ ଏତଲା ପରେ ବି ଗତ ମେ ୩୦ ତାରିଖରେ ଚୁକ୍ତିପାଇଁ କାହିଁକି ତତ୍ପର ହେଲା ବିଭାଗ ତାହା ଘୋର ସନ୍ଦେହ ଘେରରେ । ସରକାରଙ୍କ ଏହି ନିଷ୍ପତ୍ତି ଥମି ଯାଇଥିବା ଜମି ଆନ୍ଦୋଳନର ପୁନରାବୃତ୍ତି କରି କଡ ଲେଉଟାଇବାର ସମ୍ଭାବନା ଦେଖାଦେଇଛି । କୋରାପୁଟ ଜିଲ୍ଲାରେ ପୁଣି କଡଲେଉଟାଇବନି ତ ଜମି ଆନ୍ଦୋଳନ ? ଶାନ୍ତ ପରିବେଶ ଅଶାଂ ହେଇଯିବନି ତ ? ଜିଲ୍ଲାବାସୀଙ୍କ ମନରେ ଏଭଳି ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ । ଆନ୍ଧ୍ରର ଡାକ୍ତର ଡି.ରାମମୋହନ ରାଓଙ୍କ ସହ ଓଡିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗର ହେବାକୁ ଥିବା ଏମଓୟୁ ଦସ୍ତଖତ ପରେ ଶାନ୍ତ ପରିବେଶ ଅଶାନ୍ତ ହୋଇଯିବାର ବର୍ତ୍ତମାନ ଆଶଙ୍କା ଦେଖାଦେଇଛି । ରାମମୋହନ ରାଓ କର୍ଷକ ମହର୍ଷି ଅଏଲ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ । ଆନ୍ଧ୍ର ପ୍ରଦେଶ ରାଜ୍ୟ ସୀମାନ୍ତ ପାର୍ବତିପୁରମର ବାସିନ୍ଦା । ପେଷାରେ ଜଣେ ଡାକ୍ତର । କିଂ ସୀମା ପାରହୋଇ ଓଡିଶା ଆଦିବାସୀ ଜମି ଉପରେ ଲୋଲୁପ ଦୃଷ୍ଟି । ବେଆଇନ ରୂପେ ଜମିସବୁକୁ ନିଜ କବଜାରେ ରଖି ପାମୋଲିନ ଚାଷ କରିବାର ନିଶା ପ୍ରବଳ ଘାରିଛି ଏହି ବାବୁଙ୍କୁ । ଲିଜ ନାମରେ ଆଦିବାସୀ ଜମିକୁ ଗତ ୧୭ରୁ ୨୫ବର୍ଷ ଧରି ନିଜ ଅଧିନରେ ରଖି ରାୟଗଡା ଜିଲ୍ଲାରେ ପାମୋଲିନ ଚାଷ ନାମରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛିଁ ଏହି ଡାକ୍ତର । ଜିଲ୍ଲାର ଗୁଣପୁର ଓ ରାୟଗଡ ଉପଖଣ୍ଡରେ ହଜାର ହଜାର ଏକର ଆଦିବାସୀ ଜମି ସହ ଅଣ ଆଦିବାସୀ ଜମିକୁ ନିଜ କବଜାରେ ରଖିଛନ୍ତି । ସରକାରଙ୍କ ଘୋଷିତ କୌଣସି ବିଧିବଦ୍ଧ ଚୁକ୍ତିନାମା ନାହିଁ କି ରାଜସ୍ୱ ବିଭାଗ ବା ନିବନ୍ଧକ କାର୍ଯ୍ୟାଳୟରେ କୌଣସି ପିକରଣ ମଧ୍ୟ ନାହିଁ । ୪ରୁ ୬ହଜାର ଟଙ୍କାଦେଇ ବର୍ଷ ବର୍ଷ ଧରି ରାୟଗଡ ଜିଲ୍ଲାର ଆଦିବାସୀଙ୍କୁ ଠକି ଚାଲିଛନ୍ତି ଏହି ଡାକ୍ତର ଜଣକ । ଯାହାକୁ ନେଇ ଗତ ୧ମାସ ଧରି ବିଭିନ୍ନ ଗଣମାଧମରେ ଡାକ୍ତରଙ୍କ କାରନାମାର ଖୁଲାସା ହୋଇଆସୁଛି । କୋରାପୁଟ ଜିଲ୍ଲାର ୩୦ରୁ

### କଡ଼ ଲେଉଟାଇବନି ତ ଜମି ଆନ୍ଦୋଳନ ?

୪୦ଏକର ସରକାରୀ ଓ ଗୋଚର ଜମିକୁ ମଧ୍ୟ ଏହି ଡାକ୍ତର ଛାଡିନାହାନ୍ତ । ଆଉ ଏଇଥିପାଇଁ ଉକ୍ତ ଜମିରେ ନାଲି ପତାକା ପୋତି ବନ୍ଧୁଗାଁର ତହସିଲଦାର ସେଠାରେ ୧୪୪ ଧାରା ଜାରି କରିବା ସହ ଡାକ୍ତରଙ୍କ ନାମରେ ମାମଲା ରୁଜୁ କରିଥିବା ନେଇ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚହଳ ପଡିଯାଇଥିଲା । ଓଡିଶା ଉପରେ ବାବୁଙ୍କ ଦୃଷ୍ଟି ଏବେକାର ନୁହେଁ । ପ୍ରାୟ ୨୦୦୩ ମସିହାରୁ ଓଡିଶା ସୀମାନ୍ତ ଓ ଏଠାକାର ଆଦିବାସୀ ଜମିକୁ ହଡପ କରିବାର ଯୋଜାନ ପ୍ରସ୍ତୁତ କରିଛନ୍ତି । ଆଦିବାସୀ ଜମିକୁ ବେନାମି ଲିଜ୍ ଆକାରରେ ନେବା ସହ ଉଦ୍ୟାନ କୃଷି ବିଭାଗ ସହ ହାତ ମିଳେଇ ପାମୋଲିନରୁ ତେଲ ଉତ୍ପାଦନ କରୁଥିବା ମିଲ୍‌ଟିଏ ସୀମାନ୍ତ ଅତଡା ଗାଁରେ ସ୍ଥାପନ କରି ବ୍ୟାଙ୍କରୁ ପ୍ରାୟ ୧୧.୫୦ କୋଟି ଟଙ୍କା ଋଣ କରି ଏଥିରୁ ଓଡିଶା ସରକାରଙ୍କ ପ୍ରଦତ୍ତ ପ୍ରାୟ ୫ କୋଟି ଟଙ୍କା ରିହାତି ଅର୍ଥକୁ ହଡପ କରିଛନ୍ତି ଏହି ଡାକ୍ତର । କିଛିବର୍ଷ ପରେ ତାହାକୁ ରୁଗ୍ଣ ଦର୍ଶାଇ ସମସ୍ତ ଯନ୍ତ୍ରାଂଶକୁ ଆନ୍ଧ୍ର ପ୍ରଦେଶ ନେଇ ସେଠାରେ ବେଧଡକ ଭାବେ ୨୦ କୋଟି ଟଙ୍କାରେ ବିକ୍ରି କରି ଦେଇଛନ୍ତି । ଆଉ ଓଡିଶାର ସମସ୍ତ ଉତ୍ପାଦିତ କଂଚାମାଲକୁ ସେଠାକୁ ନେଇ ତେଲ ପ୍ରସ୍ତୁତ କରି ଲାଭବାନ ହେଉଥିବା ବେଳେ ଓଡିଶାର ଆଦିବାସୀ ଜମି ମାଲିକମାନେ ବାର୍ଷିକ ୪ରୁ ୬ହଜାର ଟଙ୍କା ମାତ୍ର ଜମି ଲିଜ ବାବଦକୁ ପାଇ ଜଳକା ସାଜିଛନ୍ତି । ଆଉ ଏହି ବେଆଇନ କାର୍ଯ୍ୟର ଦେଖଣାହାରି ସାଜିଛଁ ଏଠାକାର ପ୍ରଶାସନ । ଏଭଳି କଳା କାରନାମାକୁ କାନ୍ଧେଇଥିବା ଡାକ୍ତରଙ୍କୁ ନିକଟରେ ପୁଣି କୋରାପୁଟ ଜିଲ୍ଲାରେ ପାମୋଲିନ ଚାଷ ଓ ଚାଷୀଙ୍କୁ ଶସକ୍ତ କରିବାର ଦାୟିତ୍ୱ ଦେଇଛି ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ । ରାୟଗଡ ଜିଲ୍ଲାରେ ଆଦିବାସୀ ଜମିରେ ଗଛ ଲଗାଇ କୋଟି କୋଟି ଟଙ୍କା ଉପାର୍ଜନ କରୁଥିବା ଏହି ଡାକ୍ତର କୋରାପୁଟ ଜିଲ୍ଲାରେ କରିବେ ପାମୋଲିନ ଚାଷର ପ୍ରଚାର ଓ ପ୍ରସାର କରି ପୁଣି ସରକାରଙ୍କ ମିଳି ଭଗତରେ କୋଟି କୋଟି ଟଙ୍କା ହଡପ କରିବେ । ରାଜ୍ୟ ଉଦ୍ୟାନ କୃଷି ବିଭାଗ ସମ୍ପୃକ୍ତ ଡାକ୍ତରଙ୍କ ସହ ଚୁକ୍ତିନାମାରେ ସାକ୍ଷର କରିବାପାଇଁ ଚଳିତ ବର୍ଷ ମେ ମାସର ୨୦ ତାରିଖରେ ଚିଠି ନମ୍ବର-୫୪୫୦ରେ ତାଙ୍କୁ ପଠାଇଛି । ଆଉ ସେହି ଚିଠିରେ କର୍ଷକ ମହର୍ଷି ଅଏଲ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱର ଡକାଇ ଓଡିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗ ସହ ହେବାକୁ ଥିବା ଏମଓୟୁ ଦସ୍ତଖତ କରିବାର ପ୍ରୟାସ କରାଯାଇଛି । ପରିଣାମ ସ୍ୱରୂପ ଜମି ଆନ୍ଦୋଳନକୁ ନେଇ ବହୁ ଚାଷୀଙ୍କ ବଳିଦାନ ପରେ ଶାନ୍ତି ଫେରିଥିବା କୋରାପୁଟ ଜିଲାରେ ପୁଣି ଅଶାନ୍ତିର ବହ୍ନି ଜଳିବାର ଗନ୍ଧ ସ୍ୱଷ୍ଟରୂପେ ବାରିହୋଇପଡୁଛି । ପୁଣି ଆଦିବାସୀ ଜମିରେ ସାହୁକାର ରାଜ ଆରମ୍ଭ ହେବାକୁ ମସୁଧା ଚାଲିଥିବା ପରିଲକ୍ଷିତ ହେଉଛି । ଆଉ ଜମି ଆନ୍ଦୋଳନ ମୁଣ୍ଡ ଟେକିବାର ଯଥେଷ୍ଟ ଆଶଙ୍କା ରହିଥିବା ଜଣେ ସେଚ୍ଛାସେବୀ ରାଧାକୃଷ୍ଣ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି । କର୍ଷକ ମହର୍ଷି ଅଏଲ ପ୍ରାଇଭେଟ ଲିମିଟେଡ ମାତ୍ର ବର୍ଷେ ଦୁଇ ମାସ ତଳେ ଭାରତ ସରକାରଙ୍କ କର୍ପୋରେଟ ଏଫାୟାର୍ସ ମନ୍ତ୍ରଣାଳୟ ଦ୍ୱାରା ପୀକୃତ ହୋଇଛି । ନିୟମ ଅନୁସାରେ ଯେଉଁ କମ୍ପାନୀ ଏହି କାର୍ଯ୍ୟ ପାଇବ, ତାର ପାମୋଲିନ ଚାଷ ଉପରେ ଅଭିଜ୍ଞତା, ଓଡିଶାରେ ଫଳଚାଷ ଉପରେ ଅଭିଜ୍ଞତା, ଗତ ଆର୍ଥିକ ବର୍ଷରେ ୧୫୦ କୋଟି ଟଙ୍କାର କାରବାର ଓ ଏକ ପାମୋଲିନ ତେଲ ଫ୍ୟାକ୍ଟ୍ରି ଥିବା କଥା । କିନ୍ତୁ କର୍ଷକ କମ୍ପାନୀ ଏସବୁ ମାନଦଣ୍ଡ ବାହାରେ ଥାଇ ମଧ୍ୟ ସରକାର ଏହା ସହ କିଭଳି ଚୁକ୍ତି କରୁଛନ୍ତି, ତାହା ଘୋର ସନ୍ଦେହ ସୃଷ୍ଟି କରୁଛି । ଏହି କମ୍ପାନୀର ଚୁକ୍ତି ବାତିଲ କରି ଆଉ ଏକ ଯୋଗ୍ୟ କମ୍ପାନୀକୁ ଦାୟିତ୍ତ୍ୱ ଦେବାକୁ ଓଡିଶା ସରକାରଙ୍କ କୃଷି ବିଭାଗ ଦ୍ୱାରା ପୁରସ୍କୃତ ହୋଇଥିବା ଜିଲ୍ଲାର ଅଗ୍ରଣୀ ଚାଷୀ ବିଜୟ ମିଶ୍ର ଦାବି ଜଣାଇଛନ୍ତି ।

## ବସୁଧା ଯୋଜନାର ଅବ୍ୟବସ୍ଥା

# ଜଳ ପାଙ୍କେଲରେ ଜଳ ଦୂଷିତ





ଖପ୍ରାଖୋଲ, (ପିପିଏସ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ମାଳପଡା ପଞ୍ଚାୟତ ଅନ୍ତର୍ଗତ ଜଳପାଙ୍କେଲ ଗ୍ରାମରେ ବସୁଧା ଯୋଜନାରେ ତିଆରି ହୋଇଥିବା ପାଣି ଟାଙ୍କିର ଅବ୍ୟବସ୍ଥା। ଏହି ଗାଁରେ ପ୍ରାୟ ଦୁଇରୁ ତିନିହଜାର ଲୋକ ରହନ୍ତି ଓ ଲୋକଙ୍କ ପିଇବା ପାଣିର ସୁବିଧା ପାଇଁ ସରକାରଙ୍କ ବସୁଧା ଯୋଜନା ରୁ ୨୦୧୮- ୨୦୧୯ରେ ଆରମ୍ଭ ହୋଇଥିଲା ଜଳ ଯୋଗାଣ ବ୍ୟବସ୍ଥା ଓ ବିଭିନ୍ନ ରୋଗକୁ ନେଇ ଭୟ ଲାଗିରହିଥିବା ବେଳେ ଗାଁ ଲୋକେ ଦୂଷିତ ପାଣି ଦେଖି ପିଇବା ପାଇଁ ଭୟ କରୁଛନ୍ତି। ପାଣିର ମାନ ନିୟମିତ ପରୀକ୍ଷା ମଧ କରାଯାଉନାହିଁ ଯେତେବେଳେ ପାଣିରେ ଗୋଳିଆ ଆସିବା ଅଭିଯୋଗ ଆସିଲେ ବିଭାଗ ପକ୍ଷରୁ ବ୍ଲିଚିଙ୍ଗ ପାଉଡର ବ୍ୟବହାର କରି ବିଭାଗୀୟ ଅଧିକାରୀ କାମସାରି ଦେଉଛନ୍ତି। ରକ୍ଷଣା ବେକ୍ଷଣ ପାଇଁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଆସୁଛି ସତ ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ସରକାରୀ ବାବୁ ମାନେ ନିଜ ରୁମରେ ଅତ୍ୟାଧୁନିକ ଇଲୋକ୍ଟ୍ରୋନିକ ଫିଲଟରର ପାଣି ପିଉଥିବାବେଳେ ସାଧାରଣ ଅଞ୍ଚଳବାସୀଙ୍କ ଅସୁବିଧା ଜାଣିପାରୁ ନଥିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି। ଏବେ ବସୁଧା ଯୋଜନାର ଭିତ୍ତି ଭୂମିକୁ ଦେଖିଲେ ଜଣା ପଡେ ଉପାନ୍ତ ଅଞ୍ଚଳର ଲୋକଙ୍କ ପାଇଁ କେତେ ସମ୍ବେଦନ ପ୍ରଶାସନ ଓ ବସୁଧା ଯୋଜନାରେ ଜଳ ଯୋଗାଣ ଚାଲିଛି ହେଲେ ଜଳଯୋଗାଣରେ ନାହିଁ ନଥିବା ଅବ୍ୟବସ୍ଥା ଓ ମୁକୁଳା ପଡିଛି ପାଣି ଟାଙ୍କିରୁ ଗାଁ କୁ ଜଳ ଯୋଗାଣ ହେଉଥିବା ମୁଖ୍ୟ ପାଇପ୍‌ର ଟାଙ୍କି ସେଥିରେ ପୁଣି ମଦ ପ୍ୟାକେଟ, ଅନାବନା ଗଛ, ବର୍ଜ୍ୟ ବସ୍ତୁ,ଭଙ୍ଗା ବୋତଲ, ଜରି ପ୍ୟାକେଟର ପୂର୍ଣ୍ଣ ହୋଇଥିବା ବେଳେ ତଥାପି ଚାଲିଛି ଜଳଯୋଗାଣ ଓ ଲୋକେ ଦୂଷିତ ଜଳ ପିଇ ବିଭିନ୍ନ ପ୍ରକାର ଜଳ ଜନିତ ରୋଗ ପରି ମାରାତ୍ମକ ବ୍ୟାଧିରେ ପଡୁଥିବା ବେଳେ ଆଗକୁ ବି ଏହି ସମସ୍ୟା ଜଟିଳ ଆକାର ଧାରଣ କରିବ ଏହା ନିଃସନ୍ଦେହ ଓ ଜଳ ଯୋଗାଣର ଅବ୍ୟବସ୍ଥାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଳପାଙ୍କେଲ ଗ୍ରାମବାସୀ ଅନେକ ଥର ଅଭିଯୋଗ କଲେ ମଧ ନିଦାବିଷ୍ଟୁ ସାଜିଛି ପ୍ରଶାସନ। ଏବିଷୟରେ ଆରଡବ୍ଲୁଏସଏସ ଦ୍ୱିତୀୟ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ ଉକ୍ତ ପ୍ରୋଜେକ୍ଟକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଥିଲେ। ଅନ୍ୟପଟେ ମାଳପଡ଼ା ପଞ୍ଚାୟତ ସରପଞ୍ଚ ଗୋପାଳ ମେହେରଙ୍କ ଘର ପାଣି ଟାଙ୍କିରୁ ମାତ୍ର ୧୦୦ ମିଟର ଦୂରରେ ଅବସ୍ଥିତ ଏବିଷୟରେ ସରପଞ୍ଚଙ୍କୁ ପଚରା ଯିବାରୁ ସେ ବିଷୟରେ ସେ ଆଗରୁ ଜାଣି ନାହାନ୍ତି ପରିସ୍ଥିତି ଅନୁଧାନ କଲା ପରେ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏଥିରୁ ଜଣା ପଡୁଛି ସେ ନିଜ ପଞ୍ଚାୟତ ବାସୀଙ୍କ ପାଇଁ କେତେ ତତ୍ପରତାର ସହ କାମ କରୁଛନ୍ତି। ଏଠି କହିବ କାହାକୁ ଶୁଣିବ କିଏ ସାଧାରଣ ଲୋକ କରିବେ କଣ ? ଦୀର୍ଘ ଦିନ ହେଲା ଲୋକଙ୍କ ଘରକୁ ଯୋଗାଣ ହେଉଥିବା ଦୂଷିତ ପାଣିକୁ ନେଇ ଗ୍ରାମବାସୀ ଏବେ ଆତଙ୍କିତ।



## କାଦୁଆ ନଦୀରେ ବିଜୁ ସେତୁ ନିର୍ମାଣ ବିଳମ୍ବ, ୨୦୨୦ରେ ସାରିବାକୁ ଲକ୍ଷ୍ୟ ଥିଲା



କାକଟପୁର, (ପିପିଏସ) : କାଦୁଆ ନଦୀର କନ୍ତିମଳାଠାରେ ବିଜୁ ସେତୁ ଯୋଜନାରେ ପ୍ରାୟ ୫ ବର୍ଷ ହେବ ନିର୍ମାଣ ଚାଲିଥିବା ବିଜୁସେତୁ କାର୍ଯ୍ୟ ଅଦ୍ୟାବଧି ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ବର୍ଷାଋତୁ ଆସିବାକୁ ଆଉ ଅଳ୍ପ ଦିନ ବାକିଥିବାବେଳେ, କାର୍ଯ୍ୟ ଶେଷ କରିବା ପାଇଁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ତତ୍ପରତା ପ୍ରକାଶ ପାଉନାହିଁ। ଯଦିଓ ସେତୁ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ତଥାପି ସେତୁ ଉପର ବାଡ଼ ଓ ସେତୁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି।ନିମାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପ୍ରାୟ ୬ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାର୍ଣାଧୀନ ଏହି ସେତୁର କାର୍ଯ୍ୟ ଆରମ୍ଭ ୨୦୧୮ ମସିହାରେ ହୋଇଥିଲା। ସରକାରୀଭାବେ ସେତୁର ନିର୍ମାଣ କାର୍ଯ୍ୟ ୨୦୨୦ ଜୁନ୍ ମାସ ମଧ୍ୟରେ ସରିବା କଥା। ମାତ୍ର ୨୦୨୩ ଜୁନ୍ ସୁଦ୍ଧା ଏହି ସେତୁ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ନ ହେବାରୁ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ୧୨୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ କାର୍ଯ୍ୟକ୍ଷମ ହେଲେ, ନିକଟସ୍ଥ କନ୍ତିମଳା, ସନ୍ତରସ, କୋଠାଙ୍ଗ, କଜଳପାଟିଆ, ଅଇଁଗୋଳ, ମୁରୁଡ଼ା, ଦୁର୍ଗାପୁର ଆଦି ଗ୍ରାମର ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ବର୍ଷାଋତୁ ପୂର୍ବରୁ ଏହି ସେତୁକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସୁରକ୍ଷା ପ୍ରାଚୀର ଅଧପନ୍ତରିଆ, ଚିଲିକାକୂଳ ଜନବସତିକୁ ବଢୁଛି ବିପଦ



ବ୍ରହ୍ମଗିରି : ଆଉ କିଛି ଦିନ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିବ। ବାରମ୍ବାର ଲଘୁଚାପ ଯୋଗୁ ସମୁଦ୍ର ଫୁଲି ଉଠିବ। ଫଳରେ ଜୁଆର ଚିଲିକା ଭିତରକୁ ପ୍ରବେଶ କରିବ। ଲଗାଣ ବର୍ଷା ସହ ସମୁଦ୍ର ଜୁଆର ଚିଲିକା ଉପକୂଳବାସୀଙ୍କ ପାଇଁ ବିପଦ ଆଣିବାର ଆଶଙ୍କାକୁ ବଢାଇଛି। ଏଥିରୁ ରକ୍ଷା ପାଇବା ପାଇଁ ସରକାର ଉପକୂଳ ସୁରକ୍ଷା ପ୍ରାଚୀର ନିର୍ମାଣ ଆରମ୍ଭ କରିଛନ୍ତି।କିନ୍ତୁ ଦୀର୍ଘ ୧୦ ବର୍ଷରୁ ଅଧିକ ହେଲାଣି ସୁରକ୍ଷା ପ୍ରାଚୀର କାମ ଶେଷ ହୋଇ ପାରୁ ନାହିଁ। ଉପକୂଳ ଜନବସତି ପାଇଁ ଯେଉଁ ବିପଦକୁ ସେହି ବିପଦ ଆଶଂଙ୍କା ବଢ଼ି ଚାଲିଛି। ପ୍ରତ୍ୟେକ ବର୍ଷ ମୌସୁମୀ ବର୍ଷା ଆସିବା ପରେ ଉପକୂଳ ଜନବସତିକୁ ବିପଦ ଆଶଂଙ୍କା ବଢିଥାଏ। ଲଘୁଚାପ ପ୍ରଭାବରେ ସ୍ଥିତି ଆହୁରି ସଙ୍ଗୀନ ହୋଇଥାଏ। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ବ୍ଲକ୍‌ରେ ୨୦୧୩ ମସିହାରେ ଫାଇଲିନ୍ ବାତ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଦୁଇଟି ସାହିକୁ ଚିଲିକା ଭିତରକୁ ଜୁଆର ଟାଣି ନେଇ ଯାଇଥିଲା। ଚିଲିକା-ସମୁଦ୍ର ମଝିରେ ଥିବା ବାଲିବନ୍ତ ଧୋଇ ପ୍ରାକୃତିକ ଭାବରେ ମୁହାଣ ଖୋଲିଥିଲା। ଚିଲିକା ଉପକୂଳରେ ଥିବା ୧୬ରୁ ଅଧିକ ଜନବସତିକୁ ବିପଦ ଆଶଙ୍କା ବଢିଥିଲା। ଏକ ବିଶେଷଜ୍ଞ ଟିମ୍ ମୁହାଣ ଅଞ୍ଚଳକୁ ଯାଇ ଅନୁଧ୍ୟାନ କରି ଫେରିବା ପରେ ଏନେଇ ସରକାରଙ୍କୁ ରିପୋର୍ଟ ଦେଇଥିଲା। ଉପକୂଳ ଜନବସତିକୁ ସୁରକ୍ଷା ଦେବା ପାଇଁ ଚିଲିକା ଉପକୂଳରେ ସୁରକ୍ଷା ପ୍ରାଚୀର ନିର୍ମାଣ ଯୋଜନା ହେଲା। ମୁଖ୍ୟମନ୍ତ୍ରୀ ଅରଖକୁଦାଠାରେ ଏହାର ଶିଳାନ୍ୟାସ କଲେ। କୃଷ୍ଣପ୍ରସାଦ ବ୍ଲକ୍ ସାତପଡ଼ାଠାରୁ ବ୍ରହ୍ମଗିରି ବ୍ଲକ୍ ମୋଟ ପର୍ଯ୍ୟନ୍ତ ୨୬ କିମି ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ କାମ ଆରମ୍ଭ ହେଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ନିର୍ମାଣ କାମ ଶେଷ ହୋଇ ପାରି ନାହିଁ। ଏହାରି ଭିତରେ 'ଫନି' ଭଳି ବାତ୍ୟା ଉପକୂଳବାସୀ ଦେଖି ସାରିଲେଣି। ୩ଟି ପ୍ରାକୃତିକ ମୁହାଣରୁ ଏବେ ୬ଟି ମୁହାଣ ହେଲାଣି। ଉପକୂଳ ପ୍ରାଚୀର ନିର୍ମାଣ ପାଇଁ ଶହ ଶହ କୋଟି ଟଙ୍କା ସରକାର ମଞ୍ଜୁର କରିଥିଲେ ମଧ୍ୟ ଆଜି ସୁଦ୍ଧା ପ୍ରାଚୀର ନିର୍ମାଣ ସରୁନି। ଆଗକୁ ବର୍ଷା ଓ ଲଘୁଚାପ ସମୟରେ ପୁଣି ଚିଲିକା ଉପକୂଳରେ ଥିବା ଜନବସତି ମଧ୍ୟକୁ ଜୁଆର ପାଣି ପଶିବା ଆଶଙ୍କା ରହିଛି।

## ସମସ୍ୟାର ଚକ୍ରବ୍ୟୂହରେ ସାପଘେରା, ଅଭିଶପ୍ତ ଜୀବନ ଜିଇବା ଏଠି ଦେହସୁହା

# ଦୂଷିତ ପାଣି ଭରସା, ଖଟିଆରେ ରୋଗୀ ବୁହା



ରାଇରଙ୍ଗପୁର : ଚାରିପଟେ ସମସ୍ୟା, ରାସ୍ତାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ। ଜୀବନ ଜିଇବା ପାଇଁ ଏଭଳି ମେ?ଳିକ ସୁବିଧା ଆନ୍ତରିକତାର ଅଭାବ ହେଉ କିମ୍ବା ଅପରାଗତା ହେଉ ପ୍ରଶାସନଠାରୁ ମିଳୁନି। ଦାବି କଲେ ବି କେହି ଶୁଣିବାର ନାହିଁ। ଏହା କାହାର ଅଭିଶାପ ନୁହେଁ ତ ଆଉ କ'ଣ? ଏଭଳି ଅଭିଶପ୍ତ ଜୀବନ ଜିଇବା ଦେହସୁହା ହୋଇଗଲାଣି। ସମସ୍ୟାର ଚକ୍ରବ୍ୟୂହରୁ ମୁକୁଳିବାର ଜୁ ନାହିଁ। ତଥାପି ବଂଚିଛୁ କେବଳ ଭାଗ୍ୟକୁ ଆଦରି ବୋଲି ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ସରଗଡା ପଞ୍ଚାୟତ ସାପଘେରା ଗ୍ରାମର ନାଳାକଚା ସାହିର ଲୋକେ ପ୍ରକାଶ କରିଛନ୍ତି।
ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ରହିଛି ସାପଘେରା। ପାନୀୟଜଳର ଘୋର ଅଭାବ। ଗାଁକୁ ପକ୍କା ରାସ୍ତା ନାହିଁ। ଭଙ୍ଗା ଦଦରା ଘରେ ଜୀବନ କାଟୁଛନ୍ତି ଅନେକ ଲୋକ। ପାଠ ପଢିବା ପାଇଁ ୩ କି.ମି ଚାଲି ଚାଲି ଯିବାକୁ ପଡୁଛି। ଏଭଳି ସମସ୍ୟା ଗ୍ରାମବାସୀଙ୍କୁ ସବୁବେଳେ ଅସହ୍ୟ କରୁଛି। ସାହିରେ ବସବାସ କରନ୍ତି ପାଖାପାଖି ୨ଶହ ଲୋକ। ଦୁର୍ଭାଗ୍ୟର ବିଷୟ ଯେ, ଘଞ୍ଚ ଜଙ୍ଗଲ ପାହାଡ଼ ତଳେ ସମସ୍ୟାକୁ ସାଥି କରି ଏମାନେ ଜୀଉଁଛନ୍ତି। ପାନୀୟଜଳ କହିଲେ ଗାଁରେ ରହିଛି ଦୁଇଟି ନଳକୂପ। ହେଲେ ପାଣି ବାହାରୁନି। ପୁରା ଅଚଳ। ପାଖରେ ଥିବା ଏକ ଛୋଟ ଖାଲ (ଚୁଆ)ରୁ ଦୂଷିତ ପାଣି ଆଣୁଛନ୍ତି ଲୋକେ। ଦୂଷିତ ପାଣି ପିଇଲେ ସ୍ୱାସ୍ଥ୍ୟ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମରେ ଏକ ବାହାଘର କିମ୍ବା ଶୁଦ୍ଧି କ୍ରିୟା କାର୍ଯ୍ୟ ପଡିଲେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯଦି ରାସ୍ତା କଥା ଚିନ୍ତା କରାଯାଏ ତେବେ ଉକ୍ତ ସାହିକୁ ଯିବାକୁ ହେଲେ ମାଟି ରାସ୍ତା ଦେଇ ଯିବାକୁ ପଡେ। ବର୍ଷା ଦିନ କଥା କହିଲେ ନସରେ। ଏପରିକି ଆମ୍ବୁଲାନ୍ସ ମଧ ଗାଁକୁ ଆସି ପାରେ ନାହିଁ। ଖଟିଆରେ ବୁହା ହୋଇଥାନ୍ତି ଉକ୍ତ ଗ୍ରାମର ରୋଗୀ। ସବୁଠାରୁ ବଡକଥା ହେଲା ଉପଯୁକ୍ତ ପାଠ ପଢାରୁ ବଞ୍ଚିତ ରହୁଛନ୍ତି ସାହିର ଛାତ୍ରଛାତ୍ରୀ। ଗ୍ରାମରେ ସ୍କୁଲ ନଥିବାରୁ ଦୀର୍ଘ ୩ କି.ମି ଚାଲି ପାଖ ଗାଁ ସ୍କୁଲକୁ ଯିବାକୁ ପଡୁଛି ଯାହା ଛୋଟ ଛୋଟ ପିଲାମାନଙ୍କ କ୍ଷେତ୍ରରେ କାଠିକର ପାଠ ହୋଇ ପଡୁଛି। ଯେଉଁଥି ପାଇଁ ଅଧିକାଂଶ ପିଲା ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମବାସୀ ଆବାସ ଯୋଜନାରୁ ମଧ ବଞ୍ଚିତ ଅଛନ୍ତି। ଯାହାଫଳରେ ଭଙ୍ଗା ଦଦରା ଘରେ ଜୀବନ କାଟୁଥିବା ଦୃଶ୍ୟ ମଧ ଦେଖିବାକୁ ମିଳିଛି। ଝଡ଼ବର୍ଷା ଆସିଲେ ଭଗବାନ ହିଁ ଭରସା ହୋଇଥାନ୍ତି। ଉକ୍ତ ଗ୍ରାମର ଦଶରଥ ଦେହୁରୀ ତାଙ୍କ ସ୍ତ୍ରୀ ଏବଂ ନବଜାତ ଶିଶୁ ସହିତ ସରକାରୀ ପାଇଖାନାରେ ବାସ କରୁଥିବା ଦେଖିବାକୁ ମିଳିଛି। କିଛି ଲୋକଙ୍କ ଆବାସ ଯୋଜନା କାର୍ଯ୍ୟ ଦୀର୍ଘଦିନ ଧରି ଅଧାରେ ଅଟକିଛି। ଗାଁରେ ଥିବା କିଛି ବୃଦ୍ଧା ସରକାରୀ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଅଛନ୍ତି। ଏଭଳି ଅଧିକାଂଶ ସମସ୍ୟା ଦୈନନ୍ଦିନ ନ ଜୀବନ ଶୈଳୀରେ ଗ୍ରାମବାସୀଙ୍କୁ ତଳିତଳାନ୍ତ କରିଛି। ଏ ନେଇ ସ୍ଥାନୀୟ ପ୍ରଶାସନକୁ ଗ୍ରାମବାସୀ ଅଭିଯୋଗ କରିବା ସତ୍ତ୍ୱେ କୌଣସି ପ୍ରକାର ସୁଫଳ ମିଳୁନାହିଁ। ତେବେ ସ୍ୱାଧୀନତାର ୭୫ ବର୍ଷ ପରେ ଗ୍ରାମବାସୀ ଏଭଳି ଅଭିଶପ୍ତ ଜୀବନ ବିତାଇବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।



## କଷ୍ଟ ପୂରିଲା, ସରିଲାନି ଓଡ଼ିଆ ବିଶ୍ୱବିଦ୍ୟାଳୟ କାମ



ସାକ୍ଷୀଗୋପାଳ : ଜୁନ୍ ୭ ତାରିଖରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଉଦ୍ ?ଘାଟନ କରାଯିବ ବୋଲି ତତ୍କାଳୀନ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ। ମାତ୍ର, ଆଜିସୁଦ୍ଧା ପ୍ରାୟ ୬୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାମ ନ ସରିବାରୁ ଆଜି ପୁରୁଣା ସୂଚନା ଫଳକଟିକୁ ହଟାଇ ଦିଆଯାଇଛି। ସମୟ ସୀମା ବୃଦ୍ଧି ସମ୍ପର୍କିତ ଏକ ନୂତନ ସୂଚନା ଫଳକ ସେଠାରେ ଲଗାଯାଇଛି।ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ୩୦ ଲକ୍ଷ ୩କ୍ଟ ହଜାର ୩ ଶହ ୩ ଟଙ୍କାର ବ୍ୟୟବରାଦ କରିଥିଲେ। ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରିବାପାଇଁ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍ ?ଷ୍ଟ୍ରକ୍ସନ କର୍ପୋରେସନ(ଓବିସିସି)କୁ ଦାୟିତ୍ୱ ଦେଇଥିଲେ। ଓବିସିସି ଅଧୀନରେ ଭୁବନେଶ୍ୱରର ଏକ କମ୍ପାନି ଏହାର ନିର୍ମାଣ କାର୍ଯ୍ୟ କରୁଛି। ୨୦୨୧ ଡିସେମ୍ବର ୮ରୁ ଏହାର କାମ ଆରମ୍ଭ ହୋଇଥିଲା। ମାତ୍ର, ନିର୍ଦ୍ଧାରିତ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଫଳରେ, ନୂତନ ସମୟ ସୀମା ନିର୍ଦ୍ଧାରଣ ହୋଇଛି। ଏହାକୁ ସ୍ପଷ୍ଟଭାବେ ଜନସାଧାରଣଙ୍କ ଅବଗତି ନିମନ୍ତେ ପୁରୁଣା ସୂଚନାଫଳକ ହଟେଇ ଦେଇ ଏକ ନୂଆ ଫଳକ ଲଗେଇଛନ୍ତି। ଯେଉଁଥିରେ ପ୍ରକଳ୍ପର ସମାପ୍ତି ଅବଧି ୩୧-୦୮-୨୦୨୩ ଉଲ୍ଲେଖ ରହିଥିବା ବେଳେ ଓବିସିସିର ଭାରପ୍ରାପ୍ତ ଯନ୍ତ୍ରୀ ଇଂ. ଗିରିଜା ଶଙ୍କର ନାୟକ ଓ ଆଚାର୍ଯ୍ୟ ବ୍ରଦର୍ସ କନଷ୍ଟ୍ରକ୍ସନ ପ୍ରା ଲିମିଟେଡ୍ ?ର ଇଂ ଅଭିଷେକ ତ୍ରିପାଠୀଙ୍କ ନାମ ଉଲ୍ଲେଖ ରହିଛି। ଅନ୍ୟପଟେ ଆଡମିନିଷ୍ଟ୍ରେସନ୍ ? ବ୍ଲକ୍ ?, ଛାତ୍ରାବାସ, ସ୍କଲା ? ହଷ୍ଟେଲ, ସ୍କୁଲ ଅଫ୍ ଲର୍ଣ୍ଣିଂ, ଲାଇବ୍ରେରି ଆଦି ବିଲ୍ଡିଂର ଛାତ ପଡ଼ି ପ୍ଲାଷ୍ଟ ? ଓ ରଙ୍ଗ କାର୍ଯ୍ୟ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ଚାରିପଟ ପାଚେରି ନିର୍ମାଣ ହେଉଥିବା ବେଳେ ରଙ୍ଗ କାମ, ଜଳଯୋଗାଣ, ବିଦ୍ୟୁତ ସଂଯୋଗ ବାକି ରହିଛି।



# ୨ ଶହ ପରିବାରକୁ ଗୋଟିଏ ନଳକୂଅ



କେନ୍ଦ୍ରାପଡ଼ା : ୨୦୦ ପରିବାରକୁ ଅଛି ମାତ୍ର ଗୋଟିଏ ଟ୍ୟୁବୱେଲ। ବିଡିଓ କହୁଛନ୍ତି, ସମସ୍ୟାର ସମାଧାନ ହେବ ଖୁବଶୀଘ୍ର। ଲାଇନ୍‌ରେ ଛିଡା ହୋଇଛନ୍ତି ଶହଶହ ମହିଳା। ପ୍ରବଳ ଗୁଳୁଗୁଳି...ଅସହ୍ୟ ତାତି...ହେଲେ ଏହାକୁ ଖାତିର ନକରି ଗାଁ ନଳକୂଅ ପାଖରେ ଲାଇନ୍‌ରେ ଛିଡା ହୋଇଛନ୍ତି ଲୋକେ । କାରଣ ଗାଁରେ ଥିବା ଗୋଟିଏ ଟ୍ୟୁବୱେଲକୁ ଛାଡିଲେ ଆଉ କିଛି ନାହିଁ। ପାଣି ପିଇବ ଯଦି ସେଇଠି ଲାଇନ୍ କରିବାକୁ ବାଧ। ଏମିତି ଦୃଶ୍ୟ ଦେଖିବା ପରେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବ କି ସରକାରଙ୍କ ବସୁଧା ଯୋଜନା ଗଲା କୁଆଡ଼େ? ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଜଳକଷ୍ଟ..ଜନଜୀବନ ଅସ୍ତବ୍ୟସ୍ତ । ପାଣି ଟୋପାଏ ପାଇଁ ଏମିତି ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି ଲୋକେ । ସକାଳ ହେବା ମାତ୍ରେ ନଳକୂଅ ସାମ୍ନାରେ ଲାଗୁଛି ଲମ୍ବା ଲାଇନ । କେନ୍ଦ୍ରାପଡା ଆଳି ବ୍ଲକ ଅନ୍ତର୍ଗତ ପେଡପଡ଼ା ପଞ୍ଚାୟତରେ ପାଣି ସମସ୍ୟା ଉତ୍କଟ । ପଂଚାୟତର ୬ ନମ୍ବର ଓ ୭ ନମ୍ବର ୱାର୍ଡରେ ରହିଛି ମାତ୍ର ୩ଟି ନଳକୂଅ । ଆଉ ସେହି ତିନୋଟି ନଳକୂଅ ଉପରେ ୨୦୦ ପରିବାର ନିର୍ଭରଶୀଳ । କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ କି, ତିନୋଟି ନଳକୂଅ ମଧ୍ୟରୁ ଦୁଇଟି ଇତି ମଧ୍ୟରେ ଅଚଳ ହେଲାଣି । ବର୍ତ୍ତମାନ ଗୋଟିଏ ଟ୍ୟୁବୱେଲ ଉପରେ ୨୦୦ରୁ ଅଧିକ ପରିବାର ନିର୍ଭରଶୀଳ । ଥରେ ଚିନ୍ତା କରନ୍ତୁ ଯଦି ଗୋଟିଏ ଟ୍ୟୁବୱେଲ ଉପରେ ଏତେ ମାତ୍ରାରେ ଲୋକେ ନିର୍ଭର କରିବେ ତେବେ ପାଣି ନେବାକୁ କେତେ ସମୟ ଲାଗୁଥିବ? ପାଣି ସମସ୍ୟା ଉତ୍କଟ ହେବାରୁ ଏନେଇ ସରପଂଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯିବା ପରେ ବି ଫଳ ଶୂନ୍? । ଯାହାକୁ ନେଇ ତେଜିବାର ଲାଗିଲାଣି ଅସନ୍ତୋଷ । ସେପଟେ ପୂରା ଘଟଣା ସମ୍ପର୍କରେ ବିଡିଓ ଅବଗତ ହେବା ପରେ କହିଛନ୍ତି ଖୁବଶୀଘ୍ର ସମସ୍ୟାର ହେବ ସମାଧାନ । ଖରାଦିନେ କେମିତି ଜଳକଷ୍ଟର ଶିକାର ନହେବେ ଲୋକେ, ସେଇଥି ଲାଗି ମାଳମାଳ ଯୋଜନା କରୁଛନ୍ତି ରାଜ୍ୟ ସରକାର । ହେଲେ ପ୍ରକୃତରେ ଯୋଜନାର ବାସ୍ତବତା କେତେ ତାହା ଆଳି ଘଟଣାରୁ ସ୍ପଷ୍ଟ ।

# ବସ୍ ଧକ୍କାରେ ନାବାଳକର ମୃତ୍ୟୁ




ମୟୂରଭଞ୍ଜ (ହି.ସ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଇକରୁ ଛିଟିକି ପଡ଼ି ବସ ଚାପାରେ ଚାଲିଗଲା ଝାଡ଼ଖଣ୍ଡର ୧୭ ବର୍ଷୀୟ ନାବାଳକଙ୍କ ଜୀବନ । ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ବଡ଼ସର ଥାନା ଅଧୀନ ବେଣାଶୁଳି ଅଞ୍ଚଳର ବୁକାଇ ମୁର୍ମୁଙ୍କ ପୁଅ ସୁନୀଲ(୧୭) ଓ ମଙ୍ଗଲ ମୁର୍ମୁଙ୍କ ପୁଅ ଚୁନୁ(୧୬) ବାଲେଶ୍ୱର ଜିଲ୍ଲା ସୋର ସ୍ଥିତ ଏକ ଚାଉଳ ମିଲରେ କାମ କରନ୍ତି । ଆଜି ଦୁହେଁ ସାଙ୍ଗ ହୋଇ ନିଜ ଘରକୁ ଯାଉଥିବା ସମୟରେ ବାଲେଶ୍ୱର ଠାରୁ ଏକ ଚାଳକଙ୍କୁ ଲିଫ୍ଟ ମାଗିକରି ତା ସହିତ ଗୋଟିଏ ବାଇକରେ ୩ ଜଣ ବସି ବାରିପଦା ଅଭିମୁଖେ ଯାଉଥିଲେ । ହେଲେ ଦୁର୍ଭାଗ୍ୟବଶତଃ ପଦ୍ମନାଭପୁର ଟୋଲ ଗେଟ୍ ଅତିକ୍ରମ କରିବାପରେ ବାଇକ ସାମ୍ନାକୁ ହଠାତ ଏକ ସ୍କର୍ପିଓ ଚାଲି ଆସିଥିଲା । ବାଇକ ଚାଳକ ଭାରସାମ୍ୟ ହରାଇ ସ୍କର୍ପିଓ ପଛପଟେ ଶକ୍ତ ଧକ୍କା ଦେଇ ତଳେ ପଡ଼ିଯାଇଥିଲା । ପରେ ବାଇକ ଚାଳକ୍ ଓ ମଝିରେ ବସିଥିବା ଚୁନୁ ବାମ ପାର୍ଶ୍ୱକୁ ଛିଟିକି ପଡ଼ିଥିବାବେଳେ ସୁନୀଲ ଦକ୍ଷିଣ ପାର୍ଶ୍ୱକୁ ଛିଟିକି ପଡ଼ିଥିଲା। ଠିକ୍ ସେହି ସମୟରେ ପଛପଟୁ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବାସୁଦେବ ବସ୍ ଚକ ତଳେ ସୁନୀଲ ପଡ଼ିଯାଇଥିଲା । ସୁନୀଲର ଅଣ୍ଟା ଉପର ଦେଇ ବସ ଚକ ଚାଲିଯାଇଥିବାବେଳେ ଘଟଣାସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା । ହେଲେ ବାଇକ ଚାଳକ ଘଟଣାସ୍ଥଳରୁ ସଙ୍ଗେ ସଙ୍ଗେ ଚମ୍ପଟ ମାରିଥିଲା ।ସୁନୀଲର ଶବ ରାସ୍ତା ଉପରେ ପଡ଼ିଥିବା ତଥା ଦୁର୍ଘଟଣା ପାଇଁ ରାସ୍ତା ଉପରେ ସ୍ଥାନୀୟ ଲୋକ ରୁଣ୍ଡ ହୋଇଯିବା ଯୋଗୁଁ କିଛି ସମୟ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ବୈଶିଙ୍ଗା ଏସଆଇ ସୁମନ୍ତ ସେଠୀ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତକଙ୍କ ଶବକୁ ରାସ୍ତା ଉପରୁ ଉଠାଇବା ସହିତ ଆହତ ଚୁନୁକୁ ବୈଶିଙ୍ଗା ଡାକ୍ତରଖାନା ନେଇଯାଇଥିଲେ । ଦୁର୍ଘଟଣାରେ ସମ୍ପୃକ୍ତ ସ୍କର୍ପିଓ ଓ ବାସୁଦେବ ବସ ଆସି ବୈଶିଙ୍ଗା ଥାନାରେ ଆତ୍ମସମର୍ପଣ କରିଛନ୍ତି ।

# ପେଟ୍ରୋଲ ପମ୍ପରୁ ଚାଲାଣବେଳେ ଡିଜେଲ ପେଟ୍ରୋଲ ଜବତ

ଖପ୍ରାଖୋଲ, ( ପିପିଏସ) : ବଲାଙ୍ଗୀର ଜିଲ୍ଲା ସଦର ଖପ୍ରାଖୋଲ ଠାରେ ରବିବାର ବେଆଇନ ଭାବେ ଡିଜେଲ ଓ ପେଟ୍ରୋଲ ଚାଲାଣ ହେଉଥିବା ଗୋଟିଏ ଛତିଶଗଡ ନମ୍ବର ଥିବା ଏକ ଟ୍ରକ୍ ସହ ଡିଜେଲ ଓ ପେଟ୍ରୋଲକୁ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ଜବତ କରିଛନ୍ତି । ସୂଚନା ଅନୁସାରେ ରବିବାର ସକାଳ ପ୍ରାୟ ୧୦ ଟା ସମୟରେ ଗୋଟିଏ ଟ୍ରକ (ସିଜି ୪ଏନଜେଡ ୭୭୨୨)ରେ ୬୦ ଲିଟର ବିଶିଷ୍ଟ ୮୦ଗୋଟି ପ୍ଲାଷ୍ଟିକ ଜାର୍‌ରେ ୪୦ ଟି ପେଟ୍ରୋଲ ଏବଂ ୪୦ଟି ଡିଜେଲ ବେଆଇନ ଭାବେ



ଖପ୍ରାଖୋଲଠାରେ ଥିବା ଭୁଦେବ ଫୁୟଲସ( ଭାରତ ପେଟ୍ରୋଲିୟମ ) ଠାରୁ ଲୋଡ୍ ହୋଇ ବିଭିନ୍ନ ପେଟ୍ରୋଲ ଡିଜେଲ ବିକୁଥିବା ଦୋକାନମାନଙ୍କୁ ହୋମ ଡେଲିଭେରୀ ଦେବାପାଇଁ ଯାଉଥିଲା । ତେବେ ଏ ସମ୍ପର୍କରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ କୁମାର ବାର୍ଲା ଖପ୍ରାଖୋଲ ପଶୁଚିକିତ୍ସାଳୟ ନିକଟସ୍ଥ ମେନରୋଡ଼ ଉପରେ ଚଢ଼ଉ କରି ଟ୍ରକକୁ ଜବତ କରିଥିବା ଜଣାପାଇଛି । ଟ୍ରକ ସହ ଡିଜେଲ ପେଟ୍ରୋଲକୁ ଜବତ କରି ବ୍ଲକ କାର୍ଯ୍ୟାଳୟ କୁ ଆଣିଥିବା ବେଳେ ଡିଜେଲର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ୍ୟ ଟଙ୍କା ହେବ ବୋଲି ଜଣାପଡ଼ିଛି । ତେବେ ଏତେ ପରିମାଣରେ ଜ୍ୱଳନଶୀଳ ପଦାର୍ଥ କୁ ବିନା କୌଣସି ସୁରକ୍ଷାରେ ଗୋଟିଏ ଟ୍ରକରେ ଭର୍ତ୍ତି କରି ଗାଁ ଗାଁକୁ ଯାଉଥିବାବେଳେ ଯଦି କୌଣସି ଅଘଟଣ ଘଟେ ତାହେଲେ ଦାୟୀ କିଏ ହେବ ବୋଲି ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏନେଇ ଯୋଗାଣ ନିରୀକ୍ଷକ ଶ୍ରୀ ବାର୍ଲାଙ୍କୁ ପଚାରିବାରୁ ଅଧିକ ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି ।

# ଜାତୀୟ ପତାକା ଅର୍ଦ୍ଧନମିତ କରାଗଲା

ଜୟପୁର, (ହି.ସ.): ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଥିବା ବିରାଟ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି । ଗତକାଲି ବାଲେଶ୍ୱରର ବାହାନଗା ଠାରେ ଭୟଙ୍କର ରେଳ ଦୁର୍ଘଟଣାରେ ଅଦ୍ୟାବଧି ୨୬୧ ଜଣଙ୍କ ମୃତ୍ୟୁ ଘଟିଛି । ୯ ଶହରୁ ଊର୍ଦ୍ଧ୍ୱ ଆହାତ ହୋଇଛନ୍ତି । ଏନେଇ ରାଷ୍ଟ୍ରିୟ ଶୋକ ଘୋଷଣା କରାଯାଇଛି । ଏନେଇ ଜାତୀୟ ପତକାକୁ ଆଜି ଅର୍ଦ୍ଧନମିତ କରାଯାଇଛି । ଏଥିପାଇଁ କୌଣସି ସରକାରି ଉତ୍ସବ ପାଳନ ନ କରିବାକୁ ନିର୍ଦ୍ଦେଶ ଆସିଛି । ଏନେଇ ଆଜି ଜୟପୁରରେ ଲାଗିଥିବା ବିରାଟ ଜାତୀୟ ପତକାକୁ ଅର୍ଦ୍ଧନମିତ କରାଯାଇଛି । ଦିନିକିଆ ଶୋକ ପାଳନ ଅବସରରେ ଜାତୀୟ ପତକାକୁ ଅର୍ଦ୍ଧନମିତ କରାଯାଇଥିବା ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଆର୍‌ଏସ୍‌ପିରେ ଉତ୍କୋଚ ବିରୋଧୀ ପରିଚାଳନା ବ୍ୟବସ୍ଥା ଉପରେ ତାଲିମ କାର୍ଯ୍ୟକ୍ରମ



ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନାର ଭିଡିଓ କନଫରେନ୍ସ ହଲଠାରେ ମଇ ୨୯ ଓ ୩୦ ତାରିଖରେ ଆଇଏସ/ଆଇଏସଓ ୩୭୦୦୧ : ୨୦୧୬ ଅନୁଯାୟୀ ଉତ୍କୋଚ ବିରୋଧୀ ପରିଚାଳନା ସିଷ୍ଟମ (ଏବିଏମଏସ) ଉପରେ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ କାରଖାନାର ବିଭିନ୍ନ ବିଭାଗରୁ ୨୪ ଜଣ ଆଭ୍ୟନ୍ତରୀଣ ସମ୍ବଳ କାର୍ମିକ (ଆଇଆରପି) ଯୋଗ ଦେଇଥିଲେ । ଭିଡିଓ କନଫରେନ୍ସିଂ ଜରିଆରେ ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିବା କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ଶତପଥୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଏହି ଅବସରରେ ଭିଜିଲାନ୍ସ ବିଭାଗର ସିଜିଏମ ଏମ କେ ଗୁପ୍ତା, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଉକ୍ତ ଅନ୍ ଲାଇନ୍ ତାଲିମ କାର୍ଯ୍ୟକ୍ରମ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରେନିଂ ଫର୍ ଷ୍ଟାଣ୍ଡାର୍ଡାଇଜେସନ୍ (ଏନଆଇଟିଏସ), ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ) ଦ୍ୱାରା ସମ୍ପନ୍ନ କରାଯାଇଥିଲା । ଶ୍ରୀ ଶତପଥୀ ତାଙ୍କ ଉଦବୋଧନରେ ସାଧୁତା ଏବଂ ନୈତିକତାର ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ଏବିଏମଏସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ କହିଥିଲେ ଯେ ଏହି ବ୍ୟବସ୍ଥା ନା କେବଳ ଦୁର୍ନୀତି ରୋକିବ ତଥା ପ୍ରତିଷ୍ଠାର ଭାବମୂର୍ତ୍ତି ସୁରକ୍ଷିତ କରିବାରେ ସହାୟକ ହେବ, ବରଂ ଆଇନଗତ ତଥା ବୈଧାନିକ ନିୟାମକ ଆବଶ୍ୟକତା ପାଳନରେ ମଧ ସହାୟକ ହେବ । ଆରଏସପିରେ ଆଇଏସ/ଆଇଏସଓ ୩୭୦୦୧: ୨୦୧୬ର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ରୂପେ ଭାଗ ନେବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ଗୁପ୍ତା ତାଙ୍କ ବକ୍ତବ୍ୟରେ ଆରଏସପିରେ ବିଦ୍ୟମାନ ବ୍ୟବସ୍ଥାକୁ କିପରି ଅଧିକ ମଜବୁତ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏନଆଇଟିଏସ, ବିଆଇଏସର ମୁଖ୍ୟ ଏ ଚାଟାର୍ଜୀ ଏବିଏମଏସ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ଏବଂ ସମସ୍ତ ୟୁନିଟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ ପାଇଁ ସେଲର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଅନ୍ୟ ରାଷ୍ଟ୍ରାୟତ ଉଦ୍ୟୋଗଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବିଆଇଏସ ନୂଆଦିଲ୍ଲୀର ବୈଜ୍ଞାନିକ ଏବଂ ସାର୍ଟିଫିକେଟ୍, ସର୍ଭିଲାନ୍ସ ଆଣ୍ଡ ମନିଟରିଂ ବିଭାଗ ମୁଖ୍ୟ ଆର କେ ଜୈନ, ଏ କେ ପୁରୋହିତ, ବୈଜ୍ଞାନିକ ଏବଂ କୋଲକାତା ଶାଖା କାର୍ଯ୍ୟାଳୟ ମୁଖ୍ୟ ଏ କେ ପୁରୋହିତ, ବିଆଇଏସ ଦିଲ୍ଲୀ ଶାଖା କାର୍ଯ୍ୟାଳୟ ମୁଖ୍ୟ ଚିନ୍ମୟ ଦ୍ୱିବେଦୀ ତଥା ବିଆଇଏସ୍ ହିମାଚଳ ପ୍ରଦେଶ ଶାଖା କାର୍ଯ୍ୟାଳୟର ବୈଜ୍ଞାନିକ ଏବଂ ନିର୍ଦ୍ଦେଶକ ଶ୍ରୀ ବିଜୟଭୀରନ୍ ଏବିଏମ୍ଏସ୍ ର ବିଭିନ୍ନ ଦିଗ ଏବଂ ସଂରଚନା ଉପରେ ଆଲୋଚନା କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଭିଜିଲେନ୍ସ ବିଭାଗର ମ୍ୟାନେଜର ଏମ କେ ସିଂହ ସାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ଜିଏମ୍ ସୌମିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମକୁ ଆରଏସପିର ଭିଜିଲାନ୍ସ ବିଭାଗ ପରିଚାଳନା କରିଥିଲା । ଉଲ୍ଲେଖଯୋଗ୍ୟ ଯେ, ଆଇଏସ/ଆଇଏସଓ ୩୭୦୦୧: ୨୦୧୬ ଉତ୍କୋଚ ବିରୋଧୀ ପରିଚାଳନା ବ୍ୟବସ୍ଥା ପାଇଁ ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ । ଉତ୍କୋଚକୁ ରୋକିବା, ଏହାର ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରିବା ଏବଂ ଲାଞ୍ଚ ବିରୋଧୀ ଆଇନ ଏବଂ ନିୟମାବଳୀକୁ ପାଳନ କରିବା ପାଇଁ ଏହା ପ୍ରଭାବଶାଳୀ ପଦକ୍ଷେପ ଏବଂ ନିୟନ୍ତ୍ରଣ କାର୍ଯ୍ୟକାରୀ କରିବା ପାଇଁ ସଂଗଠନଗୁଡିକ ପାଇଁ ନିର୍ଦ୍ଦେଶାବଳୀ ଏବଂ ପ୍ରୟୋଜନତା ସାରଣୀ ପ୍ରଦାନ କରିଥାଏ ।

# ବିଶ୍ୱ ବାଇ ସାଇକେଲ ଦିବସ ପାଳିତ




ରାଉରକେଲା(ପିପିଏସ): ବିଶ୍ୱ ବାଇସାଇକେଲ ଦିବସ ପାଳନ ଅବସରରେ ପୁରୀ ଜିଲ୍ଲା ସାଇକ୍ଲିଂ ଆସୋସିଏସନ୍ ତରଫରୁ ସେକ୍ଟର-୧୩ ଦୁର୍ଗାପୂଜା ପଡିଆ ଠାରେ ବିଶ୍ୱ ବାଇସାଇକେଲ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ସବ୍ୟସାଚୀ ଦାସଙ୍କ ଆବାହକତ୍ୱ ତଥା ସମ୍ମାନିତ ଅତିଥି କବି କୁଞ୍ଜବିହାରୀ ରାଉତଙ୍କ ସଭାପତିତ୍ୱ ଓ ମଂଚ ସଂଯୋଜନାରେ ଜାତୀୟ ସାଇକ୍ଲିଷ୍ଟ ଖେଳାଳୀ ସୁବାସ ଚନ୍ଦ୍ର ଦାସ,ଆନ୍ତର୍ଜାତିକ ହକି ଖେଳାଳି ପିଟର ତିର୍କୀ, ଜାତୀୟ ମହିଳା କ୍ରିକେଟ ଖେଳାଳି ତଥା ରାଜ୍ୟ ଚୟନକାରୀ ସଦସ୍ୟା ସସ୍ମିତା ପଟ୍ଟନାୟକ ଓ ଜାତୀୟ ଆଥଲେଟିକ ବଳରାମ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଶ୍ୱ ବାଇସାଇକେଲ ଦିବସ ପାଳନ ସଂପର୍କରେ ଆଲୋଚନା କରି କହିଲେ ଯେ ସାଇକେଲ ଚାଳନା ମଣିଷ ଜୀବନରେ ଅତି ଉପାଦେୟ ସାବ୍ୟସ୍ତ ହୋଇଛି । ସାଇକେଲ ଚାଳନା ଦ୍ୱାରା ଶାରିରୀକ ଓ ମାନସିକ ସୁସ୍ଥତା ସହ ପ୍ରଦୂଷଣରୁ ରକ୍ଷା ମିଳିଥାଏ । ସୂଚନା ଯୋଗ୍ୟ ଯେ ୨୦୧୮ ମସିହାର ଜୁନ ୩ ତାରିଖ ଦିନଠାରୁ ସାରାବିଶ୍ୱରେ ବିଶ୍ୱ ବାଇସାଇକେଲ ଦିବସ ପାଳିତ ହୋଇଆସୁଛି । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆରଏସପିର ସହ ପ୍ରବନ୍ଧକ ଅଜୟ ପୂଜାରୀ, ଅଧ୍ୟାପକ ବସନ୍ତ କୁମାର ଦାସ,ସୁଶାନ୍ତ ଦାଶ, ସସ୍ମିତା ପ୍ରଧାନ ତଥା ସହରର ବିଭିନ୍ନ ଅନୁଷ୍ଠାନ ନୀଲମ ଫାଉଣ୍ଡେସନ,ପ୍ରୟାସ,ଦହିମୁନିଟି ଫାଉଣ୍ଡେସନ, ଏକତା ଗ୍ରୁପ, ମିରର ଫାଉଣ୍ଡେସନ,ଲେଡି ଲାୟନ ତରଫରୁ ଅଶୋକ ଦକ୍ଷିଣ ରାୟ, ବିଜୟ ସୁନ୍ଦରରାୟ, ପ୍ରତିମା ସାହୁ, ବନ୍ଦିତା ମହତୋ,ଗୌରୀ କୁମ୍ଭାର, କାମିନୀ ମହନ୍ତ, ଗ୍ରେସୀ ଡେଭିଡ,ଅମୂଲ୍ୟ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ କୋଚ ସୁଶୀଲ କୁମାର ଦାସ, ଅଲେଖ ବାରିକ, ଦେବଦତ୍ତ ଜେନା, ଲାଲା ସଂଜୟ ଦାସ, ପବିତ୍ର ଲେଙ୍କା,ଅରୁଣ ମହାପାତ୍ର, ଜନ୍ମଜୟ ରାଉତରାୟ, ପର୍ଶୁରାମ ଚୌଧୁରୀ, ସୁନନ୍ଦା ଦତ୍ତ, ପ୍ରତୀକ୍ଷା ପ୍ରଧାନ,ଆଲୋକ ପ୍ରଧାନ, ଅଞ୍ଜୁଶ୍ରୀ ଦାସ, ଶଶିଲତା କର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଖେଳାଳି ଯୋଗଦେଇଥିବା ବେଳେ ଶେଷରେ ମୁଖ୍ୟ ଆବାହକ ଶ୍ରୀଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବକାରୀ ଚଢଉ ୧୨ ଶହ ଲିଟର ପୋଚ ନଷ୍ଟ କରାଗଲା

ଜୟପୁର, (ହି.ସ.)- ଜୟପୁର ସଦର ଥାନା ଅନ୍ତର୍ଗତ କୁନ୍ତରଖାଲ ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ପ୍ରସ୍ତୁତ କରିବା ସହ ଏହାକୁ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ସେଠାରୁ ଚମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ୧୨ ଶହ ଲିଟର ପୋଚ ଜବତ କରାଯିବା ସହ ଏହାକୁ ନଷ୍ଟ କରାଯାଇଛି । ୮୦ ଲିଟର ଦେଶି ମଦ ଜବତ ହୋଇଛି । ଘଟଣାସ୍ଥଳରେ ବହୁ ମଦ ଭାଟି ଭାଙ୍ଗିବା ସହ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଆର୍‌ଏସ୍‌ପି ଦ୍ୱାରା ସମ୍ମାନଜନକ ଗ୍ରୀନ୍‌ଟେକ୍ ଗ୍ଲୋବାଲ୍ ୱାର୍କପ୍ଲେସ୍ ସୁରକ୍ଷା ପୁରସ୍କାର-୨୦୨୩ ହାସଲ



ରାଉରକେଲା(ପିପିଏସ୍): ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସମ୍ମାନଜନକ ଗ୍ରୀନ୍ ଟେକ୍ ଗ୍ଲୋବାଲ୍ ୱାର୍କପ୍ଲେସ୍ ସୁରକ୍ଷା -୨୦୨୩ ପୁରସ୍କାର ଲାଭ କରିଛି । କାରଖାନା ମଧରେ ଏକ ଆଦର୍ଶ ସୁରକ୍ଷା ପରିଚାଳନା ବ୍ୟବସ୍ଥା ଏବଂ ମଣିଷ ଓ ଯନ୍ତ୍ରପାତିର ସୁରକ୍ଷା ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ଆରଏସପିକୁ ଗ୍ରୀନଟେକ ଫାଉଣ୍ଡେସନ ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୩ମଇ ୩୦ ତାରିଖରେ ନୂଆଦିଲ୍ଲୀର ହୋଟେଲ ଲେ ମେରିଡିୟାନ ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଦିଲ୍ଲୀର ମେୟର ଡକ୍ଟର ଶେଲି ଓବରୋଇଙ୍କ ଠାରୁ ଆରଏସପିର ବିଇ ଏବଂ ଆଇଇଡ଼ି ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ,ସୁଶ୍ରୀ ଚୈତାଲୀ ଦାସ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ, ସୁଶ୍ରୀ ଆଶା କାର୍ତ୍ତା ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଆସାମର ପୂର୍ବତନ ଲେଫ୍ଟନାଣ୍ଟ ଗଭର୍ଣ୍ଣରର ଡକ୍ଟର ଜଗଦୀଶ ମୁଖୀ ଏବଂ ଗ୍ରୀଣ୍ଟେକ୍ ଫାଉଣ୍ଡେସନର ଚେୟାରମ୍ୟାନ୍ ତଥା ସିଇଓ କେ ଶରଣ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ରାଉରକେଲା ଇସ୍ପାତ କାରଖାନା ସୁରକ୍ଷା ସାଂସ୍କୃତିକ ରୂପାନ୍ତର ଆଣିବା ଏବଂ 'ଶୂନ୍ୟ ଦୁର୍ଘଟଣା'ର ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ବହୁମୁଖୀ ପଦକ୍ଷେପ 'ନିଶ୍ଚୟ' ଆରମ୍ଭ କରିଅଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଆରଏସପି ବିଶ୍ୱର ଖ୍ୟାତିସମ୍ପନ୍ନ ସୁରକ୍ଷା ପରିଚାଳନା ପରାମର୍ଶଦାତା ମେସର୍ସ ଏର୍ନଷ୍ଟ ଆଣ୍ଡ ୟଙ୍ଗ କୁ ମଧ ନିୟୋଜିତ କରିଅଛି । ରାଉରକେଲା ଇସ୍ପାତ କାରଖାନା ଏକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ନୀତି ଅନୁସରଣ କରେ ଯାହା ସଂପୂର୍ଣ୍ଣ ସୁରକ୍ଷା ପାଇଁ ରୂପରେଖକୁ ବ୍ୟାଖ୍ୟା କରୁଛି । ଆରଏସପିରେ ସୁରକ୍ଷା ପରିଚାଳନା ବ୍ୟବସ୍ଥା ୨୦୧୦ ମସିହାରୁ ଓହସାସ ୧୮୦୦୧ ସ୍ୱୀକୃତିପ୍ରାପ୍ତ ଅଟେ । ଇସ୍ପାତ କାରଖାନାର ସୁରକ୍ଷା କର୍ମିଟିଗୁଡିକ ସର୍ବୋଚ୍ଚରୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଅତ୍ୟନ୍ତ ସୁସଂଗଠିତ ଭାବରେ ଗଠିତ ହୋଇଛି ଏବଂ ପ୍ରତ୍ୟେକ ସ୍ତର ପାଇଁ ପର୍ଯ୍ୟାୟକ୍ରମେ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି । ଆଚରଣଗତ ସୁରକ୍ଷା ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ସୁରକ୍ଷାକୁ ଅଧିକ ସୁଦୃଢ଼ ଗଢିବା ପାଇଁ ମଧ ଆରଏସପି ଅନେକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରିଛି । ହୋର୍ଡିଂ, ଲିଫଲେଟ୍ ଏବଂ ଛାପା ଓ ସାମାଜିକ ଗଣମାଧ୍ୟମ ମାଧମରେ ବ୍ୟାପକ ସୁରକ୍ଷା ସଚେତନତା ଅଭିଯାନ ମଧ ଆୟୋଜିତ ହେଉଛି । ସଡକ ସୁରକ୍ଷାକୁ ପ୍ରାଥମିକତା ଦେଇ ଇସ୍ପାତ କାରଖାନା ଭିତରେ କର୍ମଚାରୀମାନଙ୍କୁ ସଡକ ନିରାପଦ ସନ୍ଦର୍ଭରେ ସଚେତନ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକାରୀ କରାଯାଉଛି । ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଯେକୌଣସି ଜରୁରୀକାଳୀନ ସ୍ଥିତି ନିମନ୍ତେ ପ୍ରସ୍ତୁତିକୁ ଫଳପ୍ରଦ ଗଢିବା ନିମନ୍ତେ ସମ୍ବେଦନଶୀଳ ତଥା ରଣନୀତିକ ସ୍ଥାନଗୁଡିକରେ ମକ୍ ଡ୍ରିଲ୍ ମଧ ଆୟୋଜନ କରୁଛି ।

# ବିଶ୍ୱ ବାଇ ସାଇକେଲ ଦିବସ

ଜୟପୁର, (ହି.ସ.)- ବିଶ୍ୱ ବାଇ ସାଇକେଲ ଦିବସ ଜୟପୁର ଠାରେ ପାଳିତ ହୋଇଛି । ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର ଜୟପୁର ଏଲଆର ତରଫରୁ ଏହି ଦିବସକୁ ପାଳନ କରାଯାଇଛି । ଜୟପୁର ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଦେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପହଂଚି ଥିଲା । ଏହି ଶୋଭାଯାତ୍ରାରେ ଆଶା, ସେବା ଗ୍ରୁପ ସହ ଆରୋଗ୍ୟ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରି ମାନେ ସାମିଲ ହୋଇ ସୁସ୍ଥ ରୁହ ସାଇକେଲ ଚାଲଅ ନାରା ଦେଇଥିଲେ । ଡାକ୍ତର ସୁନିଲ କୁମାର ପାଢୀ, ଡାକ୍ତର ସୁରେଶ କୁମାର ପାଣିଗ୍ରାହୀ ଏହି ଶୋଭାଯାତ୍ରାକୁ ଉଦଘାଟନ କରିଥିବା ବେଳେ ଲିଙ୍ଗରାଜ ପାଢୀ ଓ ପି. ସତ୍ୟ ନାରାୟଣ ପରିଚାଳନା କରିଥିଲେ ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ବଲାଙ୍ଗିର, (ହି.ସ.)- ଆଦର୍ଶ ଶିକ୍ଷକ କୁଳମଣି ମିଶ୍ର(୮୧)ଙ୍କ ବରଗଡ ସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତରାତି ପ୍ରାୟ ୮ଟା ୪୦ ମିନିଟ୍ରେ ପରଲୋକ ଘଟିଥିବା ତାଙ୍କ ଜ୍ୟେଷ୍ଠପୁତ୍ର ଅରୁଣ ମିଶ୍ର ସୂଚନା ଦେଇଛନ୍ତି । ସେ ଦୀର୍ଘ ଏକ ବର୍ଷ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ସ୍ୱର୍ଗତ କୁଳମଣି ମିଶ୍ର ମଣ୍ଡଳ ହାଇସ୍କୁଲ, ଧଣ୍ଡାମୁଣ୍ଡା ହାଇସ୍କୁଲ, ବଲାଙ୍ଗିର ଟାଉନ ହାଇସ୍କୁଲ, ବିଲେଇସର୍ଡା ହାଇସ୍କୁଲ, ସାଲେଭଟା ହାଇସ୍କୁଲ ତଥା ରକ୍ସିମୁଣ୍ଡା ହାଇସ୍କୁଲରେ ଶିକ୍ଷକତା କରି ସୁନାମ ଅର୍ଜନ କରିଥିଲେ । ରକ୍ସିମୁଣ୍ଡା ହାଇସ୍କୁଲରୁ ସେ ଅବସର ଗ୍ରହଣ କରିଥିବା ବେଳେ ତାଙ୍କ ଦେହାନ୍ତରେ ବଲାଙ୍ଗିର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ବଲାଙ୍ଗିର ସହର ନିକଟସ୍ଥ ଶଙ୍କରଭୋଜି ଗାଁର ମୂଳ ବାସିନ୍ଦା ତଥା ବଲାଙ୍ଗିର ସହରର ରେଡିଓ ଷ୍ଟେସନ୍ ନିକଟସ୍ଥ ରୋୟାଲ ଗ୍ରୀନ କମ୍ପ୍ଲେକ୍ସରେ ସେ ଏବେ ପରିବାର ସହ ରହୁଥିଲେ । ବଲାଙ୍ଗିର ପଥରଚେପା ସ୍ଥିତ ପଂଚବଟୀ ଉଦ୍ୟାନର ପ୍ରତିଷ୍ଠାତା ସ୍ୱର୍ଗତ କୁଳମଣି ମିଶ୍ର ଶତାଧିକ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢି ତୋଳିଥିବା ବେଳେ ତାଙ୍କ ଦେହାନ୍ତରେ ଛାତ୍ରଛାତ୍ରୀଙ୍କ ମହଲରେ ମଧ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ପାଖରେ ତାଙ୍କ ଜ୍ୟେଷ୍ଠପୁତ୍ର ସାମାଜିକ କର୍ମୀ ଅରୁଣ ମିଶ୍ର, ସି.ଏ. ଅଜିତ ମିଶ୍ର, ଅଶ୍ୱିନୀ ମିଶ୍ର, ଜ୍ୱାଇଁ ଲଳିତ ପ୍ରମୁଖ ଉପସ୍ଥିତ ଥିବା ଜଣାପଡିଛି ।

# ଆନ୍ତର୍ଜାତିକ ମହିଳା କ୍ରିକେଟ୍ ଟିମ୍‌ର ମ୍ୟାନେଜର ଭାବେ ନିଯୁକ୍ତ ହେଲେ ଫୁଲବାଣୀର କ୍ରୀଡା ସମୀକ୍ଷକ ଶିବପ୍ରସାଦ

କନ୍ଧମାଳ, (ହି.ସ.) : ଭାରତୀୟ କ୍ରିକେଟ ବୋର୍ଡ଼ ଦ୍ୱରା କନ୍ଧମାଳ ଜିଲ୍ଲା ସଂଘ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଉଦୀୟମାନ ଭାରତୀୟ ମହିଳା କ୍ରିକେଟ ଦଳ ର ମ୍ୟାନେଜର ଭାବେ ନିଯୁକ୍ତ ହେଇଛନ୍ତି । ଆସନ୍ତା ଗୁରୁବାର ଦିନ ଉଦୀୟମାନ ଭାରତୀୟ ମହିଳା କ୍ରିକେଟ ଦଳ ହଂକଂ ଗସ୍ତ କରି ସେଠାରେ ଏସିଆ କପ ଚାମ୍ପିଅନସିପ ରେ ଭାଗନେବେ । ଉକ୍ତ ଚାମ୍ପିଅନସିପ ରେ ଭାରତ ସହ ଅନ୍ୟ ସାତଟି ଏସୀୟ ମହାଦେଶୀୟ ଦଳ ହଂକଂ, ବାଂଲାଦେଶ, ଥାଇଲାଣ୍ଡ , ପାକିସ୍ତାନ, ଶ୍ରୀଲଙ୍କା, ମାଲୟେସିଆ, ଇଉନାଇଟେଡ଼ ଆରବ ଇମିରାତରେ ଭାଗ ନେବେ । ଚାମ୍ପିଅନସିପ ୧୨ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ରେ ଫାଇନାଲ ଖେଳ ହେବ । ଶିବପ୍ରସାଦ ତ୍ରିପାଠୀ, ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପ୍ରଣବ ପ୍ରକାଶ ଦାସ , ସମ୍ପାଦକ ସଞ୍ଜୟ ବେହେରା ଓ ବିସିସିଆଇ କୁ ଧନ୍ୟବାଦ ଜଣାଇଛନ୍ତି । ସେ ଏହା ପୂର୍ବରୁ ଅନେକ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ ରେ ଭାରତୀୟ କ୍ରିକେଟ ବୋର୍ଡ଼ ଦ୍ୱାରା ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇ ଦକ୍ଷତା ର ସହିତ କାମ କରିଛନ୍ତି ।

# ବଲାଙ୍ଗୀର ଜିଲ୍ଲା ନାଗରିକ କଲ୍ୟାଣ ମହାସଂଘର ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର, ( ହି.ସ.): ବଲାଙ୍ଗିର ଜିଲ୍ଲା ନାଗରିକ କଲ୍ୟାଣ ମହାସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱ ଓ ସଭାପତି ପ୍ରଭାକର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଜିଲ୍ଲାର ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ତଥା ତାର ଆଶୁ ସମାଧାନ ପାଇଁ କଣ ପଦକ୍ଷେପ ନିଆଯିବା ଜରୁରୀ, ସେ ସଂପର୍କରେ ଉପସ୍ଥିତ ସଭ୍ୟମାନଙ୍କ ଠାରୁ ମତାମତ ଗ୍ରହଣ କରାଗଲା । ଏହି କ୍ରମରେ କାର୍ଯ୍ୟକାରୀ ସଭାପତି କପିଳେଶ୍ୱର ଖମାରୀ, ସହ-ସଂପାଦକ ଅଙ୍କୁଶ ପାଣ୍ଡିଆ, ସଭ୍ୟ ଶୁଭ୍ରାଂଶୁ ଶେଖର ପଟେଲ, ପ୍ରକୃତିମିତ୍ର ପୁରସ୍କାର ସମ୍ମାନିତ ସଭ୍ୟ ଦିଗାମ୍ବର ନାଏକ, ଉପଦେଷ୍ଟା ବାସୁଦେବ ମେହେର, ଡ. ପ୍ରମୋଦ କୁମାର ମିଶ୍ର, କୋଷାଧକ୍ଷ ଅଶୋକ ଚାନ୍ଦ, ସଭ୍ୟା ଶ୍ରାବଣୀ ମେହେର, ବିଷ୍ଣୁପ୍ରୀୟା ପାଣି, ମିସ୍ ଇଶିକା ଦାସ, ରୋଜିସ୍ମିତା ହୋତା, ସଭ୍ୟ ବିବେକା ନନ୍ଦ ପଟେଲ ପ୍ରମୁଖ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ସହ ସମସ୍ୟା ଗୁଡିକା ଉକ୍‌ଟତାକୁ ବର୍ଣ୍ଣନା କରି ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମହାସଂଘ ଏ ଦିଗରେ ସମୁଚିତ ପଦକ୍ଷେପ ନେବା ରେ ବଦ୍ଧ ପରିକର ହେବାକୁ ପରାମର୍ଶ ଦେଇଥିଲେ ଓ ଏଥି ପାଇଁ ସମସ୍ତ ସଭ୍ୟ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବୋଲି କହିଥିଲେ । ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ନିଜ ବିବୃତିରେ କହିଲେ ଯେ ପରୋପକାରୀ ନିକଟରେ ଯେଉଁ ଶ୍ରଦ୍ଧା, ଆତ୍ମୀୟତା, ଉତ୍ସାହ ଓ ନିଷ୍କପଟତା ଗୁଣ ଥାଏ ତାହା ସମଜର ମଙ୍ଗଳ ପାଇଁ ବିନିଯୋଗ ହୁଏ ଏବଂ ଏହି ଦୃଷ୍ଟିରୁ ବିଚାର କଲେ ଆଜି ଯୁବ ଶକ୍ତି ଓ ନାରୀ ଶକ୍ତି ଭିତରେ ବହୁ ଭାବରେ ଏହି ଗୁଣ ଗୁଡିକ ପରିଲକ୍ଷିତ ହେଉଛି । ତେଣୁ ସେମାନଙ୍କ ସହଯୋଗରେ ନାଗରିକ କଲ୍ୟାଣ ମହାସଂଘ ନିଶ୍ଚୟ ନିଜର ମହତ୍ୱର ଉଦ୍ଦେଶ୍ୟକୁ ସଫଳ କରିପାରିବ । ବୈଠକରେ ଉପସ୍ଥିତ ଥିଲେ ଶ୍ରୀତିକା ଅଗ୍ରୱାଲ, ସୁଷମା ବହିଦାର, ବୈଶାଳୀ ବହିଦାର, ବବିତା ନାଗ ଓ ସଂଘର ବହୁ ବରିଷ୍ଠ ସଭ୍ୟ । ଶେଷରେ ଅଙ୍କୁଶ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ ।

# ମାସିକ ମଜୁରୀ ବୃଦ୍ଧି ଓ କନ୍ୟା ବିବାହ ସହାୟତା, ଜିଏସ୍‌ଟି ପ୍ରତ୍ୟାହାର ଦାବି

## କେନ୍ଦୁପତ୍ର ତୋଳାଳୀ କର୍ମଚାରୀଙ୍କ ସମାବେଶ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କନ୍ଧମାଳ, (ହି.ସ.): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନ କ୍ରମେ ଆଜି ଫୁଲବାଣୀ ଡିଭିଜନ ପକ୍ଷରୁ ବିଶାଳ ଶୋଭାଯାତ୍ରାରେ ଫୁଲବାଣୀ କୋର୍ଟ ଛକରୁ ଜିଲ୍ଲାପାଳ କାର୍ଯ୍ୟାଳୟ ରେ ପହଂଚି ଜିଲ୍ଲା କେନ୍ଦୁପତ୍ର ତୋଳାଳୀ ସଂଘର ସଦସ୍ୟ ଓ ସଦସ୍ୟାମାନେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କୋର୍ଟ ଛକ ଠାରୁ ହଜାର ହଜାର କେନ୍ଦୁପତ୍ର ତୋଳାଳୀ ଏବଂ କର୍ମଚାରୀ ଶୋଭାଯାତ୍ରା ମାଧମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ କାର୍ଯ୍ୟାଳୟରେ ଶୋଭାଯାତ୍ରା ପହଂଚି ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଫୁଲବାଣୀ ଡିଭିଜନ ସମ୍ପାଦକ ସରୋଜ କର୍ଣ୍ଣ ଏହି ସଭାରେ ସଭାପତିତ୍ୱ କରି ବିଭିନ୍ନ ଦାବୀ ଉପସ୍ଥାପନା କରିଥିଲେ । ପ୍ରଦାନ କରାଯାଇଥିବା ଦାବିପତ୍ରରେ ଥିବା ବିଭିନ୍ନ ଦାବି ମଧ୍ୟରେ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ମାନେ ୨୦୧୪-୧୫ ମସିହାରେ ତଥା ପ୍ରୋତ୍ସାହନ ଏବଂ ସାମାଜିକ ନିରାପତା ମୂଳକ ବିଭିନ୍ନ ସହାୟତା ୨୦୨୨ ମସିହା ପର୍ଯ୍ୟନ୍ତ ପାଇ ଆସୁଥିଲେ ମଧ ଚଳିତ ବର୍ଷ ୨୦୨୨ ମସିହା କେନ୍ଦୁପତ୍ର ସଂସ୍ଥାର ଲାଭାଂଶ ବଂଟନବେଳେ ବୋନସ ଦେବାରେ ବ୍ୟତିକ୍ରମ କରାଯାଇ ସେମାନଙ୍କୁ ବୋନସ ଦିଆ ଯାଇନାହିଁ । ଏହା ଫଳରେ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକ ମାନେ ଅତିମାତ୍ରାରେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି । ଆର୍ଥିକ ସହାୟତା ନାମରେ ଦିଆଯାଇଥିବା ହଜାରେ ଟଙ୍କା ଏବଂ ପନ୍ଦର ଶହ ଟଙ୍କାକୁ ସରକାର ନିଜର ରାଜକୋଷରୁ ଦେଲେ ସଂଘ ତାକୁ ସ୍ୱାଗତ କରିବ କିନ୍ତୁ ବୋନସ ନଦେଇ କେନ୍ଦୁପତ୍ରର ଲାଭାଂଶରୁ ଆର୍ଥିକ ସହାୟତା ଦେବା ଯୋଗୁଁ ଲକ୍ଷ୍ୟ ଲକ୍ଷ୍ୟ ତୋଳାଳୀ ଏବଂ ଅଧିକାଂଶ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି । ଏହା ସହିତ କନ୍ୟା ବିବାହ ପାଇଁ ୫୦ ହଜାର ଟଙ୍କା ସାମାଜିକ ନିରାପତା ସହାୟତା, ଦୀର୍ଘ ୫ ବର୍ଷ ହେଲା ସିଜିନାଲ କର୍ମଚାରୀ ମାନଙ୍କ ମାସିକ ମଜୁରୀ ବୃଦ୍ଧି କରା ନ ଯିବା ଯୋଗୁଁ ହଜାର ହଜାର କର୍ମଚାରୀ ଆର୍ଥିକ ସଙ୍କଟରେ ଗତି କରୁଛନ୍ତି ।

ଏଣୁ ଅତିଶିଘ୍ର ସର୍ବନିମ୍ନ ମଜୁରୀ ଘୋଷଣା ପାଇଁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଛାତ୍ର ବୃତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧାପନ୍ତରିଆ ଭାବରେ ଅଛି, ଚୂଡାନ୍ତ ହୋଇ ପାରିନାହିଁ, ଏହାକୁ ଅତିଶୀଘ୍ର ଚୂଡାନ୍ତ କରିବା ପାଇଁ ମଧ ଦାବୀ ହୋଇଛି । ଥରେ ବୋନସ ଦେବା ବନ୍ଦ ହୋଇଗଲେ ଭବିଷ୍ୟତ ପାଇଁ ରହିବ ନାହିଁ । ଯାହାକି କେନ୍ଦୁପତ୍ର ଶ୍ରମିକର ହକ ଓ ଅଧିକାର । ଆମେ କେନ୍ଦୁପତ୍ର ତୋଳାଳୀ କର୍ମଚାରୀ ଦୟାର ପାତ୍ର ନ ହୋଇ ପୂର୍ବ ଅଧିକାରକୁ ସାବ୍ୟସ୍ତ କରିବା, ଏବଂ (କେଏଲଡିବି) ବୋର୍ଡର(ଯେଉଁ ବୋର୍ଡର ଅଧକ୍ଷ ମୁଖ୍ୟମନ୍ତ୍ରୀ ଅଛନ୍ତି) ମତାମତ ନନେଇ ଏକଚାଟିଆ ଭାବରେ ନିଆ ଯାଉଥିବା ବିଭିନ୍ନ ନିଷ୍ପତି ଓ ଘୋଷଣା ଶ୍ରମିକମାନଙ୍କ ହିତ ବିରୋଧରେ ଯାଉଥିବା ଯୋଗୁଁ ଏହାକୁ ବିରୋଧ କରିବା ସହ ତୁରନ୍ତ (କେଏଲଡିବି) ବୈଠକ ଆହ୍ୱାନ ସହ ସିଜିନାଲ୍ କର୍ମଚାରୀ ମାନଙ୍କ କାର୍ଯ୍ୟକାଳ ବୃଦ୍ଧି ଆଦି ଦାବି କରାଯାଇଛି । କେନ୍ଦୁପତ୍ର ଉପରେ ଲଗାଯାଇଥିବା ଜିଏସ୍‌ଟି ଉଚ୍ଛେଦ ସହ କେନ୍ଦୁପତ୍ର ସଂସ୍ଥାର ଘରୋଇକରଣ କରିବାରୁ ସରକାର ନିବୃତ ରହିବା ପାଇଁ ଦାବୀ ହୋଇଥିଲା । ସଂଘ ସମ୍ପାଦକ ତଥା କେନ୍ଦୁପତ୍ର ୱେଲଫେଆର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ତୋଳାଳୀ ଏବଂ କର୍ମଚାରୀଙ୍କ ଦାବିକୁ ନ୍ୟାର୍ଯ୍ୟ ଦାବୀ ବୋଲି କହିବା ସହ ସମସ୍ତ ଦାବୀ ପୂରଣ ପାଇଁ ସରକାରଙ୍କ ଠାରେ ଦୃଢତାର ସହିତ ଉତ୍‌ଥାପନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଡିଭିଜନ ସମ୍ପାଦକ ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସମାବେଶରେ ବହୁ ସଂଖ୍ୟାରେ ତୋଳାଳୀ, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଉପସ୍ଥିତ ରହିବା ସହ ରାଜ୍ୟ ଉପ ସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା, ପ୍ରତାପ ଶର୍ମା, ଦେବଜ୍ୟୋତି ପଟ୍ଟନାୟକ, ଲକ୍ଷ୍ମଣ ସାହୁ, କୀର୍ତନ ବେହେରା, ଦଶମୂଳ ମିଶ୍ର, ଅକ୍ଷୟ ପ୍ରଧାନ, ସଦାନନ୍ଦ କୁଅାଁର, ସରୋଜିନୀ କହଁର, ସଞ୍ଜୁକ୍ତା ରଣା, ଭାମା ଖମାରୀ ମାମିନା ବର୍ଗତି ପ୍ରମୁଖ ଉପସ୍ଥିତ ରହି ସମାବେଶର ନେତୃତ୍ୱ ନେଇଥିଲେ । ଏକ ପ୍ରତିନିଧି ଦଳ ଡିଏଫ୍‌ଓ କେନ୍ଦୁପତ୍ର ବିଭାଗଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି ।

# ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ଭୁବନେଶ୍ୱରରେ ଷ୍ଟେସନରେ ଭିଡ଼

**ଭୁବନେଶ୍ୱର (ପିପିଏସ୍):** ବାହାନଗାରେ ରେଳ ଦୁର୍ଘଟଣାର ସିଧାସଳଖ ପ୍ରଭାବ ଭୁବନେଶ୍ୱର ରେଳଷ୍ଟେସନ୍ ଉପରେ ପଡ଼ିଛି। ଟ୍ରେନ୍ ବାତିଲ ପାଇଁ ବାଲେଶ୍ୱର, ଭଦ୍ରକ ଏବଂ ଚେନ୍ନାଇ ଅଭିମୁଖେ ଯିବାକୁ ଥିବା ହଜାର ହଜାର ଯାତ୍ରୀ ରେଳ ଷ୍ଟେସନ୍‌ରେ ଫସି ରହିଥିଲେ। ଗତରାତିଠାରୁ ନିଜର ଗନ୍ତବ୍ୟସ୍ଥଳକୁ ଯିବାକୁ ଯାତ୍ରୀମାନେ ନାହିଁ ନଥିବା କଷ୍ଟ ସ୍ୱୀକାର କରିଥିଲେ। ପରିବାର ଓ ପିଲାଛୁଆଙ୍କୁ ଧରି ଆସିଥିବା ଲୋକେ ଅଧିକ ସମସ୍ୟାରେ ପଡ଼ିଥିଲେ। ଷ୍ଟେସନର ଟିଣ ଚାଦର ତଳେ ଅସହ୍ୟ ଗରମ ଗୁଳୁଗୁଳିରେ ଛଟପଟ ହୋଇଥିଲେ। ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ଖାଇବା, ପିଇବା ଓ ଶୌଚ ହେବାରେ ନାନା ସମସ୍ୟା ଭୋଗିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଚେନ୍ନାଇ ଅଭିମୁଖେ ଯିବାକୁ ଥିବା ଅନେକ ଯାତ୍ରୀ ରେଳ ଷ୍ଟେସନ୍‌ରେ ଅପେକ୍ଷା କରିଥିଲେ। କିନ୍ତୁ ବାଲେଶ୍ୱର ଅଭିମୁଖେ ଯିବାକୁ ଥିବା ଯାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତନ୍ତ୍ର ବସ୍ ଯୋଗେ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ଶୁକ୍ରବାର ଦୁର୍ଘଟଣା ପରେ ଭୁବନେଶ୍ୱର ଷ୍ଟେସନରେ ଫସି ରହିଥିବା



ଯାତ୍ରୀଙ୍କୁ ରେଳ ବିଭାଗ, ସାମାଜିକ ସଂଗଠନମାନଙ୍କ ପକ୍ଷରୁ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇଥିଲା। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତରାତିରେ ପର୍ଯ୍ୟାୟ କ୍ରମେ ୧୬ଟି ବସ୍‌ରେ ବାଲେଶ୍ୱର ଓ ଭଦ୍ରକ ଯାତ୍ରୀଙ୍କୁ ମାଗଣା ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ହାଇଦ୍ରାବାଦ, ଚେନ୍ନାଇରୁ ଆସୁଥିବା ଲୋକଙ୍କୁ ଆଉ ୪ଟି ବସ୍‌ରେ ଉକ୍ତ ରୁଟ୍‌ରେ ବସ୍‌କୁ ଛଡ଼ା ଯାଇଥିଲା। ଘଟଣାସ୍ଥଳରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ତଦାରଖ କରିଥିଲେ। ଅନ୍ୟପଟେ କରମଣ୍ଡଳ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ୧୯୦ ଯାତ୍ରୀ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ରେଳ ବିଭାଗ ପକ୍ଷରୁ ସେମାନଙ୍କୁ ଆଜି ସକାଳେ ଏକ ସତନ୍ତ୍ର ?ଟ୍ରେନ୍ ?ରେ ଚେନ୍ନାଇ ପଠାଯାଇଥିଲା। କିନ୍ତୁ ଏହାପରେ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଥିବା ଯାତ୍ରୀମାନେ ଏବେ ବି ଫସି ରହିଛନ୍ତି। ରବିବାର ସକାଳେ ଅପେକ୍ଷାରତ ଯାତ୍ରୀଙ୍କୁ ଚେନ୍ନାଇ ଅଭିମୁଖେ ପଠାଯିବ ବୋଲି ଜଣାପଡ଼ିଛି।

## ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ଦୀପଦାନ

**ଭୁବନେଶ୍ୱର (ପିପିଏସ୍):** ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ସଦ୍‌ଗତି କାମନା କରି ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା, ଦୀପଦାନ ଆଦି କାର୍ଯ୍ୟକ୍ରମ କରାଯାଇଛି।
ଏହି କ୍ରମରେ ସଚିବାଳୟ ସେବା ସଂଘ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ସଂଖ୍ୟାରେ ସଦସ୍ୟ ଯୋଗଦେଇ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହାସ ଦେବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।
**କଳ୍ପନା ଛକ ଟୋକା ସଂଘ:** ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତଙ୍କ ଆସୁ ଆରୋଗ୍ୟ କାମନା କରିଛି କଳ୍ପନା ଛକ




ଟୋକା ସଂଘ। ଶନିବାର କଳ୍ପନା ଛକରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘ ସଭାପତି ଧୀରେନ ରାଉତରାୟ କହିଛନ୍ତି ଯେ, ରେଳ ଦୁର୍ଘଟଣା ରେ ଯେଉଁ ବ୍ୟକ୍ତି ସଂଶ୍ଳିଷ୍ଟ ଅଛି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସଂଘ ର ପ୍ରତିଷ୍ଠାତା ବାପୁ ଓଝା ସମସ୍ତ ଆତ୍ମାର ସଦ୍‌ଗତି କାମନା କରିବା ସହ ଭାରତ ବର୍ଷର ଏହି ଲୋମହର୍ଷଣକାରୀ ଦୁର୍ଘଟଣାର ପୁନରାବୃତ୍ତି ଯେପରି ନହେବ ସେ ନେଇ ପଦକ୍ଷେପ ନିଆଯିବା ଉଚିତ୍ ବୋଲି କହିଛନ୍ତି। ଏହି ସଭାରେ ସଙ୍ଘର ଉପସଭାପତି ପବିତ୍ର ଗଜେନ୍ଦ୍ର, ସମାଜସେବୀ ସିପ୍ରା ଚକ୍ରବର୍ତ୍ତୀ, ଦୁଃଖିଆ ପାତ୍ର, ଭୁବନାନନ୍ଦ ସାମନ୍ତ, ସଞ୍ଜୟ ପରିଡ଼ା ପ୍ରମୁଖ ଶତାଧିକ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।
**ଜନମଙ୍ଗଳ ପରିଷଦ ପକ୍ଷରୁ ଦୀପଦାନ:** ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ମହାତ୍ମାଗାନ୍ଧୀ



ମାର୍ଗରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପରିଷଦର କର୍ମକର୍ତ୍ତା ସୁକାନ୍ତ ମହାନ୍ତି, ମନୋରଞ୍ଜନ ଦାଶ, ଅବିନାଶ ଦାସ, ଅସିତ୍ ଜେନା, ଦୀନବନ୍ଧୁ ଷଡଙ୍ଗୀ, ଜୟପ୍ରଦା ସାମନ୍ତରାୟ, ରଞ୍ଜନ କର, ସଞ୍ଜୟ ପରିଡ଼ା, ପ୍ରଶାନ୍ତ ମହାପାତ୍ର, ଅରୁଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।
**ଉତ୍କଳ ବିଶ୍ୱବିଦ୍ୟାଳୟ ବିସିଜେଡି:** ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ତରଫରୁ ମା' ସରସତୀଙ୍କ ନିକଟରେ ନିରବ ପ୍ରାର୍ଥନା କରିବା ସହ ସାମୁହିକ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପ ସଭାପତି ଅରୁପ ଶ୍ରୀଚନ୍ଦନ, ରାଜ୍ୟ ସମ୍ପାଦକ ରଶ୍ମି ରଞ୍ଜନ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ସୁଶ୍ରୀ ସିମରନ୍ ସିଂ ରାଜପୁତ, ବିଶ୍ୱ ବିଦ୍ୟାଳୟର ଛାତ୍ର ନେତା ସନ୍ତୋଷ ମାଝୀ, ରୁଦ୍ର ନାରାୟଣ ପଟ୍ଟନାୟକଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।
**କିନ୍ନରଙ୍କ ମହମବତୀ ଶୋଭାଯାତ୍ରା:** ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ସଦ୍‌ଗତି କାମନା କରି ତୃତୀୟଲିଙ୍ଗୀ ଉନ୍ନୟନ ପରିଷଦ ପକ୍ଷରୁ ଶୋକସଭା ଓ ଦୀପଦାନ କରାଯାଇଛି। ବରମୁଣ୍ଡା କାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସମ୍ପାଦିକା ରାଣୀ କିନ୍ନର, ସ୍ନେହାଶ୍ରୀ, ସଚ୍ଚିକାନ୍ତ ପ୍ରଧାନ, ଅଧକ୍ଷା ମେଘନା କିନ୍ନରଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ କିନ୍ନର ଯୋଗଦେଇ ଦୀପଦାନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ବରମୁଣ୍ଡାରୁ ଫାୟାରଷ୍ଟେସନ୍ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ, କିନ୍ନରମାନେଟ୍ରେନ୍ ଦୁର୍ଘଟଣା ସ୍ଥଳରେ ଉପସ୍ଥିତ ରହି ଶବ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ସହ ପୁଲିସ କର୍ମଚାରୀ, ଅଗ୍ନିଶମ କାର୍ମଚାରୀ, ଓଡ୍ରାଫ୍ କର୍ମଚାରୀଙ୍କୁ ଥଣ୍ଡାପାନୀୟ ବଣ୍ଟନ କରିଥିଲେ। କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରର ବିଭିନ୍ନ ହସ୍ପିଟାଲରେ ମଧ୍ୟ ସେମାନଙ୍କୁ ସହଯୋଗ କରୁଛନ୍ତି।
**ଶ୍ରୀଲିଙ୍ଗରାଜ ମନ୍ଦିର ସେବାୟତ:** ଶ୍ରୀଲିଙ୍ଗରାଜ ମନ୍ଦିର ସେବାୟତଙ୍କ ପକ୍ଷରୁ ଟ୍ରେନ୍




ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ଓ ନିରବ ପ୍ରାର୍ଥନା କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୀଲିଙ୍ଗରାଜ ମନ୍ଦିରର ସେବାୟତ ରାଜକିଶୋର ମହାପାତ୍ରଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସେବାୟତ ସାମିଲ୍ ହୋଇଥିଲେ।

## ଏମ୍ସ ଓ କ୍ୟାପିଟାଲ ହସ୍ପିଟାଲରେ ଆହତଙ୍କୁ ଭେଟିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର: କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଭୁବନେଶ୍ୱର ଏମ୍ସରେ ପହଞ୍ଚିବା ପରେ ଡାକ୍ତରମାନଙ୍କର ଏକ ବୈଠକ ନେଇଛନ୍ତି। ଏହାପରେ ସେ କହିଛନ୍ତି, ଦିଲ୍ଲୀର ୩ଟି ମେଡିକାଲରୁ ବିଶେଷଜ୍ଞ ଡାକ୍ତର ଟିମ୍ ଆସୁଛନ୍ତି। ସେମାନେ ଦିଲୀର ଏମ୍ସ, ରାମ ମନୋହର ଲୋହିଆ, ଲେଡି ହାର୍ଡିଁ ହସ୍ପିଟାଲରୁ ଆସିଛନ୍ତି। ବାୟୁ ସେନାର ସ୍ୱତନ୍ତ୍ର ବିମାନରେ ସେମାନେ ଭୁବନେଶ୍ୱର ଆସୁଛନ୍ତି। ଯେହେତୁ ଶତାଧିକରୁ ଗୁରୁତର ରୋଗୀ ବାଲେଶ୍ୱର, ସୋର, ଭଦ୍ରକ ଓ କଟକ ମେଡିକାଲରେ ଅଛନ୍ତି, ସେମାନଙ୍କୁ କିଭଳି ଉତ୍ତମ ଚିକିତ୍ସା ମିଳିବ, ଆବଶ୍ୟକତା ଅନୁସାରେ ଅନ୍ୟ କେଉଁ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯିବ ସେ ନେଇ ଏମ୍ସ ନିର୍ଦ୍ଦେଶକ ଓ ଡାକ୍ତରୀ ଟିମ୍ ସହିତ ଆଲୋଚନା କରିଛି। ବିଶେଷଜ୍ଞ ଡ଼ାକ୍ତରମାନେ ସାଥୀରେ କିଛି ଚିକିତ୍ସା ଉପକରଣ ଓ ଔଷଧ ମଧ୍ୟ ଆଣିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ଟ୍ରେନ ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ଯାତ୍ରୀଙ୍କୁ ଭେଟିଛନ୍ତି କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭୀୟ। ଏହାସହ ଚିକିତ୍ସାର ବିଭିନ୍ନ ଦିଗ ଉପରେ ମଧ୍ୟ କ୍ୟାପିଟାଲ ହସ୍ପିଟାଲ ଅଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ମୋଟ ୬ଜଣ ଯାତ୍ରୀ ଚିକିତ୍ସା ପାଇଁ ଆସିଥିଲେ, ସେମାନଙ୍କ ମଧ୍ୟରୁ କମ ଆହତ ଥିବା ୫ ଜଣଙ୍କୁ ଡିସ୍ଚାର୍ଜ କରାଯାଇସାରିଛି ଏବଂ ଜଣେ ଗଭୀର ଆହତ ଯୁବକଙ୍କର ଚିକିତ୍ସା ଚାଲିଛି। ଆବଶ୍ୟକ ପଡ଼ିଲେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ। ମୋଟ ୧୪ଟି ମୃତ ଶରୀର କ୍ୟାପିଟାଲ ହସ୍ପିଟାଲର ମରଚୁରିରେ ରହିଥିବା ବେଳେ ତାଙ୍କୁ ଚିହ୍ନଟ ପ୍ରକ୍ରିୟା ଖୁବ ଶୀଘ୍ର ଆରମ୍ଭ ହେବ ବୋଲି କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡା କହିଛନ୍ତି।

## ଜମି ଦେବାକୁ କହି ୧୦ ଲକ୍ଷ ଠକେଇ

**ଭୁବନେଶ୍ୱର (ପିପିଏସ୍):** ଜମି ଦେବାକୁ କହି ୧୦ ଲକ୍ଷ ହଜାର ଟଙ୍କା ଠକେଇ ଅଭିଯୋଗରେ ଜଣକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଶ୍ରୀରାମନଗର ଲେନ୍-୯ର ରବି ସାହୁ(୨୮)। ପୁଲିସର କହିବା କଥା, ଜଣେ ବ୍ୟକ୍ତିଙ୍କ ସହ ସମ୍ପର୍କ ବଢ଼ାଇଥିଲେ ରବି। ଉକ୍ତ ବ୍ୟକ୍ତି ପ୍ଲଟ୍ କିଣିବା ଲାଗି ଇଚ୍ଛୁକ ଥିବାରୁ ପଟିଆ ଠାରେ ୮ଲକ୍ଷ ଟଙ୍କା ମୂଲ୍ୟର ଏକ ଜମି ଅଛି ବୋଲି କହିଥିଲା ରବି। ପ୍ଲଟ୍ ବୁକ୍ କରିବା ଲାଗି ୧ ଲକ୍ଷ ୮୨ ହଜାର ଟଙ୍କା ଅଗ୍ରୀମ ଦିଆଯାଇଥିଲା। ପରେ ଉକ୍ତ ପ୍ଲଟର ରେଜିଷ୍ଟ୍ରେସନ କାର୍ଯ୍ୟ ସମ୍ପାଦନ ହେବ ବୋଲି ରବି କହିବାରୁ ଆଉ ସାଢ଼େ ୭ଲକ୍ଷ ଟଙ୍କା ମଧ୍ୟ ସେ ବ୍ୟକ୍ତି ଦେଇଥିଲେ। ଏଭଳି ଭାବେ ଜମି ଦେବାକୁ କହି ୯ ଲକ୍ଷ ୩୦ ହଜାର ଟଙ୍କା ନେଇ ଯାଇଥିଲା ଅଭିଯୁକ୍ତ। ମାତ୍ର ଜମି ଦେବାରେ ବିଳମ୍ବ ହେବାରୁ ଟଙ୍କା ଫେରାଇବା ଲାଗି ରବିକୁ କହିବାରୁ, ରବି ମାର୍‌ପିଟ୍ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ରବିକୁ କାବୁ କରିବା ସହ କାଗଜପତ୍ର ଜବତ କରିଛି।

## ଗଣ୍ଡଗୋଳ କରି ଦୁଇ ଭାଇ ଗିରଫ

**ଭୁବନେଶ୍ୱର (ପିପିଏସ୍):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ପୁଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଗଣେଶ ଓରଫ୍ ରଞ୍ଜନ କୁମାର ସାମନ୍ତରାୟ ଓ କାର୍ତ୍ତିକ ଓରଫ୍ ମନୋଜ କୁମାର ସାମନ୍ତରାୟ। ସେମାନଙ୍କ ଘର ଶିରିପୁର କନ୍ଧ ସାହିରେ। ପୁଲିସ ସୂଚନା ଅନୁଯାୟୀ, ଶତାବ୍ଦୀ ନଗରରେ ଚିକେନ କାଉଣ୍ଟର କରିଥିବା ଶିବାନୀଙ୍କର ଗଣେଶ ସହିତ ପୂର୍ବରୁ ବିବାଦ ଲାଗି ରହିଥିଲା। ଗତ ବୁଧବାର ଦିନ ଗଣେଶ କନ୍ଧସାହି ମଙ୍ଗଳା ମନ୍ଦିର ନିକଟରେ ବସିଥିବା ବେଳେ ଶିବାନୀ ଓ ତାଙ୍କ ସହଯୋଗୀ ସେଠାରେ ପହଞ୍ଚି ପୂର୍ବ ବିବାଦକୁ ନେଇ ଆଲୋଚନା କରିଥିଲେ। ଆଲୋଚନାରୁ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ମାରପିଟ୍ ହେବାରୁ ଶିବାନୀ ଓ ତାଙ୍କ ସହଯୋଗୀ ଶତାବ୍ଦୀ ନଗରସ୍ଥିତ ଚିକେନ କାଉଣ୍ଟରକୁ ପଳାଇ ଆସିଥିଲେ। ଏହାର କିଛି ସମୟ ପରେ ଦୁଇ ଭାଇ ଗଣେଶ ଓ କାର୍ତ୍ତିକ ସେମାନଙ୍କ ସହଯୋଗୀମାନଙ୍କୁ ନେଇ ଶିବାନୀଙ୍କ ଚିକେନ ଦୋକାନରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ଦୁଇ ଭାଇ ଓ ସହଯୋଗୀମାନେ କାଠ ଫାଳିଆରେ ଶିବାନୀଙ୍କୁ ଆକ୍ରମଣ କରିଥିଲେ। ମାଲିକଙ୍କୁ ମାଡ଼ ହେଉଥିବା ଦେଖି ଦୋକାନରେ କାମ କରୁଥିବା କର୍ମଚାରୀ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ କର୍ମଚାରୀଙ୍କୁ ମଧ୍ୟ ମାଡ଼ ମାରିଥିଲେ।

## ବିଏମ୍‌ସି ପକ୍ଷରୁ ଜାରିହେଲା ହେଲ୍‌ପ ଲାଇନ୍ ନମ୍ବର

**ଭୁବନେଶ୍ୱର (ପିପିଏସ୍):** ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଶବକୁ ଭୁବନେଶ୍ୱରରେ ରଖାଯାଇଛି। ମୃତଦେହ ସଂପର୍କରେ ଜାଣିବାକୁ ପାଇଁ ବିଏମ୍‌ସି ପକ୍ଷରୁ ହେଲପ ଲାଇନ ଜାରି କରଯାଇଛି। ଭୁବନେଶ୍ୱରକୁ ଅଣାଯାଇଥିବା ୧୬୦ ମୃତଦେହ ସମ୍ପର୍କରେ ଜାଣିବାକୁ ବିଏମସି ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଛି। ଏମ୍‌ସ୍ ପରିସରରେ ୧୦୦ ଶବ ରଖାଯିବ, ବାକି ୬୦ଟି ଶବ କ୍ୟାପିଟାଲ ହସ୍ପିଟାଲ ଓ କିଛି ଘରୋଇ ହସ୍ପିଟାଲରେ ରଖାଯାଇଛି। ୪୮ ଘଣ୍ଟା ମଧ୍ୟରେ ଶବ ଚିହ୍ନଟ ନ ହେଲେ ଦାହ କରାଯିବ ବୋଲି ସୂଚନା ଦିଆଯାଇଛି। ଏଣୁ ବିଏମ୍‌ସି ପକ୍ଷୁ ୧୯୨୯ର ହେଲପ ଲାଇନ୍ ନମ୍ବର ଜାରି କରାଯାଇଛି। ହେଲପ ଲାଇନ୍ ନମ୍ବରକୁ ଫୋନ୍ କରି ସମ୍ପର୍କୀୟ ମୃତଦେହ ରଖାଯାଇଥିବା ସ୍ଥାନ ଜାଣିପାରିବେ ବୋଲି ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି।
ବାଲେଶ୍ୱର ବାହାନଗାରେ ଭୟଙ୍କର ରେଳ ଦୁର୍ଘଟଣାର ଭୁବନେଶ୍ୱରକୁ ଅଣାଯାଇଥିବା ୧୬୦ ମୃତଦେହ ସମ୍ପର୍କରେ ଜାଣିବାକୁ ବିଏମସି ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଛି। ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସତ୍ୟନଗର ସ୍ଥିତ ବିଏମ୍‌ସି କାର୍ଯ୍ୟାଳୟରେ ଖୋଲା ଯାଇଛି। ଏଥିସହିତ ହେଲପ ଲାଇନ ନମ୍ବର ୧୯୨୯ ଏବଂ ୧୮୦୦୩୪୫୦୦୬୧ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ଏହି ନମ୍ବରକୁ ଫୋନ୍ କରି ସମ୍ପର୍କୀୟ ମୃତଦେହ ରଖାଯାଇଥିବା ସ୍ଥାନ ଜାଣିପାରିବେ ବୋଲି ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି। ମୃତଦେହକୁ ସତେଜ ରଖିବାକୁ ଗଲା ୧୦୦୦ କେନ୍ ବରଫ ସେ କହିଛନ୍ତି, ଭୁବନେଶ୍ୱରର ଏକାଧିକ ହସ୍ପିଟାଲରେ ୧୬୦ଟି ମୃତଦେହ ସଂରକ୍ଷିତ ଭାବେ ରଖାଯାଇଛି। ଟ୍ରେନ୍ ଦୁର୍ଘଟଣାରେ ପ୍ରାୟ ୨୮୮ ଲୋକଙ୍କ ମୃତ୍ୟୁ ଘଟିଛି। ବହୁ ଲୋକ ପଶ୍ଚିମବଙ୍ଗ, ତାମିଲନାଡୁର ଅଛନ୍ତି। ତେଣୁ ପରିବାର ଓ ସମ୍ପର୍କୀୟ ଲୋକେ ଆସିବାକୁ ସମୟ ଲାଗିବ। ଏହି ସମୟ ପାଇଁ ମୃତଦେହକୁ ଶବଗାରରେ ରଖାଯିବ। ସେମାନେ କୌଣସି ପ୍ରକାର ହଇରାଣ ନ ହେବା ପାଇଁ ବିଏମସି ପକ୍ଷରୁ ହେଲପ ଲାଇନ ଜାରି କରାଯାଇଛି। ସେମାନେ ଏହି ନମ୍ବରରେ ଫୋନ୍ କରି ମୃତଦେହ ସଂପର୍କରେ ଜାଣିପାରିବେ। ମୃତବ୍ୟକ୍ତିଙ୍କ ସମ୍ପର୍କୀୟ ମାନଙ୍କ ପାଇଁ ସତନ୍ତ୍ର ଅଧିକାରୀ ନିୟୋଜିତ ହୋଇ ସେମାନଙ୍କୁ ସହଯୋଗ କରିବେ। ମୃତଦେହ ସମ୍ପର୍କରେ ଜାଣିବାକୁ ଯେଉଁସବୁ ଫୋନ୍ ଆସିବ, ତାର ସଠିକ୍ ସୂଚନା ଦେବାକୁ ୫ ଜଣଙ୍କୁ ନିଯୁକ୍ତି କରାଯାଇଛି। ଏହାସହ ରାଜ୍ୟ ସରକାର ପକ୍ଷରୁ କିଛି ଅଫିସରକୁ ମଧ୍ୟ ନିଯୁକ୍ତି କରାଯାଇଛି।

## ଅସୁସ୍ଥ ସ୍ତ୍ରୀଙ୍କୁ ତାଲା ପକାଇ ସ୍ୱାମୀ ଛୁ

**ଭୁବନେଶ୍ୱର (ପିପିଏସ୍):** ସାମାନ୍ୟ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଦୁଇ ଦିନ ହେଲା ଭଡ଼ା ଘରେ ତାଲା ପକାଇ ସ୍ୱାମୀ ଲୁଚି ପଳାଇବା ଭଳି ଏକ ଅମାନୁଷିକ ଘଟଣା ଆଜି ଧଉଳି ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଭୋକ ଉପାସ ଯନ୍ତ୍ରଣା ସହିନପାରି ମହିଳାଜଣକ ଚିତ୍କାର କରିବା ପରେ ଘଟଣା ପଦାକୁ ଆସିଛି ଏବଂ ଘର ମାଲିକଙ୍କ ସୂଚନା ଆଧାରରେ ଧଉଳି ଥାନା ପୁଲିସ କବାଟ ଭାଙ୍ଗି ମହିଳାଙ୍କୁ ଉଦ୍ଧାର କରିଛି। ତାଙ୍କୁ ଏବେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ମହିଳାଙ୍କ ସ୍ୱାମୀ, ପୁଅ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଛି। ତେବେ ବାପଘର ଲୋକ ବାଳକାଟି ହସ୍ପିଟାଲରେ ପହଞ୍ଚି ପୁଲିସ ଓ ଘର ମାଲିକଙ୍କ ଉପସ୍ଥିତିରେ ମହିଳାଙ୍କୁ ନେଇଯାଇଛନ୍ତି।

## ସାଇବର ଠକ ନେଇଗଲେ ୧୨ ଲକ୍ଷ ଟଙ୍କା

**ଭୁବନେଶ୍ୱର (ପିପିଏସ୍):** ବିଟ୍ କଏନ୍‌ରେ ଟଙ୍କା ଲଗାଇ କୋଟପତି ହେବାକୁ ସାଇବର ଠକ ସପ୍ନ ଦେଖାଇଥିଲେ। ଆଉ ଠକଙ୍କ କଥାରେ ପଡ଼ି କୋଟି ପତି ହେବା ନିଶା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ସାଇବର ଠକ ଯୁବକଙ୍କ ଆକାଉଣ୍ଟରୁ ୧୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଠକାମିର ଶିକାର କାଳିଆ ବେହେରା



ଏନେଇ ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଟଙ୍କା ଯାଇଥିବା ୩ଟି ଆକାଉଣ୍ଟକୁ ଫ୍ରିଜ୍ କରିବା ପାଇଁ ପୁଲିସ ଚିଠି ଲେଖିଛି। ଏହି ଟଙ୍କା ରାଜ୍ୟ ବାହାରର ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଛି।
ସୂଚନା ଅନୁସାରେ, କାଳିଆ ନିକଟକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ଯେଉଁଥିରେ ବିଟ୍ କଏନ୍‌ରେ ଟଙ୍କା ଲଗାଇ ଦୁଇ ଗୁଣା ପାଇବାର ଲୋଭ ଦେଖାଇଥିଲେ। ଏହି ମେସେଜ୍ କାଳିଆ ପଢ଼ିବା ପରେ ଟଙ୍କା ଲଗାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେ ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରି ବୁଝିଥିଲେ। ସାଇବର ଠକ ତାଙ୍କୁ ଏକ ଆପ୍ ପ୍ରଥମେ ଡାଉନ୍‌ଲୋଡ୍ କରିବାକୁ କହିଥିଲେ। ଏହାକୁ ଡାଉନ୍‌ଲୋଡ୍ କରିବା ପରେ ନିଜର ସମସ୍ତ ତଥ୍ୟ ଦେଇ ରେଜିଷ୍ଟ୍ରେସନ କରିବାକୁ ପଡ଼ିବ ବୋଲି ସେ କହିଥିଲା। ଏହାପରେ ସେଥିରେ ଟଙ୍କା ଲଗାଇ ପ୍ରତିଦିନ ମାଇନିଂ କରିଲେ ଟଙ୍କା ଦୁଇଗଣା ହେବ ବୋଲିଥିଲେ। ସାଇବର ଠକ କହିବା ଅନୁସାରେ କାଳିଆ ଆପ୍ ଡାଉନ୍‌ଲୋଡ୍ କରି ରେଜିଷ୍ଟ୍ରେସନ କରିଥିଲେ। ପରେ ସେଥିରେ ଟଙ୍କା ଲଗାଇଥିଲେ। ପ୍ରଥମେ ସେ ୫ ହଜାର ଟଙ୍କା ଲଗାଇବା ପରେ ସାଇବର ଠକ ବିଶ୍ୱାସ ଜିଣିବା ପାଇଁ ୧୦ ହଜାର ଟଙ୍କା ଦେଇଥିଲେ। ଏହିଭଳି କାରବାର କରିବା ଭିତରେ ପାଖାପାଖି ୧୨ଲକ୍ଷ ଟଙ୍କା ନେଇଗଲେ ସାଇବର ଠକ। କାଳିଆ ଜାଣିବା ପରେ ପ୍ରଥମେ ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ରହିଥିଲା। କାଳିଆ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

## ରକ୍ତଦାନ ଶିବିର ଓ ସହାୟତା ପ୍ରକୋଷ୍ଠ ଉଦ୍‌ଘାଟିତ

**ଭୁବନେଶ୍ୱର (ପିପିଏସ୍):** କରମଣ୍ଡଳ ଏକ୍ସପ୍ରେସ୍ ଓ ବାଙ୍ଗାଲୁରୁ-ହାଓ୍ୱାଡା ଏକ୍ସପ୍ରେସ୍ ଦୁର୍ଘଟଣାରେ ମୃତାହତ ଏବଂ ଅତି ଗୁରୁତର ଆହତ ହୋଇଥିବା ଜନସାଧାରଣ ଓ ତାଙ୍କର ଆତ୍ମୀୟସ୍ୱଜନ ସହାୟତା ପ୍ରଦାନ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପରିସରରେ ସହାୟତା ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ସଚିବ ସୌଦାମିନୀ ସିଂଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସିଏଫ୍‌ଆର୍ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ଜନସାଧାରଣଙ୍କୁ ୨୪ ଘଣ୍ଟା ସହାୟତା ପ୍ରଦାନ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ରେଳ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ମାଗଣାରେ ରକ୍ତ ପ୍ରଦାନ ପାଇଁ ପ୍ରାଧିକରଣଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇ ପ୍ରଶାସନକୁ ପ୍ରଦାନ କରାଯାଇଥିଲା।

## ଆଖି ପିଛୁଳାକେ ବାଇକ୍ ଚୋରାଇ ନେଉଛନ୍ତି ଲୁଟେରା

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ପୁଣି ଏବେ ମାତିଲେଣି ବାଇକ୍ ଚୋର। ସେମାନେ ସହରର ବିଭିନ୍ନ ସ୍ଥାନରେ ପାର୍କିଂ ହୋଇଥିବା ବାଇକ୍‌କୁ ଚୋରି କରି ନେଉଛନ୍ତି। ବିଶେଷ କରି ସେମାନେ ମାଷ୍ଟର ଚାବି ସାହାଯ୍ୟରେ ଏହି ବାଇକ୍ ଚୋରି କରୁଛନ୍ତି। ଏବେ ୭ ଦିନରେ ସହରରୁ ୨୦ରୁ ଉର୍ଦ୍ଧ୍ୱ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। ଏହିଭଳି ଏୟାରପୋର୍ଟ ଥାନା ମଧୁସୂଦନ ପାର୍କ ଆଗରୁ ନିମାଇଁ ଚରଣ ପରିଜାଙ୍କ ବାଇକ୍ ଚୋରି କରି ନେଇଥିଲେ। ସେ ସୁନ୍ଦରପଦାରେ ରହୁଥିବା ନିଜ ଭଉଣୀ ଘରକୁ ବୁଲିବାକୁ ଯାଇଥିବାବେଳେ ମଧୁସୂଦନ ପାର୍କ ଆଗରେ ବାଇକ୍ ରଖି ପାର୍କରେ ବୁଲୁଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ବାଇକ୍ ଚୋରି କରି ଚମ୍ପଟ ମାରିଥିଲେ। ସେହିପରି ସୌଭାଗ୍ୟ କୁମାର ସାହୁ ନିଜ ବାଇକ୍ ମଧୁସୂଦନ ପାର୍କ ନିକଟରେ ରଖି ଭିତରକୁ ଯାଇଥିବା ବେଳେ ତାଙ୍କ ବାଇକ୍ ଚୋରି ହୋଇଯାଇଛି। ସେହିପରି ଫୁଲବାଣୀର ଦୀନେଶ ସାହୁ ପାର୍କକୁ ବୁଲିବାକୁ ଯାଇଥିଲେ। ସେ ପାର୍କ ଆଗରେ ବାଇକ୍ ପାର୍କିଂ କରି ଭିତରକୁ ଯାଇଥିବା ବେଳେ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ମଧୁସୂଦନ ପାର୍କ ଆଗରେ ବାଇକ୍ ଚୋରି ଗ୍ୟାଙ୍ଗ ସକ୍ରିୟ ରହିଥିବା ଏଥିରୁ ସ୍ପଷ୍ଟ ହୋଇଛି। ସାଧାରଣ ଲୋକଙ୍କ ବେଶରେ ବାଇକ୍ ଚୋର ସେଠାରେ ବୁଲୁଛନ୍ତି। ଲୋକେ ପାର୍କକୁ ଗଲେ ସେ ମାଷ୍ଟର କି' ସାହାଯ୍ୟରେ ଗାଡ଼ି ଚୋରି କରି ନେଉଛନ୍ତି। ସେହିପରି ବଡ଼ଗଡ଼ ଥାନା ରାଜେଶ କୁମାର ସାହୁଙ୍କ ବାଇକ୍ ଚୋରି ହୋଇଛି। ସେହିପରି କ୍ୟାପିଟାଲ ଥାନା ଅଞ୍ଚଳରୁ ୧୦ଟି ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଶେଷକରି କ୍ୟାପିଟାଲ ହସ୍ପିଟାଲ, ଫରେଷ୍ଟ ପାର୍କ, ମାର୍କେଟ ବିଲ୍ଡିଂରୁ ମଧ୍ୟ ଗାଡ଼ିଚୋରି ହେଉଛି। ସେହିପରି ଖାରବେଳନଗର ଥାନା ଅଞ୍ଚଳରୁ ୬ଟି ବାଇକ୍, ସହିଦନଗର ଥାନା ଅଞ୍ଚଳରୁ ୪ଟି, ମଞ୍ଚେଶ୍ୱରରୁ ୩ଟି ଏବଂ ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ୫ଟା ବାଇକ୍ ଚୋରି ହୋଇଛି।

## ବିଏମ୍‌ସି ପକ୍ଷରୁ ବାଲେଶ୍ୱର ଗଲେ ସଫେଇ କର୍ମଚାରୀ

**ଭୁବନେଶ୍ୱର (ପିପିଏସ୍):** ବାଲେଶ୍ୱର ବାହାନଗାଠାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ଯୋଗୁଁ ବିଭିନ୍ନ ହସ୍ପିଟାଲରେ ପ୍ରବଳ ଗହଳି ହୋଇଛି। ଏଥିପାଇଁ ହସ୍ପିଟାଲର ପରିମଳ ବ୍ୟବସ୍ଥା ବିଗିଡ଼ିବା ଆଶଙ୍କା ଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୨୪୦ ଜଣ କର୍ମଚାରୀଙ୍କୁ ସେଠାର ବିଭିନ୍ନ ହସ୍ପିଟାଲକୁ ପଠାଯାଇଛି। ଏହି କର୍ମଚାରୀଙ୍କ ମଧ୍ୟରେ କିଛି ସଫେଇ କର୍ମଚାରୀ ରହିଥିବା ବେଳେ ବାକି କର୍ମଚାରୀମାନେ ରୋଗୀଙ୍କୁ ହସ୍ପିଟାଲ ଓ ମୃତ ଶରୀରକୁ କିପରି ସମ୍ମାନର ସହ ରଖାଯିବ ସେହି କାର୍ଯ୍ୟରେ ନିୟୋଜିତ କରାଯିବା ଉଦ୍ଦେଶ୍ୟ ନେଇ ପଠାଯାଇଛି। ସଫେଇ କର୍ମଚାରୀଙ୍କ ସହ ପ୍ରଚୁର ପରିମାଣର ବ୍ଲିଚିଂ ପାଉଡର ମଧ୍ୟ ବିଏମ୍‌ସି ପଠାଇଛି। ଏହି ଟିମ୍ ଦୁର୍ଘଟଣା ସ୍ଥଳ ସହିତ ବାହାନଗା ହାଇସ୍କୁଲ୍ ଓ ସ୍ଥାନୀୟ ହସ୍ପିଟାଲ ଆଦିରେ ରହି କାର୍ଯ୍ୟ କରୁଛନ୍ତି। ଆହତମାନଙ୍କୁ ଡାକ୍ତାରଖାନା ନିଆଯାଉଥିବା ସେଠାରେ ଆହତ ଓ ସେମାନଙ୍କ ସମ୍ପର୍କୀୟମାନେ ଭିଡ଼ ଜମାଉଛନ୍ତି। ଏହା ସହିତ ହସ୍ପିଟାଲଗୁଡ଼ିକରେ ମଧ୍ୟ ଆବଶ୍ୟକ ଶଯ୍ୟା ତୁଳନାରେ ଆହତଙ୍କ ସଂଖ୍ୟା ଅଧିକ ରହିଛି। ଏଥିପାଇଁ ରୋଗୀମାନଙ୍କର ଯେପରି କୌଣସି ସମସ୍ୟା ନ ହୁଏ ତାକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟତଃ ପରିମଳ ବ୍ୟବସ୍ଥା କିପରି ସଠିକ୍ ରହିବ ଏହି ଟିମ୍ ସୁନିଶ୍ଚିତ କରୁଛି। ଏହି ଟିମ୍ ସହିତ ବିଏମସିର ଦୁଇ ବରିଷ୍ଠ ଅଧିକାରୀ ଲକ୍ଷ୍ମୀକାନ୍ତ ସେଠୀ ଓ ରମେଶ ଚନ୍ଦ୍ର ଜେନା ମଧ୍ୟ ଯାଇଛନ୍ତି। ସେମାନେ ସଫେଇ ଓ ଅନ୍ୟାନ୍ୟ କାର୍ଯ୍ୟର ତଦାରଖ କରିବା ସହିତ ସେମାନ ରହିବା, ଖାଇବା ଆଦି ବନ୍ଦୋବସ୍ତ କିପରି ହୋଇପାରିବେ ସେ ନେଇ ବ୍ୟବସ୍ଥା କରିବେ ବୋଲି ଜଣାପଡ଼ିଛି।

## ଅଧାପନ୍ତରିଆ ଡ୍ରେନ୍ କାମ, ଜଳବନ୍ଦୀ ଆଶଙ୍କା

**ଭୁବନେଶ୍ୱର (ପିପିଏସ୍):** ପିଚୁ ରାସ୍ତାକୁ ବାରମ୍ବାର ଖୋଳାଯାଇ କେବେ ସେରେଜ କାମ କରାଯାଉଛି ତ ଆଉ କେବେ ମ୍ୟାନ୍ ହୋଲ୍। ପୁଣି କେତେବେଳେ ୨୪ଘଣ୍ଟିଆ ପାଣି ପାଇଁ ନୂଆ ରାସ୍ତାକୁ ବି ଖୋଳିଦିଆଯାଉଛି। ଏଭଳି ବର୍ଷ ସାରା କରାଯାଉଥିଲେ ବି କାମ ସମ୍ପୂର୍ଣ୍ଣ କରାଯାଉନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ କାମ ପାଇଁ ରାସ୍ତାକୁ ବାରମ୍ବାର ଖୋଳାଯାଉଥିବାରୁ ସମସ୍ୟା କମୁନାହିଁ। ରାସ୍ତାର ଅଧା ସ୍ଥାନରେ ମାଟି ଗଦା ହୋଇଥିବାରୁ ଯାତାୟତରେ ଅସୁବିଧା ହେବା ସହ ଅସରାଏ ବର୍ଷାରେ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଝାରପଡ଼ା ହାଟ ପଛପାଖ ରାସ୍ତାରେ।
ଏହି ରାସ୍ତା ଦେଇ ଝାରପଡ଼ା ହାଟକୁ ଶହଶହ ସଂଖ୍ୟାରେ ଲୋକ ଯିବା ଆସିବା କରିଥାନ୍ତି। ହେଲେ ରାସ୍ତାର ଅଧାରୁ ଅଧିକ ସ୍ଥାନରେ ମାଟି ଗଦା ହୋଇଥିବାରୁ ଅଧା ରାସ୍ତାରେ ଯିବାଆସିବା କରୁଛନ୍ତି ଲୋକେ। ବଡ଼ ବଡ଼ ଗାଡ଼ି ଗୁଡ଼ିକ ଅଟକି ରହୁଥିବାବେଳେ ସକାଳ ୯ଟାରୁ ୧୧ଟା ଏବଂ ସନ୍ଧ୍ୟା ୬ଟାରୁ ୮ଟା ଯାଏ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ପ୍ରାୟ ୧୫ଦିନ ହେବ ରାସ୍ତା ଖୋଳାଯାଇଥିଲେ ମଧ୍ୟ ଏଯାଏ କାମ ଆରମ୍ଭ ହୋଇନାହିଁ। କିଛି ଦିନ ପୂର୍ବରୁ ରାସ୍ତା ନିର୍ମାଣ ପାଇଁ ଏହି ରାସ୍ତାକୁ ବନ୍ଦ କରାଯାଇଥିବାରୁ ଲୋକଙ୍କୁ



ବହୁ ଅସୁବଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପୁଣି ଦିନ କେଇଟା ନଯାଉଣୁ ଖୋଳାଯାଇଛି। ବିଶେଷ କରି ଅସରାଏ ବର୍ଷାରେ ରାସ୍ତା କଡ଼ରେ ଗଦା ହୋଇଥିବା ମାଟି କାଦୁଅ ପଚପଚ ହେଉଛି। ଫଳରେ ଯାତାୟତ ସମ୍ଭବ ହେଉନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ହାଟକୁ ଯିବାକୁ ହେଲେ ୨କିଲୋମିଟର ରାସ୍ତା ବୁଲି ବୁଲି ଯିବାକୁ ପଡୁଛି। ତେଣୁ ତୁରନ୍ତ କାମ ଶେଷ କରାଯାଇ ଯାତାୟାତ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଅଞ୍ଚଳଟି ଓ୍ୱାର୍ଡ ନମ୍ବର ୩୨ ଅଧୀନରେ ରହିଥିବାବେଳେ ଏ ନେଇ ଓ୍ୱାର୍ଡର କର୍ପୋରେଟର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

# ବାଲେଶ୍ୱର ଟ୍ରେନ୍ ଟ୍ରାଜେଡିକୁ ନେଇ ବ୍ରହ୍ମପୁର ପ୍ରେସ୍‌କ୍ଲବ ପକ୍ଷରୁ ଶୋକସଭା



ବ୍ରହ୍ମପୁର ,(ପିପିଏସ୍): ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଘଟି ଯାଇଥିବା ହୃଦୟ ବିଦାରକ ଟ୍ରେନ ଦୁର୍ଘଟଣାକୁ ନେଇ ବ୍ରହ୍ମପୁର ପ୍ରେସ୍‌କ୍ଲବ ପକ୍ଷରୁ ଶୋକସଭା ଅନୁଷ୍ଠିତ। ଏହି ଅବସରରେ ସ୍ଥାନୀୟ ଗାନ୍ଧୀଛକ ମଧୁବାବୁଙ୍କ ପ୍ରତିମୂର୍ତ୍ତି ତଳେ କ୍ୟାଣ୍ଡେଲ ଜାଳି ୨ ମିନଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଉଦ୍ଧାର ସମୟରେ ସ୍ଥାନୀୟ ସାମ୍ବାଦିକ ଓ ଜନସାଧାରଣ ଭୂମିକାକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଉକ୍ତ ଦୁର୍ଘଟଣା ସମୟରେ ବାଲେଶ୍ୱର ରେ ଯେଉଁଭଳି ଭାବେ ରକ୍ତର ଅଭାବ କୁ ଦୂର କରିବା ପାଇଁ ଜନ ସାଧାରଣ ହାତ ବଢ଼ାଇଥିଲେ ତାହାକୁ ମଧ ପ୍ରଶଂସା କରିଥିଲେ। ଏହା ସହିତ ଆଗାମୀ ବୁଧବାର ଦିନ ରକ୍ତ ସଙ୍କଟ ଦୂର କରିବା ପାଇଁ ବ୍ରହ୍ମପୁର ପ୍ରେସ କ୍ଲବ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ମତ ବ୍ୟକ୍ତ କରିଥିଲେ। ଆଜିର ଏହି ଶୋକ ସଭାରେ ବ୍ରହ୍ମପୁରର ବରିଷ୍ଠ ସାମ୍ବାଦିକ ଗୋପାଳ ପଟ୍ଟନାୟକ, ଜଗନ ମୋହନ ମହାପାତ୍ର, ମନୋଜ କାନ୍ତ ଦାସ, ନାରାୟଣ ମହାକୁଡ଼, ସମୀର ଆଚାର୍ଯ୍ୟ, ସୁଦୀପ ସାହୁ, ଶିବରାମ ଚୌଧୁରୀ, ଦଣ୍ଡପାଣି ପ୍ରଧାନ, ଆଶିର୍ବାଦ ରାଉତ, ଗୋପାଳ ରେଡ୍ଡୀ, ପିତାମ୍ବର ନାହାକ, ସନ୍ୟାସୀ ଗୌଡ଼, ସୁବ୍ରମଣ୍ୟମ ସାମୀ, କିରଣ ମିଶ୍ର, ସ୍ୱାଧୀନ ସାହୁ, ଉମା ଶଙ୍କର ମିଶ୍ର, ଶିବ ପଣ୍ଡା, ଅନନ୍ତ ରାମ ପ୍ରଧାନ, ଶୁଭେନ୍ଦୁ ସାହୁ, ସଞ୍ଜୟ ସାହୁ, ଲଡୁ କିଶୋର ପାତ୍ର, ହିମାଂଶୁ ସାବତ, ଗୌରୀଶଙ୍କର ମିଶ୍ର, ନିର୍ମଳ ସାହୁ, ଅଭିଜିତ କର, ପ୍ରଶାନ୍ତ ପ୍ରତିନିଧି, ରୂପକ ମହାନ୍ତି, ଦୟାନନ୍ଦ ସାହୁ, ଝିଲି ସାହୁ, ବିଘ୍ନରାଜ ମହାପାତ୍ର ସୁଶାନ୍ତ ସାବତ, ମହେଶ ତ୍ରିପାଠୀ, ଅନିଲ ପାତ୍ର, ଅମିତ୍ କୁମାର ସାହୁ ଙ୍କ ସମେତ ବହୁ ସାମ୍ବାଦିକ ଓ ସ୍ଥାନୀୟ ବାସିନ୍ଦା ମାନେ ଉପସ୍ଥିତ ଥିଲେ।

# ସିଡିପିଓମାନଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ କାର୍ଯ୍ୟରତ ସିଡିପିଓ ମାନଙ୍କ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ପୋଗ୍ରାମ ଅଫିସର ସଂଯୁକ୍ତା ମିଶ୍ର ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସଂଯୋଜକ (ପୋଷଣ) ସଂଜୟ ପାତ୍ର, ଡିପିସି ମମତା ମନୋରଞ୍ଜନ ଦାସଙ୍କ ସମେତ ସମସ୍ତ ବ୍ଲକର ସିଡିପିଓ ମାନେ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରେ ନିର୍ମାଣ କରାଯାଉ ଥିବା ଅଙ୍ଗନଓ୍ୱାଡି ଗୃହ ଗୁଡିକର ନିର୍ମାଣ ସମ୍ବନ୍ଧୀୟ ସମୀକ୍ଷା କରାଯାଇ ତୁରନ୍ତ ଏହି ଗୃହ ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ନିଷ୍ପତି ନିଆଯାଇ ଥିଲା ।

# କମ୍ପାନୀର ରେଲୱ୍ୱେ ସାଇଡିଂ ପାଇଁ ଗୋଚର ଜମିରୁ ମେସିନରେ ଉଠୁଛି ମାଟି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ



ଅନୁଗୁଳ(ପିପିଏସ୍): ସଂରକ୍ଷିତ ଜଙ୍ଗଲ ଓ ଗୋଚର ଜମିରୁ ବେଆଇନ ଭାବେ ଚାଲିଛି ମାଟି ଉଠାଣ । ଜେସିବି ପ୍ରୋକଲିନ ମେସିନ ଲାଗି ଚାଲିଛି ମାଟି ଉଠାଣ ।ରାଜସ୍ୱ ହାନି କରି ବେଆଇନ ଭାବେ ମାଟି ଉଠାଣକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଗୋଳାବନ୍ଧ ମୌଜା ସଂରକ୍ଷିତ ଜଙ୍ଗଲ,ଗୋଚର ଓ କିଛି ଲୋକଙ୍କ ବ୍ୟକ୍ତିଗତ ଜାଗାରୁ ମାଟି ଉଠା ଚାଲିଛି ।ଦୀର୍ଘଦିନ ଧରି ଗୋଚର ଜମିରୁ ବେଆଇନ ଭାବେ ମାଟି, ଚାଲାଣ ହେଉଥିବା ଅଭିଯୋଗ ହୋଇଛି କ୍ଷ ଏ ସମ୍ପର୍କ ରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି । ଗୋଚର ଜମିରୁ ଜେସିବି ଯୋଗେ ମାଟି ଖୋଳି ଟ୍ରାକ୍ଟରରେ ଲୋଡ଼ିଂ ହୋଇ ବାହାରକୁ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି ।ରାଜସ୍ୱ ବିଭାଗ ପକ୍ଷରୁ ଅନୁମତି ପତ୍ର ଦେଖାଇ ନପାରି ପଳାଇଥିଲେ। ବିଭିନ୍ନ ସ୍ଥାନରେ ସରକାରୀ ଜମିରୁ ବେଆଇନ ମାଟି ଖୋଳାସମ୍ପର୍କରେ ସ୍ଥାନୀୟ ଲୋକେ ପୂର୍ବରୁ ବାରମ୍ବାର ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ଥାନାଧିକାରୀ ଙ୍କୁ ଅବଗତ କରାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ସମସ୍ତଙ୍କୁ ଚକିତ କରିଛି। ସରକାରୀ ଗୋଚର ଜମି,କିଛି ବ୍ୟକ୍ତି ଗତ ଜମିରୁ ମାଟି ମାଫିଆ ଓ ଦଲାଲ ମିଶି ଜେସିବି ଏବଂ ଟ୍ରାକ୍ଟର ଲଗାଇ ରାତିଦିନ ଶହ ଶହ ଟ୍ରାକ୍ଟର ମାଟି ଲୁଟ କରୁଥିବା ଦେଖିବାକୁ ମିଳିଛି। ଅନୁଗୋଳ ଜିଲ୍ଲା ନିଶା ଠାରେ ଥିବା ଜିନ୍ଦଲ ଷ୍ଟିଲ ଲିମିଟେଡ୍ କାରଖାନାର ରେଲୱ୍ୱେ ସାଇଡିଂ ପାଇଁ ଉଭୟ ପାର୍ଶ୍ୱରେ ଥିବା ଗୋଚର,ଜଙ୍ଗଲ ଜମି ଓ କିଛି ବ୍ୟକ୍ତିଗତ ଲୋକଙ୍କ ଜମି କୁ ଜୋର ଜବରଦସ୍ତ ବେଆଇନ ଭାବେ ମେସିନ ଲଗାଇ ମାଟି ଉଠାଣ ଚାଲିଛି ।ଗ୍ରାମାଞ୍ଚଳରେ ଗୋରୁ ଗାଈ ଚରାଇବା ପାଇଁ ଗୋଚର କିସମର ଜମି ରହିଛି। କିଛି ଅସାଧୁ ବ୍ୟବସାୟୀ ଜଙ୍ଗଲ ଜମି ଓ ବିଭିନ୍ନ ଗୋଚର ଜମିରୁ, ମାଟି ଲୁଟ ହେଉଥିବାରୁ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି । ଗ୍ରାମାଞ୍ଚଳ ମାନଙ୍କରେ ଗୋଚର ଜମି ଧୀରେ ଲୋପ ପାଇବାକୁ ବସିଛି ବୋଲି ଗାଁ ଲୋକେ କହିଛନ୍ତି ।ସେପଟେ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗୋଳା ବନ୍ଧ ଗ୍ରାମର କିଛି ଗ୍ରାମବାସୀ। ଦିନ ଦ୍ୱୀପହରରେ ଚାଲିଛି ବେଆଇନ ମାଟି ଉଠା ।ଜେସିବି ମେସିନ ଲଗାଇ ଚାଲିଛି ମାଟି ଉଠା ।ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୁନ ।ସେପଟେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ।

# ବରପୁଟ -ବାଣିଆ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା



ବାଙ୍କୀ,(ପିପିଏସ୍): ବଙ୍କୀ ଉପଖଣ୍ଡସ୍ଥ ବରପୁଟ-ବାଣିଆ ଦେବଗିରି ପୀଠର ଜଗନ୍ନାଥ ମନ୍ଦିରରେ ଆଜି ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସ୍ନାନ ମଣ୍ଡପରେ ପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ର ଓ ଚକ୍ରରାଜ ସୁଦର୍ଶନଙ୍କୁ ବିଜେ କରାଯାଇ ସ୍ନାନ କରାଯାଇଥିଲା। ଏହି ଉତ୍ସବରେ ବାଙ୍କୀ ଓ ଆଖପାଖର ଶ୍ରଦ୍ଧାଳୁମାନେ ଆସି ସ୍ନାନ ପୂର୍ଣ୍ଣିମାକୁ ଦର୍ଶନ କରିଥିଲେ। ସେବାୟତମାନେ ନିଷ୍ଠାର ସହ ସ୍ନାନ ଉତ୍ସବ ନୀତିକାନ୍ତି ସଂପାଦନା କରିଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ପନ୍ତିରେ ୩୫ଘଟ, ବଳଭଦ୍ରଙ୍କ ପନ୍ତିରେ ୩୩ଘଟ, ଶୁଭଦ୍ରାଙ୍କ ବାଡରେ ୩୨ଗଡୁ ଓ ସୁଦର୍ଶନ ଅଭିଷେକ ପାଇଁ ୧୮ଗଡୁ ଜଳ ଘଟ ରଖାଯାଇଥିଲା। ପରେ ଶ୍ରୀ ଜିଉଙ୍କୁ ଫଲମାଳରେ ଶୋଭିତ କରାଯାଇଥିଲା। ସ୍ନାନ ପୂର୍ଣ୍ଣିମା ଉତ୍ସବ ପରେ ଜୀଉଙ୍କୁ ଅନବସରରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ସ୍ନାନ ପୂର୍ଣ୍ଣିମା ଯାତ୍ରାରେ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ, ସଂପାଦକ ସଦାଶିବ ଦାଶ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ରବିନାରାୟଣ ମଙ୍ଗରାଜ, ବିଜୟ ପ୍ରତିହାରୀ, ଭିକାରୀ ପାଣି, ମନ୍ଦିର ପ୍ରତିଷ୍ଠାତା ପୂଜକ ବିପିନି ବିହାରୀ ତ୍ରିପାଠୀ, ହରିବନ୍ଧୁ ପଣ୍ଡା, ଜୟପ୍ରକାଶ ମିଶ୍ର, ଅଧ୍ୟାପକ ଆଶିଷ କୁମାର ପାଢୀ ପ୍ରମୁଖ ବହୁ ଅତିଥି ଯୋଗଦାନ କରିଥିଲେ।

# ଡିକି ଭାଙ୍ଗି ଟଙ୍କା ଲୁଟ୍‌ବେଳେ ଲୁଟେରାକୁ କାବୁ କଲେ ଲୋକେ

ଅନୁଗୁଳ(ପିପିଏସ୍): ଅନୁଗୁଳ ସହର ନୂଆ ବସଷ୍ଟାଣ୍ଡ ନିକଟରେ ଡିକି ଭାଙ୍ଗି ଟଙ୍କା ଲୁଟିବାକୁ ଚେଷ୍ଟା କରୁଥିବା ବେଳେ ଜଣେ ଦୁର୍ବୃତ୍ତଙ୍କୁ ଲୋକ କାବୁ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ଚମ୍ପଟ ମାରିବାକୁ ସଫଳ ହୋଇଛି । ଧରା ପଡିଥିବା ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକ ନିର୍ଧୁମ ମାଡ ଦେବା ପରେ ପୁଲିସର ଜିମା ଦେଇଛନ୍ତି । ସୂଚନା ଅନୁସାରେ ଅନୁଗୋଳ ସହର ନୁଆଁ ବସଷ୍ଟାଣ୍ଡ ଠାରେ ଆଁକୁଲା ଗାଁର କପିଳ ସେନାପତି ନାମକ ଜଣେ ବ୍ୟକ୍ତି ମୋଟରସାଇକେଲ ରଖି କୌଣସି କାମରେ ଆସିଥିଲେ । ତେବେ ସେ ବସଷ୍ଟାଣ୍ଡ ଆସିବା ପୂର୍ବରୁ ପି ଏନ୍ ବି ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କା ଉଠାଇ ମୋଟରସାଇକେଲ ଡିକିରେ ରଖିଥିଲେ । କପିଳ ମୋଟରସାଇକେଲ ରଖି ନିଜ କାମରେ ଯାଇଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ମୋଟରସାଇକେଲରେ ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମୋଟରସାଇକେଲରେ ବସି ରହିଥିବା ବେଳେ ଅନ୍ୟ ଜଣଙ୍କ ଡିକି ଭାଙ୍ଗି ଟଙ୍କା ଲୁଟିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ନଜରରେ ଆସିଥିଲା । ଡିକି ଭାଙ୍ଗୁଥିବା ଦେଖି ସ୍ଥାନୀୟ ଲୋକ ତାକୁ ଘେରି ଯାଇ କାବୁ କରିନେବା ସହ ନିର୍ଧୁମ ମାଡ଼ ମାରିଥିଲେ । ପରେ ପୁଲିସକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ଅନୁଗୋଳ ପୁଲିସ ପହଞ୍ଚି ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଅଟକ ଥିବା ଯୁବକ ଜଣଙ୍କ ବ୍ରହ୍ମପୁର ଅଞ୍ଚଳର ଏ ଅଜୟ ରାଓ ବୋଲି ଜଣା ପଡ଼ିଛି ।

# ଜିଲ୍ଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କ ନାମରେ ମାମଲା

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦୁର୍ନିତିର ଗନ୍ତାଘର ପାଲଟି ଥିବା ବେଳେ ବିନା ହାତଗୁଞ୍ଜାରେ କୌଣସି କାର୍ଯ୍ୟ କରାଯାଉ ନଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଦୁର୍ନିତିର ପରିମାଣ ଏତେ ବଢି ଯାଇଛି ଯେ, ଜଣେ ଜୀବିତ ଶ୍ରମିକ କାର୍ଡ ନଂ କୁ ଜାଲିଆତି କରି ମୃତ ଦର୍ଶାଇ ଅନ୍ୟ ଜଣକ ନାମରେ ୪ଲକ୍ଷ ଟଙ୍କା ହଡପ କରାଯାଇ ଥିବା ଅଭିଯୋଗ ହୋଇଛି । ସଦର ଥାନା ଅନ୍ତର୍ଗତ ଗଣ୍ଡାକିଆ ଗ୍ରାମର ଚିତ ରଞ୍ଜନ ସାଇଁ ନାମକ ଜଣେ ଜୀବିତ ଥିବା ଶ୍ରମିକକୁ ମୃତ ବୋଲି ଦର୍ଶାଇ ୪ ଲକ୍ଷ ଟଙ୍କା ଟଙ୍କା ହଡପ ଅଭିଯୋଗରେ ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ମହେଶ୍ୱର ନାୟକ ଓ ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ଜେନାଙ୍କ ବିରୋଧରେ ୪୨୯/୨୩ ରେ ସଦର ଥାନାରେ ମାମଲା ରୁଜୁ ହୋଇଛି । ମାମଲାରୁ ପ୍ରକାଶ ଯେ, ଗଣ୍ଡାକିଆ ଗ୍ରାମର ଚିତ ରଞ୍ଜନ ସାଇଁ ଶ୍ରମ କାର୍ଯ୍ୟାଳରେ କାର୍ଡ ନଂଓଡିକେଡିପି୦୦୧୦୭୧୭୮୦ ରେ ଶ୍ରମିକ କାର୍ଡ ପ୍ରାପ୍ତ ହୋଇଥିଲେ । ଏଥି ସହିତ କାର୍ଡରେ ଶ୍ରୀ ସାଇଁଙ୍କ ସ୍ତ୍ରୀ ସେବତୀ ସାଇଁ ଓ ପୁଅ ଝିଅଙ୍କ ନାମ ରହିଛି । କେନ୍ଦ୍ରାପଡା ୟୁନିୟନ ବ୍ୟାଙ୍କ ଆକାଉଣ୍ଟ ନଂ ମଧ ଉଲ୍ଲେଖ ରହିଛି । ୨୦୨୨ ମସିହାରେ ସେ ଶ୍ରମିକ ଭାବେ ସରକାରଙ୍କ ପ୍ରଦତ ୧୫୦୦ ଟଙ୍କା ପାଇଥିଲେ । ବର୍ତମାନ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଏହି ନମ୍ବର ଥିବା କାର୍ଡରେ ତାଙ୍କ ନାମ ପରିବର୍ତନ କରାଯାଇ ସୁରେନ୍ଦ୍ର ନାଥ ପରିଡା ମୃତ ବୋଲି ଅନଲାଇନ ରେ ନାମ ଆସୁଅଛି । ଶ୍ରୀ ସାଇଁ କାର୍ଡରେ ଉଲ୍ଲେଖ ଥିବା ସୁରେନ୍ଦ୍ର ନାଥ ପରିଡା ଓ ପୂର୍ଣ୍ଣଚନ୍ଦ୍ର ପରିଡା କାହାରିକୁ ସେ ଜାଣି ନଥିବା ବେଳେ କିମ୍ବା ଏମାନେ ସ୍ଥାନୀୟ ଅଂଚଳର ବାସିନ୍ଦା ନଥିବା ବେଳେ କାର୍ଡରେ ମୃତ ସୁରେନ୍ଦ୍ର ନାଥ ପରିଡା ନାମରେ ବାଲେଶ୍ୱର ର ବ୍ୟାଙ୍କ ଅଫ ଇଣ୍ଡିଆକୁ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ନାମରେ ୪ଲକ୍ଷ ଟଙ୍କା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରୁ ଜାଲିଆତି କରି ପଠା ଯାଇଛି । ଏ ବିଷୟରେ ଶ୍ରୀ ସାଇଁ ସଦର ଥାନାରେ ଏତଲା ଦେବା ପରେ ସଦର ଥାନା ଅଧିକାରୀ ମାମଲା ୪୨୯/୨୩ ରେ ୨ ଜିଲ୍ଲା ଶ୍ରମ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀ ଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି । ତେବେ ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଘର ବାଲେଶ୍ୱର ଥିବା ଜଣାପଡିଛି।

# ନିରାଶ ହୋଇ ଫେରିଲା ବାପାକୁ ନେବା ପାଇଁ ଅପେକ୍ଷା କରିଥିବା ପୁଅ



ଭଦ୍ରକ, (ପିପିଏସ୍): ଆଉମାତ୍ର କିଛି ସମୟ ପରେ ବାପା ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ବଡ଼ପୁଅ ତାଙ୍କୁ ସାଙ୍ଗରେ ଭଡ଼ାଘରକୁ ନେଇଥାନ୍ତେ। ଭଡ଼ାଘରେ ପତ୍ନୀ ମଧ ସ୍ୱାମୀଙ୍କୁ ଅପେକ୍ଷା କରି ବସିଥିଲେ। ମାତ୍ର ସମସ୍ତଙ୍କୁ ଅଲଗା କରିଦେଲା ମର୍ମନ୍ତୁଦ ରେଳ ଦୁର୍ଘଟଣା। ସାନପୁଅ ଭଦ୍ରକ ଚରମ୍ପା ରେଳଷ୍ଟେସନରେ ଶୁକ୍ରବାର ଅପରାହ୍ନରେ ଯଶୋବନ୍ତପୁର-ହାୱଡ଼ା ଏକ୍ସପ୍ରେସ୍‌ରେ ଚଢ଼ଇ ଘରକୁ ଫେରିଥିଲେ। ସେହିଦିନ ସନ୍ଧ୍ୟାରେ ଖବର ମିଳିଥିଲା ଯଶୋବନ୍ତପୁର ହାୱଡ଼ା ଏକ୍ସପ୍ରେସ୍ ସହିତ କରମଣ୍ଡଳ ଏକ୍ସପ୍ରେସ୍ ଧକ୍କା ହୋଇଥିଲା। ଏହି ଖବର ପାଇବା ପରେ ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ପଞ୍ଚାୟତ ଅଧୀନ କୁବେରା ଗ୍ରାମର ହରିହର ସାହୁ (୫୪)ଙ୍କ ପରିବାର ବ୍ୟସ୍ତ ବିବ୍ରତ ହୋଇ ହରିହରଙ୍କ ମୋବାଇଲକୁ ଫୋନ କରିଥିଲେ। ମାତ୍ର ମୋବାଇଲ ବାରମ୍ବାର ରିଙ୍ଗ ହୋଇଥିଲେ ମଧ କୌଣସି ଉତ୍ତର ମିଳିନଥିଲା। ପରିବାର ଲୋକ ସନ୍ଦେହ କରି ଗ୍ରାମର ଦୀନବନ୍ଧୁ ସାହୁ ଓ ଦୁର୍ଯ୍ୟୋଧନ ସାହୁଙ୍କ ସହିତ ଶୁକ୍ରବାର ରାତିରେ ବାହାନଗାରେ ପହଞ୍ଚିଥିଲେ। ସେଠାରେ ବହୁ ଖୋଜାଖୋଜି କରିଥିଲେ ମଧ ହରିହରଙ୍କର କୌଣସି ପତ୍ତା ପାଇନଥିଲେ। ପରେ ଶନିବାର ସକାଳେ ବାହାନଗା ଯାଇ ପୁଣି ହରିହରଙ୍କୁ ଠାବ କରିବା ପାଇଁ ଖୋଜାଖୋଜି କରିଥିଲେ। ଶେଷରେ ବାହାନଗାର ଏକ ସ୍କୁଲରେ ରଖା ଯାଇଥିବା ବିଭତ୍ସ ମୃତ ଦେହ ଗୁଡ଼ିକୁ ଦେଖିବା ପରେ ହରିହର ସାହୁଙ୍କ ପାଦ ଓ ପ୍ୟାଣ୍ଟ ପକେଟରେ ଥିବା ଆଧାର କାର୍ଡ଼ରୁ ତାଙ୍କୁ ଚିହ୍ନଟ କରାଯାଇଥିଲା। ପରେ ହରିହରଙ୍କ ମୃତଦେହକୁ ନିଜ ଗ୍ରାମ କୁବେରାକୁ ଅଣାଯାଇଥିଲା। ସେଠାରେ ହରିହରଙ୍କର ମୃତ୍ୟୁ ଖବର ପାଇବା ପରେ ଅତ୍ୟନ୍ତ ଶୋକାକୁଳ ପରିବେ। ସୃଷ୍ଟି ହୋଇଥିଲା। ମୃତ ହରିହର ବାଲେଶ୍ୱର ସ୍ଥିତ ବିର୍ଲା ଟାୟାର୍ସ କମ୍ପାନୀରେ ଚାକିରୀ କରି ବାଲେଶ୍ୱରରେ ପରିବାରଙ୍କ ସହ ଘରଭଡ଼ା କରି ରହୁଥିଲେ। ସେ ଗ୍ରାମର ଜଗନ୍ନାଥ ମନ୍ଦିର ନିର୍ମାଣ କରାଯିବା ଉଦ୍ଦେଶ୍ୟରେ ଗାଁକୁ ଆସି ବାଲେଶ୍ୱର ଫେରୁଥିଲେ। ହରିହରଙ୍କ ମୃତଦେହ ଗ୍ରାମକୁ ଆସିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସରପଞ୍ଚ କୀର୍ତ୍ତି ଚନ୍ଦ୍ର ସେଠୀ, ସମାଜସେବୀ ଡ. ସଂଞ୍ଜୟ କୁମାର ଦାସ, ପୂର୍ବତନ ସରପଞ୍ଚ ପ୍ରତିନିଧି ଯତୀନ୍ଦ୍ର କୁମାର ବେହେରା, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ରାଉତ, ସମିତିସଭ୍ୟ ପ୍ରତିନିଧି ଅନୀଲ କୁମାର ନାୟକ, ସାମ୍ବାଦିକ ଚନ୍ଦ୍ରକାନ୍ତ ବାରିକ, ସମାଜସେବୀ ସାଇଶରଣ ବେହେରା, ଶଶିକାନ୍ତ ରାଉଳ, ଅଧାପକ ପ୍ରଦୀପ କର, ଅଭୟ ନାୟକ, କୃପାସିନ୍ଧୁ ସାହୁ, ନିର୍ମାଲ୍ୟ ଜେନା, ଶରତ ନାୟକ, ଅମର ନାୟକ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଶୋଭାଯାତ୍ରାରେ ସାମିଲ ଥିଲେ। ତାଙ୍କ ମୃତ୍ୟୁରେ ତିହିଡ଼ି ବ୍ଲକରେ ଶୋକର ଛାୟା ଖେଳି ଯାଇଛି। ବଡ଼ପୁଅ ବିଶ୍ୱଜିତ୍ ସାହୁ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଅଭିଜିତ ସାହୁ ଓ ପରିବାରବର୍ଗମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ କଲେଜ ଛାତ୍ର ମୃତ

ଅନୁଗୁଳ(ପିପିଏସ୍) : ବଜ୍ରାଘାତରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଏଭଳି ଘଟଣା ଅନଗୋଳ ଜିଲ୍ଲା ପାଲଲହଡା ବ୍ଲକ ଖମାର ଥାନା ଅନ୍ତର୍ଗତ ଜେନାପଡା ଗ୍ରାମରେ ଘଟିଛି । ସୂଚନା ଅନୁସାରେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଙ୍ଗା ଗ୍ରାମର ଯୁବକ ଅମର ବେହେରା ଖମାର ଥାନା ଜେନାପଡା ଗ୍ରାମରେ ଭଡା ଘରେ ରହି ଖମାର କଲେଜ ରେ ପାଠ ପଢୁଥିଲେ । ଆଜି ସନ୍ଧ୍ୟା ସମୟରେ ସେ ଛାତ ଉପରେ ବସିଥିବା ବେଳେ ତାଙ୍କ ନିକଟରେ ବଜ୍ରପାତ ହୋଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଖମାର ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘର ବୈଠକ



ଖଣ୍ଡପଡ଼ା(ପିପିଏସ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘର ୧୫ଦଶ ତମ ବୈଠକ ଭାପୁର ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୟାଗଡ ଜିଲ୍ଲା ସଭାପତି ଅଶୋକ ମହାପାତ୍ର, କଟକ ଜିଲ୍ଲା ସମ୍ପାଦକ ଭାଗିରଥି ରଣା, ପୁରୀ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ମହାପାତ୍ର, ଅନୁଗୁଳ ଜିଲ୍ଲା ସଦସ୍ୟ ହରେକୃଷ୍ଣ ମହାପାତ୍ରଙ୍କ ସମେତ ରାଜ୍ୟରୁ ଶତାଧିକ ଶୈବ ପୂଜକ ଯୋଗ ଯୋଗଦେଇଥିଲେ । ଏହି ବୈଠକରେ , ଶୈବ ପୂଜକ ମାନଙ୍କର ସମାଜରେ ସମ୍ମାନ,ସ୍ୱାଭିମାନ ରକ୍ଷା ଓ ସେମାନଙ୍କର ସୁରକ୍ଷା , ଜମି ଜମା ସଂକ୍ରାନ୍ତୀୟ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ସାମିଲ୍ କରିବା ଓ ସ୍ଥାୟୀ ବାସିନ୍ଦା ପ୍ରମାଣର ବ୍ୟବସ୍ଥା କରିବା ଆଦି ଦାବି ଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାପାଇଁ ନିଷ୍ପତି ହୋଇଥଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଲଳିତ ମହାପାତ୍ର , ମୁଖ୍ୟ ବକ୍ତା ରୂପେ ବ୍ୟୋମକେଶ ମହାପାତ୍ର, ମୁଖପାତ୍ର ଜିତେନ୍ଦ୍ର କୁମାର ରଣା, ସମ୍ମାନିତ ଅତିଥି ରୂପେ ରଞ୍ଜନ ରଣା, ଅଶୋକ ମହାପାତ୍ର, ହରେକୃଷ୍ଣ ମହାପାତ୍ର , ଶରତ ମହାପାତ୍ର ଯୋଗଦେଇଥିବା ବେଳେ ପ୍ରଦୀପ କୁମାର ରଣା ମଞ୍ଚ ସଂଯୋଜନା ଓ ଦୀପକ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାପୁର ଶୈବ ପୂଜକ ସମାଜର ସଦସ୍ୟମାନେ ପରିଚାଳନା କରିଥିବାବେଳେ କେଦାର ମହାପାତ୍ର ଧନ୍ୟବାଦ ପୂର୍ବକ ସଭାସାଙ୍ଗ କରିଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ବିଜେଡି ଲିଗାଲଫ୍ରଣ୍ଟ ତରଫରୁ ଟ୍ରେନ ଦୁର୍ଘଟଣା ପାଇଁ ସାମୁହିକ ଦୀପଦାନ

କେନ୍ଦ୍ରାପଡ଼ା, (ହି.ସ.): ବାଲେଶ୍ୱର ଜିଲ୍ଲା ବାହାନାଗା ରେଲ ଷ୍ଟେସନ ଟ୍ରେନ ଦୁର୍ଘଟଣା ଘଟି ୩୦୦ରୁ ଉର୍ଦ୍ଧ ଲୋକଙ୍କ ମୃତ୍ୟୁ ଘଟିଥିବାରୁ ମୃତକଙ୍କ ପରିବାରକୁ ଶୋକ ଶାନ୍ତନା ଓ ୯୦୦ରୁ ଉର୍ଦ୍ଧ ଲୋକ ଆହାତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଲୋକ ଅତ୍ୟନ୍ତ ଗୁରତର ଥିବାର ଜଣାଯାଇଛି। ସେମାନେ ସମସ୍ତେ ଅନେକ ବଡ ମେଡିକାଲରେ ଆଡମିସନ ହୋଇ ଚିକିତ୍ସିତ ହେଉଅଛନ୍ତି। ସେମାନଙ୍କ ସୁସ୍ଥ ଓ ଆରୋଗ୍ୟ କାମନା କରି କେନ୍ଦ୍ରାପଡା ଜିଲ୍ଲାର ବିଜେଡି ଲିଗାଲପ୍ରଂଟ ପକ୍ଷରୁ ଆଇନଜୀବୀମାନେ ଗରାପୁର ଠାରେ ଥିବା ଦକ୍ଷିଣ କାଳୀ ମନ୍ଦିରରେ ସାମୁହିକ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ବିଜେଡି ଲିଗାଲଫ୍ରଂଟର କାର୍ଯ୍ୟକାରୀ ସଭାପତି ସଂଜୟ କୁମାର ଜେନାଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ରଂଜନ କୁମାର ପଣ୍ଡା, ରମାକାନ୍ତ କାନୁନଗୋ, ରମାକାନ୍ତ ସ୍ୱାଇଁ, ସୁବାଷ ଭଦ୍ର, ମୋହନ ସାହୁ, ଦିଲିପ ପରିଡା, ନିରଞ୍ଜନ ବଳ, ଶିଶିର ମଲିକ, ମାନସ ରଂଜନ ଧଳ, ହରି ପ୍ରସାଦ କର, ବ୍ରଜ ସୁନ୍ଦର ରାଉତ, ଇତିହାସ ଲେଙ୍କା, ଶାନ୍ତି ସ୍ୱରୂପ ଭୂୟାଁ, ମନୋଜ ସାହୁ, ହେମନ୍ତ ସାହୁ, ସରୋଜ ଜେନା, ବିରେନ୍ଦ୍ର ଦାସ, ଗୋବର୍ଦ୍ଧନ ରାଉତ, ଅଜୟ ମହାନ୍ତି, ତମସା ପାତ୍ର, ରେଣୁବାଳା ସାମଲ, ଆଶୁତୋଷ ମହାନ୍ତି, ମାନସ ମହାନ୍ତି, ଚୌଧୁରୀ ସୁବାଷ ମିଶ୍ର, ସୁରେଶ ନାୟକ, ଅନନ୍ତ ଚରଣ ସାହୁ, ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ମାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ସମସ୍ତ ଆହତ ହୋଇଥିବା ଲୋକ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ।।

# ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ନିରବ ପ୍ରାର୍ଥନା

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ସ୍ଥିତ ସାଇ ନଲେଜ ଟିୟୁଟୋରିଆଲ ଅନୁଷ୍ଠାନ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଶତାଧିକ ଯାତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା ଓ ଆହତ ହୋଇଥିବା ଶହ ଶହ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ କରାଯାଇଛି । ତିନିମୁହାଣୀ ଶ୍ରୀରାମ ମନ୍ଦିର ପରିସରରେ ତାପସ କୁମାର ପରିଡାଙ୍କ ସହିତ ବିବେକାନନ୍ଦ ମହାରଣା ଓ ଶତାଧିକ ଛାତ୍ରଛାତ୍ରୀ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ । ସେହିଭଳି ଚାଟରାପାଟଣା ସ୍ଥିତ ସିରିଡି ସାଇ ମନ୍ଦିରରେ ବାହାନଗା ରେଳ ଦୁର୍ଘଟଣାରେ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରି ଓ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ବରିଷ୍ଠ ଆଇନଜୀବି ତମସା ପାତ୍ରଙ୍କ ନେତୃତ୍ୱରେ ତପନ କୁମାର ରାଉୟ, ମିନାକ୍ଷୀ ରାୟ, ତାପସ ରାଉତରାୟ, କାଦମ୍ବିନୀ ମହାନ୍ତି, କଳ୍ପନା ସାହୁ, ଗୀତା ଗୋଛାୟତ, ଦିଲିପ ମହାନ୍ତି, ପ୍ରମୋଦ ମହାନ୍ତି, ରଶ୍ମିତା ସାହୁ, ରବିନ୍ଦ ମଲିକ ପ୍ରମୁଖ ୧୦୮ ଦୀପ ଦାନ କରିଥିବା ଜଣାପଡିଛି।

# ଦେଶୀମଦ ଜବତ, ବେପାରୀକୋର୍ଟଚାଲାଣ

କୋରେଇ, (ହି.ସ.) - ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅଂଚଳରୁ ଦେଶୀ ମଦ ବେପାର ଖବର ପାଇ ଶୁକ୍ରବାର ସନ୍ଧ୍ୟାରେ ପୁଲିସ ଚଢାଉ କରିଥିଲା । ଚଢାଉ ସମୟରେ ଖମଣ ପଂଚାୟତ ବଢେଇଟିକର ଗ୍ରାମର ଗୁଣ୍ଡୁଚି ମଲିକଙ୍କ ପୁଅ ଅମର ମଲିକ(୪୪) ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବାରୁ ତାକୁ ଯାଂଚ କରିଥିଲା । ଯାଂଚ ସମୟରେ ତା ନିକଟରୁ ୨୦ ବୋତଲ ଆସ୍କା ଫର୍ଟି ଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଥିଲା। ତାକୁ ଧରି ଥାନାକୁ ଆଣିବା ପରେ ଏକ ମାମଲା ୧୨୯/୨୩ ରୁଜୁ କରାଯାଇଥିଲା । ଆଜି ଅମରକୁ ଦଫା ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଅମୀୟ କୁମାର ବେହେରାଙ୍କ ସୂତ୍ରରୁ ପ୍ରକାଶ ।

# କୃତୀ ଛାତ୍ରଛାତ୍ରୀ ଓ ପୂର୍ବତନ ପ୍ରଧାନଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ସରସଦା ସ୍କୁଲ ଶତବାର୍ଷିକୀ ଉତ୍ସବ



ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବର ଅନୁଷ୍ଠିତ ଦ୍ୱିତୀୟ ଦିବସ ପ୍ରାକ୍ତନ ଛାତ୍ର ତଥା ନାଟ୍ୟକାର ସୁଧାକର ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ମୁଖ୍ୟଅତିଥି ପୂର୍ତ୍ତି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଣିତକାନ୍ତି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପରିଚୟ ଛାତ୍ରଛାତ୍ରୀମାନଙ୍କ ସଫଳତାରେ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଗୋଲକ ଚନ୍ଦ୍ର ମହାନ୍ତି, ଲଳିତ କୁମାର ରାଉତ, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସ୍ଥାନୀୟ ସମିତି ସଭ୍ୟା କମଳା ଯେନା ମଞ୍ଚାସୀନ ଥିଲେ। ଉତ୍ସବରେ ମୁଖପତ୍ର 'ସରସଦା ଜ୍ୟୋତି' ଓ 'ଗୁଣବନ୍ତ ପୁଅ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ପାର୍ବତୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଶ୍ରୀମତୀ ପାତ୍ରଙ୍କ ପ୍ରଧାନଶିକ୍ଷୟତ୍ରୀ କାଳରେ ବିଦ୍ୟାଳୟ ବିଶେଷ ସଫଳତା ଅର୍ଜନ କରିଥିଲା। ୨୦୧୦ ମସିହାରେ ଏକକାଳୀନ ୩ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀ ବୃତ୍ତିରେ ବ୍ଲକସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିବାକୁ ବିଦ୍ୟାଳୟ ସକ୍ଷମ ହୋଇଥିଲା। କାର୍ତ୍ତିକ ସ୍ୱାଇଁଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ, ଶିକ୍ଷାବିତ ନଟବର ରାଉଳ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଭରତ ଚନ୍ଦ୍ର କରଣ ମଂଚ ଆବାହନ ସହ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଜୟପ୍ରକାଶ ସ୍ୱାଇଁ, ସୁବାସ ନନ୍ଦ, ନୃସିଂହ ସ୍ୱାଇଁ, ଅଶୋକ ନାୟକ, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପିଲାଙ୍କ ପାଇଁ ବ୍ୟକ୍ତିତ୍ୱ ବିକାଶ ଶିବିର 'ପ୍ରେରଣା'ଉଦ୍‌ଯାପିତ




କଟକ(ପିପିଏସ୍): ତିନି ଦିନ ଶିଶୁ କିଶୋରମାନଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଫୁଲନଖରା ନିକଟ ବିଶ୍ୱଶାନ୍ତି ସରୋବର ବ୍ରହ୍ମାକୁମାରୀ ସଂଗଠନ ପକ୍ଷରୁ ଚାଲିଥିବା ତିନି ଦିନିଆ ଶିବିର ଉଦ୍‌ଯାପିତ ହୋଇଛି। ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସେମାନଙ୍କୁ ଛୋଟ ବେଳରୁ ସେହି ଅନୁସାରେ ତିଆରି କରିବାକୁ ପଡିବ। ଶିଶୁମାନେ ସ୍ୱାଭାବିକ ଭାବରେ ନିଷ୍ପାପ, ପରନ୍ତୁ ପରିବେଶର ପରିସ୍ଥିତି ପ୍ରଭାବରେ କିଏ ଭଲ ମଣିଷ ହୁଅନ୍ତୁ ତ କିଏ ଖରାପ ମଣିଷ ହୁଅନ୍ତି। ନୈତିକ, ଆଧ୍ୟାତ୍ମିକ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ମାଧ୍ୟମରେ ଦେଶର ଭବିଷ୍ୟତ ନାଗରିକଙ୍କୁ ଭଲ ମଣିଷ ରୂପେ ଗଢାଯାଇ ପାରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨୫ ଜଣ ଶିଶୁ କିଶୋର ଯୋଗ ଦେଇଥିଲେ। ଗତ ଜୁନ୍ ୧ ତାରିଖ ଦିନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ କଟକ ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହିଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସାକର୍ତ୍ତା ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଗଲେ ଶିକ୍ଷା ବିଭାଗ ପକ୍ଷରୁ ସହଯୋଗ ଦିଆଯିବ ବୋଲି କହିଥିଲେ। କଟକ ସବ୍‌ଜୋନ୍‌ର ସଂଯୁକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ପିଲାମାନଙ୍କ ଭିତରେ ଆତ୍ମା ପରମାତ୍ମାଙ୍କର ଜ୍ଞାନକୁ ଏହି ଶିବିର ମାଧ୍ୟମରେ ସହଜ ମାଧ୍ୟମ ବୋଲି କହିଥିଲେ। ସମାରୋହରେ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ବ୍ର.କୁ. ଅରୁଣ କୁମାର ପଣ୍ଡା କହିଲେ ଯେ, ଛୋଟ ବୟସରୁ ପ୍ରଖର ଆତ୍ମବିଶ୍ୱାସ ସହିତ ସଂକଳ୍ପ ନେଲେ ବହୁ ବଡ ବଡ କାମ କରାଯାଇପାରିବ। ଏହି ସମ୍ପର୍କରେ ସେ ମହାବୀର ହନୁମାନ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କର ଉଦାହରଣ ଦେଇଥିଲେ। ଆଚାର୍ଯ୍ୟ ହରିହର କଟକ ଗବେଷଣା କେନ୍ଦ୍ରର ପ୍ରଶାସିକା ଅଧିକାରୀ ବ୍ର.କୁ. ପ୍ରତିଭା, ଓମ୍ ସାଇ ହସ୍‌ପିଟାଲ୍‌ର ଅରବିନ୍ଦ ନାୟକ, ଚଳଚ୍ଚିତ୍ର ଅଭିନେତ୍ରୀ ସୁଇଟି ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ପିଲାଙ୍କ ପାଇଁ ଆୟୋଜିତ ଗ୍ରୀଷ୍ମ ଶିବିରର ବହୁୟସୀ ପ୍ରଂଶସା କରିଥିଲେ। ବ୍ର.କୁ. ଦେବସ୍ମିତା ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ବ୍ର.କୁ.ଲୀନା। ବ୍ର.କୁ ନିବେଦିତା ସ୍ୱାଗତ ସଂଗୀତ ଏବଂ ବ୍ର.କୁ. ଶ୍ୱେତପଦ୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନ ସମାରୋହରେ ଓଡିଶା ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ଏବଂ ପ୍ରଫେସର କାଞ୍ଚନ ଚୌଧୁରୀ, ଅତିଥି ରୂପେ ଯୋଗ ଦେଇଥିଲେ।

## ମୋ ବସ୍ ଧକ୍କାରେ ଜଣେ ମୃତ

କଟକ ସଦର,(ପିପିଏସ୍): ଶନିବାର ସନ୍ଧ୍ୟା ସମୟରେ ଧବଳେଶ୍ୱରରୁ କନ୍ଦରପୁର ଯାଉଥିବା 'ମୋ ବସ୍' ନଂ. ୦୦୦୫-୧୭୦୩୬୪୨ ମୌଜା ମୁଖ୍ୟ ରାସ୍ତାର ଦଧିବାମନପୁର ପଞ୍ଚାୟତର ଶ୍ରୀରାମ ବଜାରଠାରେ ନିରୋଦ ସାମଲ (୪୫) ନାମକ ବ୍ୟକ୍ତି ଉପରେ ଚଢ଼ାଇଦେବା ଫଳରେ ବ୍ୟକ୍ତି ଜଣକର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ୪୨ ମୌଜା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସର ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଥାନାରେ ଅଟକ ରଖିବା ସହିତ ଦୁର୍ଘଟଣାଗ୍ରସ୍ତ ନିରୋଦ ସାମଲକୁ କଟକ ବଡ଼ମେଡ଼ିକାଲକୁ ପଠାଇଥିଲେ ହେଁ ସେଠାରେ ତା'ର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଥାନା ପୁଲିସ ମୋ ବସକୁ ଥାନାକୁ ନବାକୁ ଚାହିଁଥିଲେ ହେଁ ସ୍ଥାନୀୟ ଲୋକମାନେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ରେଳ ଦୁର୍ଘଟଣାରେ ଦିବଂଗତମାନଙ୍କୁ ଶ୍ରଦ୍ଧାଞ୍ଜଳି



ଚୌଦ୍ୱାର,(ପିପିଏସ୍): ବାଲେଶ୍ୱର ଜିଲ୍ଲା ବାହନଗା ଠାରେ ଶୁକ୍ରବାର ଘଟିଥିବା ଭୟାବହ ରେଳ ଦୁର୍ଘଟଣାରେ ବହୁ ଯାତ୍ରୀଙ୍କ ଜୀବନ ହାନି ହେବା ସହିତ ବହୁ ଲୋକ ଗୁରୁତର ଆହତ ହୋଇଛନ୍ତି । ଏହି ଦୁଃଖଦ ଘଟଣା ସାରା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏହି ପ୍ରେରିପେକ୍ଷିରେ ଚୌଦ୍ୱାର ପୌର ପରିଷଦ ପକ୍ଷରୁ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିବଂଗତ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ପୌର ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ଶୁଭେନ୍ଦୁ ସାମଲ,ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, କାଉନସିଲର ଅଶୁତୋଷ ଦାସ,ସୁଜାତା ସାହୁଙ୍କ ସମେତ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ରହି ମୃତକ ମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।ଏଥବ ସହିତ ଅହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରା ଯାଇଥିଲା ।ଚୌଦ୍ୱାର ପ୍ରେସ କ୍ଲବ ପରିସରରେ କ୍ଲବ ସଭାପତି ତଥା ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ,ଅଧାପକ ସୌରେନ୍ଦ୍ର ପଣ୍ଡା,ପ୍ରକାଶ ନାୟକ,ସୁଧାକର ସାମନ୍ତରାୟ,ଅଶୋକ କୁମାର ଦାସ,ଅଜୟ କୁମାର କାଳିଆ,ବିଶ୍ୱଜିତ୍ ଭଞ୍ଜ,ସହଦେବ ବରାଳ,ଶିବ ନାରାୟଣ ପତି ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବୌଦ୍ଧ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିପିଏସ୍): ବୌଦ୍ଧ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ପରିସୀମା ଏବଂ ଜିଜ୍ଞାସାକୁ ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଚଳିତ ୨୦୨୩ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ମାର୍କ ରଖିଥିବା ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ତିନିଦିନିଆ ଶୈକ୍ଷିକ ଭ୍ରମଣ (ଷ୍ଟଡି ଟୁର) କାର୍ଯ୍ୟକ୍ରମ କରାଯାଇଛି । ଏହି ଛାତ୍ରଛାତ୍ରୀମାନେ ଆଜି ସକାଳେ ଭୁବନେଶ୍ୱର ପହଂଚିବା ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସେମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଭବିଷ୍ୟତ ପାଠପଢ଼ା ସମ୍ବନ୍ଧରେ ଆଲୋଚନା କରିଥିଲେ। କଠିନ ପରିଶ୍ରମ ଓ ଅଧବସାୟ ବଳରେ ଛାତ୍ରଛାତ୍ରୀମାନେ ଭଲ ନମ୍ବର ରଖି ଦଶମ ଶ୍ରେଣୀରୁ ଉତୀର୍ଣ୍ଣ ହୋଇଛନ୍ତି । ଏହି ଧାରାକୁ ଅବ୍ୟାହତ ରଖି ଆଗାମୀ ଦିନରେ ନିଜ ଗ୍ରାମ ଓ ବୌଦ୍ଧ ଜିଲ୍ଲା ପାଇଁ ଅଧିକ ସୁନାମ ଆଣିବା ପାଇଁ ସେମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀ ଶ୍ରୀ ଅମାତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସୂଚନାଯୋଗ୍ୟ ଯେ ଅର୍ପିତା ପ୍ରିୟଦର୍ଶିନୀ (୫୫୮ ମାର୍କ), ଅର୍ପଣା ମହାପାତ୍ର (୫୫୬ ମାର୍କ) ଏବଂ ଓମ୍ ପ୍ରକାଶ ହୋତା (୫୫୦ ମାର୍କ) ରଖି ଜିଲ୍ଲାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରଛାତ୍ରୀମାନେ ଏହି ଶୈକ୍ଷିକ ଭ୍ରମଣ (ଷ୍ଟଡି ଟୁର)ରେ ଆଇଆଇଟି, ପଦାର୍ଥ ବିଜ୍ଞାନ ଅନୁଷ୍ଠାନ, ଏମସ୍, ପରିଜା ପାଠାଗାର, କିସ୍ ଆଦି ବିଭିନ୍ନ ଅନୁଷ୍ଠାନକୁ ଯାଇ ବିଭିନ୍ନ ପ୍ରକାର ଜ୍ଞାନ ଆହରଣ କରିବେ । ଛାତ୍ରଛାତ୍ରୀଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝୀ, ଜୟନ୍ତ କୁମାର ପ୍ରଧାନ, ଆନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ମନୋଜ କୁମାର ସାହୁ, ମନ୍ଦାକିନୀ ବାଗର୍ତୀ, ପଦ୍ମଜା ପତି, ଶ୍ରଦ୍ଧା ସାହୁ, ଅନୀଲ କୁମାର ନନ୍ଦ ପ୍ରମୁଖ ଶୈକ୍ଷିକ ଭ୍ରମଣ ସମୟରେ ରହିବେ ।

## ବାଙ୍କୀ କଲେଜ ରୋଭର ସ୍ୱେଚ୍ଛାସେବୀଙ୍କ ପୁରୀ ଦେବସ୍ନାନ ପୂର୍ଣ୍ଣିମା ସେବା ଶିବିରରେ ଯୋଗଦାନ

ବାଙ୍କୀ,(ପିପିଏସ୍): ବଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ସ୍ୱେଚ୍ଛାସେବୀ କୃଷ୍ଣ ମୁରାରୀ ମହାପାତ୍ର, ସୌମ୍ୟ ରଞ୍ଜନ ମହାରଣା, ସମ୍ୟଜିତ୍ ସ୍ୱାଇଁ, ବାସୁଦେବ ସାହୁ ଓ ପ୍ରଜ୍ଞାପ୍ରିତମ ବେହେରା ପ୍ରମୁଖ ଆଜି ପୁରୀ ଜଗନ୍ନାଥ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା ସେବା ଶିବିରରେ ଯୋଗଦେଇ ଆଇନଶୃଙ୍ଖଳା ଓ ସେବା କାର୍ଯ୍ୟରେ ନିୟୋଜିତ ହୋଇ ପ୍ରଶଂସୀତ ହୋଇଛନ୍ତି। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ସେବା କାର୍ଯ୍ୟପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ଦେବଗିରି ପୀଠରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାଙ୍କୀ,(ପିପିଏସ୍): ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା-ବାଣିଆ ଦେବଗିରି ପୀଠରେ ଆସନ୍ତା ରଥ ଓ ବାହୁଡା ଯାତ୍ରା ଉପଲକ୍ଷେ ଦେବଗିରି ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଦେବଗିରି ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଦେବଗିରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ସମାଜସେବୀ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜୁନ୍ ୨୦ ରଥ ଯାତ୍ରା ଓ ୨୮ରେ ବାହୁଡା ଯାତ୍ରା ଅପରାହ୍ନ ୨ଟା ସୁଧା ସମସ୍ତ କାର୍ଯ୍ୟ ସମାପନ ହୋଇ ରଥ ଟଣା ଆରମ୍ଭ ହେବା ସହ ଅପରାହ୍ନ ୫ଟା ସୁଧା ସମସ୍ତ କାର୍ଯ୍ୟ ଶେଷ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜ ଉପାଧକ୍ଷ ପ୍ରାଧପାକ ମନୋଜ କୁମାର ମହାପାତ୍ର ଯୋଗଦାନ କରି କହିଥିଲେ ବାଙ୍କୀ ଉପଖଣ୍ଡରେ ଦେବଗିରି ପୀଠର ଜଗନ୍ନାଥଙ୍କ ରଥର ସ୍ୱତନ୍ତ୍ରତା ରହିଛି ଏବଂ ଏହି ରଥଯାତ୍ରାରେ ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କର ଜନ ସମାବେଶ ହେଉଛି। ଏଣୁ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ ଆବଶ୍ୟକ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତାଭାବରେ ପଣ୍ଡିତ ଲକ୍ଷ୍ମୀଧର ପଣ୍ଡା ଶର୍ମା ଯୋଗଦାନ କରି ରଥଯାତ୍ରା ଦିନ ଅଭଡା କିପରି ସୁରୁଖୁରୁରେ ଜନସାଧାରଣ ପାଇପାରିବେ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଦେବଗିରି ସାହିତ୍ୟ ସଂସଦର ସଭାପତି ରବିନାରାୟଣ ମଙ୍ଗରାଜ, ଆଇନଜୀବୀ ସୁଶାନ୍ତ କୁମାର ଭଟ୍ଟ, ଅଧ୍ୟାପକ ଆଶିଷ କୁମାର ପାଢୀ, ପୂର୍ବତନ ସରପଞ୍ଚ ରଘୁନାଥ ସ୍ୱାଇଁ, ଧନେଶ୍ୱର ବଳିୟାର ସିଂହ, ବିଜୟ କୁମାର ପ୍ରତିହାରୀ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଶିକ୍ଷକ ବିଜୟ ମହାନ୍ତି, ନରୋତ୍ତମ ବେହେରା, ଭିକାରୀ ପାଣି, ହରିବନ୍ଧୁ ପଣ୍ଡା, କରୁଣାକର ସିଂହ, ମଧୁସୂଦନ ରାଉତରାୟ, ଗଙ୍ଗାଧର ଓଝା , ରବିନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦାନ କରି ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ପରିଚାଳନା କମିଟିର ସଂପାଦକ ସଦାଶିବ ଦାଶ ପୂର୍ବବର୍ଷର ବିବରଣୀ ପାଠ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶେଷ କରି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବୈଦ୍ୟେଶ୍ୱର ଥାନା ପୋଲିସ୍ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏଥି ସହିତ ରଥ ଦାଣ୍ଡ ସଫା, ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ରାସ୍ତା ମରାମତି ସଂପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଯୁବସମାଜସେବୀ ଜୟପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣା

# ବିଦ୍ୟୁତ୍ ବିଭାଗ ଜେନେରାଲ ମ୍ୟାନେଜର ନାରାୟଣ ଦାଶଙ୍କ ପରଲୋକ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ପୌରାଞ୍ଚଳ ଅନ୍ତର୍ଗତ ୯ନଂ ଓ୍ୱାର୍ଡ ମଣିସାହି ଗ୍ରାମର ବିଦ୍ୟୁତ୍ ବିଭାଗ ଜେନେରାଲ ମ୍ୟାନେଜର ନାରାୟଣ ଦାଶଙ୍କର ବାଲେଶ୍ୱର ଜିଲା ବାହାନଗା ଠାରେ କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ସେ ବାଲେଶ୍ୱରରୁ କରମଣ୍ଡଳ ଟ୍ରେନ୍‌ରେ ନିଜ ଘର ମଣିସାହିକୁ ଫେରୁଥିଲେ। ସେହି ସମୟରେ ଟ୍ରେନ୍ ଦୁର୍ଘଟଣା ହୋଇଥିଲା। ଏବଂ ସେହି ଦୁର୍ଘଟଣାରେ ସେ ପ୍ରାଣ ହରାଇଥିଲେ। ତାଙ୍କର ଡାହାଣ ଗୋଡର ଆଣ୍ଠୁ ତଳୁ କଟିଯାଇଥିବାର ଦେଖାଯାଇଥିଲା। ତାଙ୍କୁ ବାଲେଶ୍ୱର ମେଡିକାଲ ନିଆଯାଇ ଚିକିତ୍ସା ପରେ ସକାଳ ୭ ଘଟିକା ମଣିସାହି ସ୍ଥିତ ବାସଭବନକୁ ତାଙ୍କର ମର ଶରୀରକୁ ଅଣାଯାଇଥିଲା। କାନ୍ଦ ବୋବାଳି ଓ ଶୋକାକୁଳରେ ଫାଟିପଡିଥିବା ସମଗ୍ର ଗାଁ। ତାଙ୍କର ମର ଶରୀରକୁ ଦେଖି କେହିବି ବିଶ୍ୱାସ କରିପାରୁନାହାଁନ୍ତି। ତାଙ୍କର ମୃତ୍ୟୁ ଖବର ପାଇ ଇଲେକ୍ଟ୍ରି ବିଭାଗର ଅଫିସର ଓ କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏବଂ ସାଙ୍ଗସାଥୀ, ଆତ୍ମୀୟ ସ୍ୱଜନ ଓ ଗାଁ ଲୋକେ ମଧ ଲୁହ ଗଡାଇଥିଲେ। ପରେ ତାଙ୍କ ମର ଶରୀରକୁ ସମଗ୍ର ଗାଁ ପରିକ୍ରମା କରାଯାଇ ତାଙ୍କର ପୈତୃକ ଘର କୁପାରୀକୁ ନିଆଯାଇ ସତ୍କାର କାର୍ଯ୍ୟ ସଂପନ୍ନ କରାଯାଇଛି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ଭଦ୍ରକ, (ପିପିଏସ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ବାଲିପାଟଣା, ଭଦ୍ରକଠାରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର ବିଚ୍ଛରପତି (ପୋକ୍‌ସୋ) ଭଦ୍ରକ, ମୁକ୍ତିରଞ୍ଜନ ଶତପଥୀ ଏହି ସଚେତନତା କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ସଚିବ ନେହା ଅଗ୍ରୱାଲ ଏହାକୁ ପରିଚ୍ଛଳନା କରିଥିଲେ। ଭଦ୍ରକ ବାର୍ ଆସୋସିଏସନ୍‌ର ଅଧକ୍ଷ ନିରାକାର ଜେନା , ରିଟେନର ଆଡ଼ଭୋକେଟ୍ କାହ୍ନୁ ଚରଣ ବାରିକ୍, ଡ. ତାପସ କୁମାର ମହାନ୍ତି, ପ୍ୟାନେଲ, ଓକିଲ ରାଜିବ୍ କୁମାର ବାରିକ୍, ପ୍ୟାନେଲେ ଓକିଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଶିଶୁଙ୍କ ସହ ଜଡ଼ିତ ଯୌନ ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। ତତ୍‌ସହିତ ନାଗରିକ ମାନଙ୍କର ସମାଜପ୍ରତି ମୌଳିକ କର୍ତ୍ତବ୍ୟ ସବୁ କ'ଣ ରହିଛି ସେସବୁ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ମହିଳା ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ।

# ବାଙ୍କୀରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ,(ପିପିଏସ୍): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ କଟକ ଜିଲ୍ଲାର ବଭିନ୍ନ ସ୍ଥାନରେ ନେହୁରୁ ଯୁବସଂଗଠନ କଟକର ଯୁବ ସଂଯୋଜକ ଆଶୋକ କୁମାର ଦାଶଙ୍କ ନେତୃତ୍ୱରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତସ୍ଥ ସାମନ୍ତରାୟପୁର ଇନ୍ଦିରା ପ୍ରିୟଦର୍ଶିନୀ ହରିଜନ ଆଦିବାସୀ ଉଚ୍ଚବିଦ୍ୟାଳୟ ଠାରେ ବାଙ୍କୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ଆନୁକୁଲ୍ୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ଉପାଧକ୍ଷ ତଥା ପ୍ରାଣୀ ବିଜ୍ଞାନୀ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଗଦାନ କରି ପରିବେଶ କାହାକୁ କୁହାଯାଏ , ପରିବେଶର ଯତ୍ନ କିପରି ନିଆଯିବ ଏବଂ ବୃକ୍ଷରୋପଣର ଆବଶ୍ୟକତା ଉପରେ ବହୁ ଉଦାହରଣ ମାଧ୍ୟମରେ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କାଶିନାଥ ରାଉତ ଯୋଗଦାନ କରି ପରିବେଶ ସୁସ୍ଥ ରହିଲେ ଜନସମାଜ ସୁସ୍ଥ ରହିବ ବୋଲି ଆଲୋକପାତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଷଡଙ୍ଗୀ ସଭାପତିତ୍ୱ କରି ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ପରିବେଶ ସଚେତନତା ଦିଗରେ କାର୍ଯ୍ୟକରିବେ ବୋଲି କହିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା ପାଇଁ ସମସ୍ତେ ନିଜ ନିଜ ବାଡି ବଗିଚ୍ଛରେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବେ ବୋଲି ଶପଥ କରିଥିଲେ।

# ବାଙ୍କୀ କଲେଜ ଯୁକ୍ତ ଦୁଇ ବିଜ୍ଞାନରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବାଙ୍କୀ,(ପିପିଏସ୍): ଚଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବାଙ୍କୀ କଲେଜର ଛାତ୍ର ଦିଲ୍ଲୀପ୍ କୁମାର ବେହେରା ଶ୍ରେଷ୍ଠ ସ୍ଥାନ ଅଧିକାର କରି ଟପ୍ପର ହୋଇଥିବାରୁ ଆଜି ତାଙ୍କ ବାସଭବନ ଠାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯାଇଛି। ଏହି ପରିପେକ୍ଷୀରେ ବାଙ୍କୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ତରଫରୁ ଶ୍ରୀ ବେହେରାଙ୍କୁ ଉପଢ୍ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ତଥା ବାଙ୍କୀ କଲେଜର ଉପାଧକ୍ଷ ପ୍ରାଧପାକ ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜଗଦିଶ ପଣ୍ଡା, ପରିଷଦର ଆବାହକ ଅକ୍ଷୟ କୁମାର ସାମଲ, କବି ଲଲାଟେନ୍ଦୁ ପଣ୍ଡା ଓ ରତ୍ନାକର ବେହେରା ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ।

# 'ଆମ ସମ୍ବଲ'ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ପାଳିତ




କଟକ,(ପିପିଏସ୍): ସାମାଜିକ ସଂଗଠନ 'ଆମ ସମ୍ବଳ'ର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଗାନ୍ଧୀଭବନ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ସୁଶା' କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଥପରାମର୍ଶଦାତା ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ମନୋରନ ମହାପାତ୍ର, ସମ୍ମାନିତ ବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସୁସାହିତ୍ୟିକ ଭିକାରୀ ଚରଣ ମହାପାତ୍ର ସମ୍ମାନିତ ଅତିଥିଭାବେ ସମାଜସେବୀ ତଥା କର୍ପୋରେଟର ଗଗନ ଓଝା ଏବଂ ବରିଷ୍ଠ ଆଇନଜୀବୀ ସୌଭାଗ୍ୟ ସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ମୁଖପତ୍ର 'ଆମ କଥା' ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିକ୍ଷା ତଥା ପରିବେଶ କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍ ଅନ୍ତର୍ଗତ ଗେଡ଼ମା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଷ୍ଣୁପ୍ରସାଦ ପାଢ଼ୀ ଏବଂ ସମାଜସେବା କ୍ଷେତ୍ରରେ ସୁଶ୍ରୀ ସନ୍ଧ୍ୟାରାଣୀ ଦଳେଇଙ୍କୁ 'ଉମାଦେବୀ ସ୍ମୃତି ସମ୍ମାନ-୨୦୨୩', ସ୍ୱାସ୍ଥ୍ୟ କ୍ଷେତ୍ରରେ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟର ବରିଷ୍ଠ ଚିକିତ୍ସକ ଡାକ୍ତର ମାସୁଦ ଅଲ୍ଲୀ ଖାଁଙ୍କୁ 'ସୁଧାକର ସ୍ମୃତି ସମ୍ମାନ-୨୦୨୩' ଏବଂ ସାମ୍ବାଦିକତା କ୍ଷେତ୍ରରେ ଦୈନିକ ଖବରକାଗଜ 'ପ୍ରଗତିବାଦୀ'ର ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ସାମ୍ବାଦିକ ପ୍ରଦୀପ କୁମାର ସାହୁଙ୍କୁ 'ନାରଦ ସମ୍ବଳ ସମ୍ମାନ-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ମହାରାଣୀ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉପସଭାପତି ବିକ୍ରମ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ମାନସ ରଂଜନ ପରିଡ଼ା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପ୍ରଫେସର ଆଲୋକେଶ ରାୟ 'ଆମ କଥା' ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଗୀତାଞ୍ଜଳି ମିଶ୍ର, ପ୍ରଭାସିନୀ ଜେନା, ସୁସ୍ମିତା ମହାନ୍ତି ଏବଂ ଦେବେନ୍ଦ୍ର ମୋହନ ଗମାଙ୍ଗ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଆଇନଜୀବୀ ଶୁଭାଶିଷ ମହାନ୍ତି, ସୋମନାଥ ରାଉତ, ମହାଶିଷ ପ୍ରସାଦ, ଗଣେଶ୍ୱର ସ୍ୱାଇଁ, ରମାକାନ୍ତ ଦାସ, ମନ୍ମଥ ସାହୁ, ଜ୍ୟୋତିଷ ବେହେରା, ବିଜୟ କୁମାର ବେହେରା, ଶୁଭାନ୍ତ ଦାସ, ବିଚିତ୍ରାନନ୍ଦ ବେହେରା, ରାଜା ସ୍ୱାଇଁ, ବିନିତା ନନ୍ଦୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ। ଭାଗ୍ୟଶ୍ରୀ ଗମାଙ୍ଗ, ଶକ୍ତିସ୍ୱରୂପା ସିଂହସାମନ୍ତ ଏବଂ ବିଶ୍ୱରୂପା ସିଂହସାମନ୍ତ, ପିୟାଲି ମିଶ୍ର, ଶ୍ରାବଣୀ ଶୁଭଦର୍ଶିନୀ ବିଶୋଇ, ଦିବ୍ୟଲକ୍ଷ୍ମୀ ଜେନା, ଶୁଭଲକ୍ଷ୍ମୀ ଜେନା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୁଷ୍ପାଙ୍କ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମଦ୍ ଭଗବତ ଗୀତାର ଇଂରାଜୀ ଭାଷ୍ୟ ପାଠକାର୍ପିତ

କଟକ ସଦର, (ପିପିଏସ୍): ଆଧ୍ୟାତ୍ମିକ ସାହିତ୍ୟ ଲେଖକ ତଥା ପୁରାଣର ଭାଷ୍ୟକାର ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଦ୍ୱାରା ରଚିତ ଶ୍ରୀମଦ୍ ଭଗବତ ଗୀତାର ଇଂରାଜୀ ଭାଷ୍ୟ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ପାଠାକାର୍ପିତ ହୋଇଯାଇଛି। ବୁଧବାର ଅପରାହ୍ନରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ ଏବଂ ଭୁବନେଶ୍ୱର ଇସ୍‌କନ୍ ପକ୍ଷରୁ ପ୍ରକାଶିତ ପୁସ୍ତକର ସହଯୋଗୀ ବିଭୂତି ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାର୍ଥମୁକ୍ତ ଚିନ୍ତାଧାରା ସୁନ୍ଦର ରାଷ୍ଟ୍ର ଗଠନ କରିପାରିବ

## ସାଇ ଜରା ନିବାସରେ ସଚେତନତା କର୍ମଶାଳା



ଭୁବନେଶ୍ୱର,(ପିପିଏସ୍): ଭୁବନେଶ୍ୱରର ରଘୁନାଥପୁର ସ୍ଥିତ ଶିରିଡି ସାଇ ଆଶ୍ରମ ପରିସରରେ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବି, ସ୍ୱେଚ୍ଛାସେବୀ ଓ ସାଇଭକ୍ତମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଅତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଶ୍ରୀ ସାଇଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରାଯାଇଥିଲା। ରାଷ୍ଟ୍ର ଗଠନରେ ମୋର ସାମାଜିକ ଦାୟିତ୍ୱ ବିଷୟ ଉପରେ ଆଲୋଚନା ଚକ୍ରରେ ବ୍ୟକ୍ତିଗତ ସ୍ୱାର୍ଥ, ଦଳୀୟ ସ୍ୱାର୍ଥ ଓ ରାଜନୈତିକ ସ୍ୱାର୍ଥ ପରିତ୍ୟାଗ କରିବା ସହ ସକରାତ୍ମକ ଚିନ୍ତା ନେଇ ସମସ୍ତେ ମାନବ ସେବା କରିବା ଆବଶ୍ୟକ। ସ୍ୱାର୍ଥମୁକ୍ତ ଚିନ୍ତାଧାରା ଦ୍ୱାରା ସୁନ୍ଦର ରାଷ୍ଟ୍ର ଗଠନ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବାଗ୍ମୀଶ୍ରୀ ଶୋଭାକର ଦାସ ଫତେସିଂ, ରାଜ୍ୟ ବରିଷ୍ଠ ନାଗରିକ ସଂଘ ସଭାପତି ଡଃ ମଧୁମାଧବ ଜେନା, ସମ୍ପାଦକ ଡଃ ଯୁଗଳ କିଶୋର ସାହୁ, ମାୟାଧର ନନ୍ଦ, ବିଜୟ କୁମାର ଦାସ, ସୁରେଶ ଚନ୍ଦ୍ର ରଥ ଓ ବରିଷ୍ଠ ଅଭିନେତା ଅଶ୍ରୁ ମୋଚନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜୟ ଜଗନ୍ନାଥ ପରିବାରର ମୁଖ୍ୟ ଭଗବାନ ଦାଶ, ଏଲପିଟିମ ସମ୍ପାଦକ ଅନିରୁଦ୍ଧ ଲେଙ୍କା ବର୍ତ୍ତମାନ ପରିସ୍ଥିତିରେ ରକ୍ତଦାନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଶ୍ରମର ଟ୍ରଷ୍ଟି ବିଜୟ କୁମାର ପାତ୍ର ସାମାଜିକ ଦାୟିତ୍ୱ ଓ ବୃକ୍ଷ ରୋପଣ ଉପରେ ଆଲୋକପାତ କରିଥିଲେ। ସମସ୍ତେ ଗୋଟିଏ ଗୋଟିଏ ପଣସ ମି ରୋପଣ କରିଥିଲେ। ଏହି ଅବସରରେ କବି ଶୋଭାକର ଦାସ ଫତେସିଂଙ୍କ ରଚିତ ପୁସ୍ତକ ୩୬୫ ସାଇ ଲୀଳା ଉନ୍ମୋଚିତ ହୋଇଥିଲା। ସାମ୍ବାଦିକତା କ୍ଷେତ୍ରରେ ସୁକାନ୍ତ କୁମାର ରାଉତ ଓ ମନୋଜ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶ୍ରମର ସଭାପତି ଆଶିଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

